

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୪ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 14 October 2026

Vol.No. 36 ■ No.270 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ଆସୁଛି

ପୂଜାସଂଖ୍ୟା ସାଗରିକା




# ହର୍ମୁଜ୍‌ରେ ବେଆଇନ ଟୋଲ୍ ଆଦାୟ ବିରୋଧରେ ୬୦ ଦେଶ ଏକଜୁଟ



ନୂଆଦିଲ୍ଲୀ,୧୩/୧୦ : ବିଶ୍ୱର ୬୦ ଦେଶ ଏବେ ହର୍ମୁଜ୍‌ରେ ଜାହାଜ ଚଳାଚଳ ନେଇ ଏକଜୁଟ ହୋଇ ଏକ ସହମତିରେ ପହଞ୍ଚିଛନ୍ତି। ୟୁରୋପୀୟ ସଂଘର ଉଦ୍ୟମରେ ଏସବୁ ଦେଶ ବେଆଇନ ଟୋଲ୍ ଏବଂ ଅନ୍ତର୍ଜାତୀୟ ସାମୁଦ୍ରିକ ମାର୍ଗରେ ପରିବହନ କରୁଥିବା ଜାହାଜଗୁଡ଼ିକ ଉପରେ କଟକଣା ବିରୋଧରେ ପ୍ରତିବାଦ କରିଛନ୍ତି। ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳକୁ ନେଇ ଉତ୍ତେଜନା ବୃଦ୍ଧି ପାଉଥିବା ସମୟରେ ଏକଜୁଟ ହୋଇ ଦେଶଗୁଡ଼ିକ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଅକ୍ଟୋବର ୧୨ ତାରିଖରେ ଜାରି ହୋଇଥିବା ଏହି ଘୋଷଣାନାମାକୁ ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଅଷ୍ଟ୍ରେଲିଆ, ଜାପାନ ଏବଂ ବ୍ରିଟେନ ସମେତ ଅନେକ ଦେଶ ସମର୍ଥନ କରିଛନ୍ତି। ଦେଶଗୁଡ଼ିକ କହିଛନ୍ତି ଯେ, ଆନ୍ତର୍ଜାତୀୟ ସାମୁଦ୍ରିକ ପଥ ଦେଇ ସୁରକ୍ଷିତ ଏବଂ ବାଧାହୀନ ନୌଚାଳନା ବଜାୟ ରଖିବା ପାଇଁ ସେମାନଙ୍କୁ ଏକାଠି କାମ କରିବା ଜରୁରୀ। ଘୋଷଣାପତ୍ରରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ଅନ୍ତର୍ଜାତୀୟ ଜଳପଥରେ ଆଇନଗତ ଭାବରେ ପରିବହନ କରୁଥିବା ଜାହାଜଗୁଡ଼ିକର ଗତିବିଧିକୁ ବାଧା ଦେଉଥିବା ଭଳି ଶୁଳ୍କ ଆଦାୟ କରିବା ଉଚିତ୍ ନୁହେଁ। ଦେଶଗୁଡ଼ିକ ଅଯୌକ୍ତିକ ଶୁଳ୍କ, ପକ୍ଷପାତପୂର୍ଣ୍ଣ କଟକଣା ଏବଂ ପୂର୍ବ ଅନୁମତିର ଆବଶ୍ୟକତା ବିରୋଧରେ ପ୍ରତିବାଦ କରିଛନ୍ତି ବୋଲି ୟୁରୋପୀୟ ସଂଘର ବୈଦେଶିକ ନୀତି ମୁଖ୍ୟ କାଜା କାଲାସ ଘୋଷଣା କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ସମୁଦ୍ର ପଥଗୁଡ଼ିକୁ ଖୋଲା ରଖିବା ଏବଂ କୌଣସି ଦେଶର ଏକପାଖିଆ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଜାହାଜଗୁଡ଼ିକର ଗତିବିଧି ପ୍ରଭାବିତ ନ ହେବା। ହୁତିମାନେ ସାଉଦି ଆରବରେ ଆକ୍ରମଣକୁ ତୀବ୍ର କରି ରିୟାଦ-ଦମ୍ମାମ ବିମାନବନ୍ଦର ସମେତ ଅନ୍ୟ ଅଞ୍ଚଳଗୁଡ଼ିକୁ ଟାର୍ଗେଟ କରିଛନ୍ତି। ଇରାନ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ବିଶ୍ୱର ପ୍ରାୟ ଏକ ପଞ୍ଚମାଂଶ ତୈଳ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସ୍ ହର୍ମୁଜ୍ ସାମୁଦ୍ରିକ ପଥ ଦେଇ ଯାଉଥିଲା। ଇରାନ ନୌଚାଳନା ସୁରକ୍ଷା ଏବଂ ଅନ୍ୟାନ୍ୟ ସେବା ପାଇଁ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକରୁ ଶୁଳ୍କ ଆଦାୟ କରିବାକୁ ଆଗୁଆ ଯୋଜନା କରିଥିଲା।

◆◆ପୃଷ୍ଠା ୭

# ସରିଲା ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରଚାର: ଆଜି ହ୍ୱାଏ ଆଇ ଷ୍ଟାଣ୍ଡ ଫର ମିଟିଂରେ ହେବ ପ୍ରତିଶ୍ରୁତି ବର୍ଷା

ଭୁବନେଶ୍ୱର, ୧୩/୧୦ (ନି.ପ୍ର): ଦିନକ ପରେ ବହୁ ପ୍ରତୀକ୍ଷିତ ଛାତ୍ର ସଂସଦ ନିର୍ବାଚନ। ପ୍ରଚାରର ଶେଷ ଦିନରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜୋରଦାର ହୋଇଛି ପ୍ରଚାର। କ୍ଲାସରୁମରୁ କ୍ଲାସରୁମ୍, ହଷ୍ଟେଲରୁ ହଷ୍ଟେଲ ବୁଲି ବୁଲି ଭୋଟ୍ ମାଗିଛନ୍ତି ପ୍ରାର୍ଥୀ। ଅନ୍ୟପଟେ ଆଜି ବିଭିନ୍ନ ସ୍ଥାନରୁ ଆସିଛି ଛାତ୍ର ଅଶାନ୍ତିର ଦୃଶ୍ୟ। ରାତି ପାହିଲେ ହ୍ୱାଏ ଆଇ ଷ୍ଟାଣ୍ଡ ଫର ମିଟିଂ। ପ୍ରାର୍ଥୀ କହିବେ ମନର କଥା। ଦିନକ ପରେ ନେତା ବାଛିବେ ଛାତ୍ରଛାତ୍ରୀ। ଏହା ପୂର୍ବରୁ ବିଦ୍ୟାର୍ଥୀଙ୍କୁ ମନାଇବା ପାଇଁ ଲାଗିପଡ଼ିଛନ୍ତି ତିନି ପ୍ରମୁଖ ଛାତ୍ର ସଂଗଠନ। ନିର୍ବାଚନକୁ ନେଇ ଛାତ୍ର ସଂଗଠନଗୁଡ଼ିକ ମଧ୍ୟରେ ବଢ଼ିଛି ତତ୍ପରତା। ନିଜ ନିଜର ସମର୍ଥକଙ୍କୁ ଜିତାଇବା ପାଇଁ ଲଗାଇ ଦେଇଛନ୍ତି ସବୁ ବଳ ଓ କୌଶଳ। ବିରାଟ ଶୋଭାଯାତ୍ରା କରିବା ସହ ନିଜର ଶକ୍ତି ଦେଖାଇଛନ୍ତି ଛାତ୍ର ନେତା। ଏପଟେ..ଶେଷ ଦିନରେ ବିଭିନ୍ନ କ୍ୟାମ୍ପସରେ ଜମିଥିଲା ଭୋଜିଭାତର ଆସର। କେଉଁଠି ମାଛ ଘାଣ୍ଟ, ଚିକେନ ତ ପୁଣି କେଉଁଠି ପନିର। ପୁଣି କେଉଁଠି ବଣ୍ଟା ଯାଇଥିଲା ଗୁପଚୁପ, ଦହିବରା । ଛାତ୍ରଛାତ୍ରୀଙ୍କୁ ମନ ପସନ୍ଦର ଖାଦ୍ୟ ଦେଇ ଖୁସି କରିବାକୁ ଉଦ୍ୟମ କରିଛନ୍ତି ପ୍ରାର୍ଥୀ। ଗୋଟିଏ ପଟେ ପ୍ରଚାର ଜୋରଦାର ଚାଲିଥିବାବେଳେ ଅନ୍ୟପଟେ ବିଭିନ୍ନ ସ୍ଥାନରୁ ଆସିବାରେ ଲାଗିଛି ଅଶାନ୍ତିର ଖବର।

◆◆ପୃଷ୍ଠା ୭

# ମମତା ବାନାର୍ଜୀଙ୍କୁ ଆକ୍ରମଣ ଉଦ୍ୟମ: ଶାଢ଼ି ଟାଣିଲେ ଯୁବତୀ, ପାଖରୁ ମିଳିଲା ଛୁରୀ



ନୂଆଦିଲ୍ଲୀ,୧୩/୧୦ : ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଝଗଡ) ମୁଖ୍ୟ ମମତା ବାନାର୍ଜୀଙ୍କୁ ଆକ୍ରମଣ ଉଦ୍ୟମ ଅଭିଯୋଗକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। କୋଲକାତାର କାଳୀଘାଟରେ ଦୁର୍ଗାପୂଜା ପେଣ୍ଡାଲ ଉଦ୍‌ଘାଟନ କରିବାକୁ ଯାଉଥିବା ସମୟରେ ଜଣେ ଯୁବତୀ ମମତାଙ୍କ ଉପରେ ଆକ୍ରମଣ ଉଦ୍ୟମ

◆◆ପୃଷ୍ଠା ୭

# ଇସ୍ତଫା ଦେଲେ କେନ୍ଦ୍ରମନ୍ତ୍ରୀ ଡ. ଏଲ୍. ମୁରୁଗାନ୍

ନୂଆଦିଲ୍ଲୀ,୧୩/୧୦ : ମୋଦୀ କ୍ୟାବିନେଟ୍‌ରୁ ବିଜେପିର ବରିଷ୍ଠ ନେତା ଏଲ୍. ମୁରୁଗାନ୍ ଇସ୍ତଫା ଦେଇଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ମୁରୁଗାନ୍ ରାଜ୍ୟସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ଦୁଇ ମନ୍ତ୍ରଣାଳୟର ଦାୟିତ୍ୱ ତୁଲାଉଥିବା ମୁରୁଗାନ୍ 'ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଭାରତମାତା ଓ ତାମିଲନାଡୁର ସେବା କରିବା ତାଙ୍କ ଜୀବନର ସବୁଠାରୁ ବଡ଼ ସମ୍ମାନ ଥିଲା।' ସେ କହିଛନ୍ତି, "ଦିନମଜୁରିଆଙ୍କ ପୁଅ ହେବାଠାରୁ ଆରମ୍ଭ କରି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ରୀୟ ମନ୍ତ୍ରିପରିଷଦରେ ସେବା କରିବା ପର୍ଯ୍ୟନ୍ତ ଯାତ୍ରା ମୋ ଜୀବନର ସବୁଠାରୁ ବଡ଼ ସୌଭାଗ୍ୟ ରହିଛି। ଏବେ ମୁଁ ତୃଣମୂଳ ସ୍ତରକୁ ଫେରିବାକୁ ଚାହୁଁଛି। ନିଜ କାର୍ମକର୍ତ୍ତାଙ୍କ ସହ ଠିଆ ହେବାକୁ ଚାହୁଁଛି ଏବଂ ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ତାମିଲନାଡୁରେ ବିଜେପିକୁ ମଜବୁତ କରିବା ପାଇଁ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପିତ କରିବାକୁ ଚାହୁଁଛି।

# ରାଜ୍ୟ କ୍ୟାବିନେଟ୍‌ର ବଡ଼ ନିଷ୍ପତ୍ତି: ୧୧ଟି ବିଭାଗର ୧୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରି



ଭୁବନେଶ୍ୱର, ୧୩/୧୦ (ନି.ପ୍ର): ରାଜ୍ୟ ବିକାଶକୁ ନୂଆ ଦିଗ ଦେବା ପାଇଁ ଶେଷ ହୋଇଛି ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ! ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟବାସୀଙ୍କ ହିତ ଉଦ୍ଦେଶ୍ୟରେ ନିଆଯାଇଛି ଏକାଧିକ ବଡ଼ ପଦକ୍ଷେପ । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଭିତ୍ତିଭୂମି ସମେତ ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ କ୍ୟାବିନେଟ୍ ମୋଟ ୧୧ଟି ବିଭାର ୧୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ନିଜର ଚୂଡ଼ାନ୍ତ ମୋହର ଲଗାଇଛି । ଏହି ନିଷ୍ପତ୍ତି ଫଳରେ ବିଭିନ୍ନ ବର୍ଗର ଲୋକମାନେ ଉପକୃତ ହେବାକୁ ଯାଉଥିବା ବେଳେ ପ୍ରଶାସନିକ ସ୍ତରରେ ବିକାଶ କାର୍ଯ୍ୟ ଆହୁରି ଦ୍ରୁତଗାମୀ ହେବ । ବୈଠକରେ ପାରିତ ହୋଇଥିବା ପ୍ରସ୍ତାବଗୁଡ଼ିକ ମଧ୍ୟରେ ସାଧାରଣ ଲୋକଙ୍କ ସାମାଜିକ ନିରାପତ୍ତା ଏବଂ ଜୀବନଧାରଣର ମାନ ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି । ମହିଳା ଓ ଶିଶୁ ବିକାଶ, ଖାଦ୍ୟ ଯୋଗାଣ ତଥା ଉଚ୍ଚଶିକ୍ଷା କ୍ଷେତ୍ରରେ କେତେକ ବଡ଼ ସଂସ୍କାରମୂଳକ ନିଷ୍ପତ୍ତି ନିଆଯାଇଛି । ରାଜ୍ୟର ତୃଣମୂଳ ସ୍ତରର ସେବା ଯୋଗାଣକାରୀ କର୍ମଚାରୀଙ୍କ ସଶକ୍ତୀକରଣ ଏବଂ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାରେ ସୁଯୋଗ ସମ୍ପ୍ରସାରଣ ପାଇଁ ବୈଠକରେ ବ୍ୟାପକ ଆଲୋଚନା କରାଯାଇ ନୀତିଗତ ଅନୁମୋଦନ ଦିଆଯାଇଛି । ଏହା ସହିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ସନ୍ତୁଳିତ ବିକାଶ ବଜାୟ ରଖିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି । ରାଜ୍ୟର ଅର୍ଥନୈତିକ ପ୍ରଗତିକୁ ମଜଭୁତ କରିବା ପାଇଁ ଭିତ୍ତିଭୂମି ନିର୍ମାଣ, ଶିଳ୍ପ ଏବଂ କୃଷି ଆଧାରିତ ଉଦ୍ୟୋଗଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ କ୍ୟାବିନେଟ୍ ସବୁଜ ସଙ୍କେତ ଦେଇଛି । ବିଶେଷ କରି ସହରାଞ୍ଚଳ ପରିବହନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା, ପାରମ୍ପରିକ ବୟନ ଶିଳ୍ପର ବିକାଶ ଓ କୃଷି ଉତ୍ପାଦନର ଉଚିତ୍ ବିନିଯୋଗ ଲାଗି ସ୍ୱତନ୍ତ୍ର ଯୋଜନାକୁ ଅନୁମୋଦନ ମିଳିଛି । ସରକାରୀ ସମ୍ପତ୍ତିର ସଠିକ୍ ପରିଚାଳନା ଏବଂ ରାଜ୍ୟର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକର ରୂପାନ୍ତରଣ ପାଇଁ ବଡ଼ ବଜେଟ୍ ବ୍ୟବସ୍ଥାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି, ଯାହା ଆଗାମୀ ଦିନରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ । କ୍ୟାବିନେଟ୍ ବୈଠକ ଶେଷ ହେବା ପରେ ମୁଖ୍ୟ ଶାସନ ସଚିବ ଗଣମାଧ୍ୟମକୁ ସମସ୍ତ ଅନୁମୋଦିତ

# ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ

ବଲାଙ୍ଗୀର, ୧୩/୧୦ (ନି.ପ୍ର): ଜମିର କିସମ ବଦଳାଇବା ପାଇଁ ଟଙ୍କା ଲାଞ୍ଚ ନେଲା ବେଳେ ବଲାଙ୍ଗୀର ଜିଲ୍ଲା ସଇଁତଲା ରାଜସ୍ୱ ନିରୀକ୍ଷକ ଆଲେନ ବେହେରା ଭିଜିଲାନ୍ସହାତରେ ଧରାପଡ଼ିଛନ୍ତି। ଓଡ଼ିଶା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ, ଜଣେ ଆବେଦନକାରୀ କୃଷିଜମିର କିସମ ବଦଳାଇ ଏହାକୁ ଘରବାରୀରେ ପରିଣତ କରିବା ପାଇଁ ସରକାରୀ ବ୍ୟବସ୍ଥା ଅନୁସାରେ ଅନ୍‌ଲାଇନ୍ ଆବେଦନ କରିଥିଲେ। ଏଥି ସହିତ ପ୍ରକ୍ରିୟା ଶୀଘ୍ର କରିବା ପାଇଁ ସେ ରାଜସ୍ୱ ନିରୀକ୍ଷକ ଆଲେନ ବେହରାଙ୍କ ସହିତ ଯୋଗାଯୋଗ କରିଥିଲେ। ତେବେ ଶ୍ରୀ ବେହେରା ଏହି କାମ କରିବା ପାଇଁ ପ୍ରଥମେ ୬୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ତେବେ ଏହି ଲାଞ୍ଚ କାରବାର ନେଇ ଆବେଦନକାରୀ ଭିଜିଲାନ୍ସ ବିଭାଗକୁ ସୂଚନା ଦେଇଥିଲେ ଏବଂ ଶ୍ରୀ ବେହେରାଙ୍କୁ ପାନେ ଦେବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଆବେଦନକାରୀଙ୍କ ଠାରୁ ଆଜି ଶ୍ରୀ ବେହେରା ୩୦୦୦ ଟଙ୍କା ଲାଞ୍ଚ ନେଉଥିଲା ବେଳେ ଭିଜିଲାନ୍ସ ବିଭାଗ ଅତର୍କିତ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ଲାଞ୍ଚରେ ବ୍ୟବହାର ହୋଇଥିବା ୩୦୦୦ ଟଙ୍କା ଜବତ ହୋଇଛି। ଏନେଇ ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁ କରିଛି। ଏହି ଘଟଣା ପରେ ଶ୍ରୀ ବେହେରାଙ୍କର ୨ଟି ସ୍ଥାନରେ ସର୍ଚ୍ଚ ଅପରେସନ ଚାଲିଛି। ଅଧିକ ତଦନ୍ତ ଜାରି ରହିଛି।

# ଉପାନ୍ତରେ ବିଜେଡିର ରଣନୀତି: ଫୋକସ୍‌ରେ ପଞ୍ଚାୟତ ନିର୍ବାଚନ

ଭୁବନେଶ୍ୱର, ୧୩/୧୦ (ନି.ପ୍ର): ଉପାନ୍ତରେ ବିଜେଡିର ରଣନୀତି । ଫୋକସ୍‌ରେ ପଞ୍ଚାୟତ ନିର୍ବାଚନ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଗାଁ ଗାଁରେ ଜନସମ୍ପର୍କ ବଢ଼ାଇବାକୁ ଉଦ୍ୟମ କରୁଛି ବିଜେଡି। ମାଥିଲି ବ୍ଲକର କିଆଙ୍ଗଠାରେ ଆୟୋଜିତ ହୋଇଥିଲା ଦଳର ଜନସମ୍ପର୍କ ପଦଯାତ୍ରା। ଦଳୀୟ ନେତା, ବରିଷ୍ଠ କର୍ମକର୍ତ୍ତା ଓ ଜନପ୍ରତିନିଧିଙ୍କ ଉପସ୍ଥିତିରେ ଶୋଭାଯାତ୍ରା ମାଧ୍ୟମରେ ଅଞ୍ଚଳ ପରିକ୍ରମା କରାଯାଇଥିଲା। ଏହି ପଦଯାତ୍ରା ପଛରେ ରାଜନୈତିକ ରଣନୀତି ରହିଥିବା ନେଇ ଚର୍ଚ୍ଚା ହେଉଛି। ବିଜେଡି ସରକାର ସମୟରେ ହୋଇଥିବା ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ମନେ ପକାଇବା ସହ ବର୍ତ୍ତମାନର ସରକାରଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଦଳୀୟ ନେତା। ଏହାସହ ପଞ୍ଚାୟତ ନିର୍ବାଚନ ପୂର୍ବରୁ ତୃଣମୂଳସ୍ତରରେ ଦଳର ସ୍ଥିତି ପରଖିବା ଓ କର୍ମୀଙ୍କ ମନୋବଳ ବଢ଼ାଇବା ଉପରେ ଦିଆଯାଇଛି ଗୁରୁତ୍ୱ । ୨୦୨୨ ପଞ୍ଚାୟତ ନିର୍ବାଚନରେ ମାଥିଲି ବ୍ଲକର ୩ଟି ଜିଲ୍ଲା ପରିଷଦ ଜୋନ୍ ?ରେ ବିଜୟ ଲାଭ କରିଥିଲା ବିଜୁ ଜନତା ଦଳ। ସରପଞ୍ଚ ଓ ସମିତିସଭ୍ୟ ପଦରେ ମଧ୍ୟ ଦଳ ସମର୍ଥିତ ପ୍ରାର୍ଥୀମାନେ ବିଜୟୀ ହୋଇଥିଲେ। ସେହି ସଫଳତାକୁ ଆଧାର କରି ପୁଣିଥରେ ସଂଗଠନକୁ ସୁଦୃଢ଼ କରିବାକୁ ପ୍ରୟାସ ଚାଲିଥିବା ଉଲ୍ଲେଖ କରିଛନ୍ତି ଦଳୀୟ ନେତା।

# ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଇସ୍ତଫା ଦାବିରେ ସରଗରମ ଦିଲ୍ଲୀ ରାଜନୀତି



ନୂଆଦିଲ୍ଲୀ,୧୩/୧୦ : ଦିଲ୍ଲୀରେ ହେଉ କି ଦେଶରେ । ଥମିବାର ନାଁ ଧରୁନି ଏସ୍‌ଆଇଆର୍ ତାତି । ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆଜି ରାଜଧାନୀ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି । କଟକଣା ଲାଗୁ ହେବା ସତ୍ତ୍ୱେ ଜନ୍ତରମନ୍ତର ଦଖଲ କରିବାକୁ ଯାଇ ପୁଣି ଅଟକ ହୋଇଛନ୍ତି ସିଜେପି ସଦସ୍ୟ । ସେପଟେ ଇଣ୍ଡି ମେଣ୍ଟ ପକ୍ଷରୁ କାଲି ଦାୟର ପିଟିସନ୍‌ରେ ଥିବା ତ୍ରୁଟିକୁ ସୁଧାରିବା ପରେ ହିଁ ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ ହେବ ବୋଲି ସ୍ପଷ୍ଟ କରିଛନ୍ତି ସୁପ୍ରିମକୋର୍ଟ । ନା କିଛି ଆଗୁଆ ସୂଚନା ଥିଲା, ନା ସୁରକ୍ଷା କର୍ମୀଙ୍କୁ କୌଣସି ସୁରାଗ୍ ମିଳିଥିଲା । ଅଚାନକ ହଲ୍ଲାବୋଲ କଲା ଛାତ୍ର କଂଗ୍ରେସ । ଦିଲ୍ଲୀ କନ୍ନୌଟପ୍ଲେସ୍‌ରେ ଫ୍ଲାସ୍ ପ୍ରୋଟେଷ୍ଟ ବା ଅଚାନକ ବିକ୍ଷୋଭ ପ୍ରଦର୍ଶନ କରିଛି ଏନ୍‌ଏସ୍‌ୟୁଆଇ । ନାରାବାଜି ଓ ପ୍ରବଳ ଉତ୍ତେଜନା ପରେ, ସେମାନଙ୍କୁ ବସ୍‌ରେ ଉଠାଇନେଇଛି ପୁଲିସ । ଏଥିପାଇଁ ସୁରକ୍ଷାକର୍ମୀଙ୍କୁ ବେଶ୍ କିଛି ସମୟ ଧରି ନାକେଦମ୍ ହେବାକୁ ପଡ଼ିଥିଲା। ସେପଟେ ଜନ୍ତରମନ୍ତରରେ ଧାରଣା ଓ ପ୍ରଦର୍ଶନ ଉପରେ କଟକଣା ଲାଗିବା ସତ୍ତ୍ୱେ, ଆଜି ସେଠାରେ ଏକାଠି ହୋଇଥିଲା ସିଜେପି । ଅଧିକାର ସାବ୍ୟସ୍ତ କରିବାକୁ ସଂଗଠନର ଛାମୁଆ ସଦସ୍ୟ ସୌରଭ ଦାସ ଓ ଆଶୁତୋଷ ରାଙ୍କା କିଛି ସହଯୋଗୀଙ୍କ ସହ ଜନ୍ତରମନ୍ତର ଆଡ଼କୁ ଯିବା ବେଳେ, ସେମାନଙ୍କୁ ରୋକିବା ସହ ହେପାଜତକୁ ନେଇଥିଲା ଦିଲ୍ଲୀ ପୁଲିସ । କକ୍ରୋଚ ଜନତା ପାର୍ଟିର କିଛି ସଦସ୍ୟ ଜନ୍ତରମନ୍ତରକୁ ଯିବା ପାଇଁ ଲୁହା ଗେଟ୍ ଡେଇଁଥିବା ଦେଖିବାକୁ ମିଳିଛି । ସୁପ୍ରିମକୋର୍ଟ ଆଇନଜୀବୀମାନେ ମଧ୍ୟ ଓକିଲଙ୍କୁ ପୁଲିସର ଆକ୍ରମଣ ପ୍ରତିବାଦରେ ଏକାଠି ସ୍ୱର ଉତ୍ତୋଳନ କରିଛନ୍ତି । ଗତକାଲି ବିଶାଳ ପଦଯାତ୍ରା ପରେ, ରାହୁଲ ଗାନ୍ଧୀ ଆଜି ଇଣ୍ଡି ମେଣ୍ଟର ସାଂସଦ, ଛାତ୍ର ସଂଗଠନ ଓ ସିଭିଲ ସୋସାଇଟି ସଦସ୍ୟଙ୍କୁ ନିଜ ଘରକୁ ଚା ପିଇବାକୁ ନିମନ୍ତ୍ରଣ କରିଛନ୍ତି । ସମସ୍ତଙ୍କ ପ୍ରତିବାଦର ଲକ୍ଷ୍ୟ ଗୋଟିଏ ବୋଲି ବାର୍ତ୍ତା ଦେବାକୁ ଚାହିଁଛନ୍ତି ବିରୋଧୀ ଦଳ ନେତା । କାଲି ଇଣ୍ଡି ମେଣ୍ଟ ପକ୍ଷରୁ ସୁପ୍ରିମକୋର୍ଟରେ ଦାୟର ପିଟିସନ୍‌ରେ ୧୪ଟି ତ୍ରୁଟି ଥିବାରୁ, ଏହାକୁ ସୁଧାରିବା ପରେ ହିଁ ଏହା ଶୁଣାଣି ପାଇଁ ତାଲିକାଭୁକ୍ତ ହେବ । ସେପଟେ ସିଜେପି ଆନ୍ଦୋଳନ ବେଳେ ବେଆଇନ ଅଟକ ଓ ଆକ୍ରମଣ ଅଭିଯୋଗ ଏବଂ ମେଟ୍ରୋ ବନ୍ଦ ନିଷ୍ପତ୍ତି ବିରୋଧରେ ଦାୟର ମାମଲାର ଶୁଣାଣି ୧୫ ତାରିଖକୁ ଘୁଞ୍ଚିଛି । ଜଷ୍ଟିସ୍ ଭି ମୋହନା ଅସୁସ୍ଥ ଥିବାରୁ ଶୁଣାଣିକୁ ଘୁଞ୍ଚାଇ ଦିଆଯାଇଛି । କେନ୍ଦ୍ର ସରକାର ମଧ୍ୟ ସତ୍ୟପାଠ ଦାଖଲ ପାଇଁ ଅଧିକ ସମୟ ମାଗିଛନ୍ତି ।

◆◆ପୃଷ୍ଠା ୭


ସାଗରିକା



ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ପର୍ବ ଓ ସାରସ୍ୱତ ସମାରୋହ- ୨୦୨୬

ମହାଶୟ/ ମହାଶୟା;

ସାହିତ୍ୟ ସଂସ୍କୃତି ପତ୍ରିକା 'ସାଗରିକା'ର ଶାରଦୀୟ ବିଶେଷାଙ୍କର ଉନ୍ମୋଚନ ଉତ୍ସବ ତଥା ସାରସ୍ୱତ ସମାରୋହ ଷ୍ଟେସନ କ୍ଲବ (ଦୁର୍ଗା ମେଡିସିନ୍ ଷ୍ଟୋର ପାଖ) ସଭାଗୃହରେ ତା ୧୭.୧୦.୨୦୨୬ ଶନିବାର ସଂଧ୍ୟା ୬ ଘଟିକା ସମୟରେ ଅନୁଷ୍ଠିତ ହେବ।

ଆପଣ ଏହି ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ସଭାରେ ଯୋଗଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାକୁ ଆମର ବିନମ୍ର ଅନୁରୋଧ।

ଆପଣଙ୍କ ଅପେକ୍ଷାରେ....

ସୃଷ୍ଟିଧର ପରିଡ଼ା

ମୁଖ୍ୟ ସମ୍ପାଦକ: ସାଗରିକା/ ଧ୍ୱନି ପ୍ରତିଧ୍ୱନି ବାଲେଶ୍ୱର

# ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ

ଧର୍ମଶାଳା,୧୩/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଅସହାୟ ଲୋକମାନଙ୍କୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆଜି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପରିଚାଳିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ମାଧ୍ୟମରେ ବିଧାୟକ ଶ୍ରୀ ସାହୁ ବିଭିନ୍ନ ଅସହାୟ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସହାୟତାର ହାତ ବଢାଇ ଚାଲିଛନ୍ତି। ଧର୍ମଶାଳା ବିଧାୟକ ଶ୍ରୀ ସାହୁ ଏହି ଟ୍ରଷ୍ଟ ମାଧ୍ୟମରେ ଗରିବ ଓ ଅସହାୟ ଲୋକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇ ଆସୁଛନ୍ତି। ଏହିକ୍ରମରେ ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆଜି ଟ୍ରଷ୍ଟର ସଦସ୍ୟମାନେ ସ୍ୱାମୀର ଦେହ ଅସୁସ୍ଥତ ଯୋଗୁ ପରିବାରରେ ଆର୍ଥିକ ପରିସ୍ଥିତି ଲାଗିରହିବା ଜାଣି ରାଇଛନ୍ଦା ପଂଚାୟତ ରାଇଛନ୍ଦା ଗ୍ରାମର ହିନା ମଲିକ, ଆର୍ଥିକ ଅନାଟନରେ ଦିନ ବିତାଉଥିବା ଏଣ୍ଡଲବା ପଂଚାୟତ ତେନ୍ତୋଳା ଗ୍ରାମର ରାଧା ଦେଉରୀ, ପାଠ ପଢିବାକୁ ଯିବା ଲାଗି ଝିଅର ସାଇକଲ ଆବଶ୍ୟକ ଥିବାରୁ ତାଳଜଙ୍ଗ ପଂଚାୟତ ତାଳଜଙ୍ଗ ଗ୍ରାମର ରବିନ୍ଦ୍ର ଦାସ, ବ୍ରହ୍ମପୁରରେ ଶାରୀରିକ ଶିକ୍ଷା ନେବା ଲାଗି ଆର୍ଥର ଆବଶ୍ୟକ ଥିବାରୁ ସଂପାରୁ ପଂଚାୟତ କାଦୁଅମାଗୁରା ଗ୍ରାମର ସତ୍ୟ ପ୍ରକାଶ ବାରିକ, ଉଚ୍ଚଶିକ୍ଷା ନିମନ୍ତେ କ୍ଷେତ୍ରପାଳ ପଂଚାୟତ ଗୋପାଳପୁର ଗ୍ରାମର ମାନସ ରଂଜନ ସାହୁ, ଉଚ୍ଚଶିକ୍ଷା ଲାଗି ଅରେଇକଣା ପଂଚାୟତ ଅରେଇକଣା ଗ୍ରାମର ମନିଶା ରାୟ,ଚିକିତ୍ସା ନିମନ୍ତେ ରସୁଲପୁର ପଂଚାୟତ ଖଣ୍ଡିତର ଗ୍ରାମର ପ୍ରଦୀପ କୁମାର କର, ମର୍ଜିତାପୁର ପଂଚାୟତ ନୂଆସାହି ଗ୍ରାମର ଅନାଥ ନିଖିଳ ନାଥଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଆଜି ଟ୍ରଷ୍ଟର ସଦସ୍ୟମାନେ ସେମାନଙ୍କ ଘରେ ପହଁଚି ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ଅସହାୟ ଓ ଆର୍ଥିକ ଭାବେ ଅନଗ୍ରସର ଲୋକମଙ୍କୁ ଟ୍ରଷ୍ଟ ପକ୍ଷରୁ ଏଭଳି ସହାୟତା ଜାରି ରହିବ ବୋଲି ବିଧାୟକ ଶ୍ରୀ ସାହୁ ସୁଚନା ଦେଇଛନ୍ତି।

## ରକ୍ତଚାପ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୧୩/୧୦ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ରକ୍ତଚାପ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଆରୋଗ୍ୟ ଭାରତୀ ଅଧକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି ରକ୍ତଚାପ ରୋଗର କାରଣ ନିରାକରଣ ସମ୍ବନ୍ଧରେ ବୁଝାଇଥିଲେ । ବର୍ତମାନ କିଶୋରଠୁ ବୃଦ୍ଧ ସମସ୍ତେ ବ୍ୟସ୍ତ, ଧୈର୍ଯ୍ୟହରା ଏଣୁ ରକ୍ତଚାପ ବଢୁଛି।ଆମିଷ, ପନିର, ଅଶୁଦ୍ଧ କ୍ଷୀର, ଘିଅ, ପୋଡ଼ାତେଲ ଛଣାଖାଦ୍ୟ, ଧୂମପାନ, ମଦ୍ୟପାନ, ଚିନ୍ତା, ଆଳସ୍ୟ ଓ କ୍ରୋଧ ଦ୍ୱାରା ଚର୍ବି ବଢି ରକ୍ତଚାପ ହୁଏ କ୍ଷ ଏହି ସବୁ କାରଣ ତ୍ୟାଗ କରି ସାତ ଘଂଟା ଶୋଇବେ, ସକାଳ ସନ୍ଧ୍ୟା ଅଧା ଘଂଟା ଲେଖାଏଁ ଧ୍ୟାନ, ଆସନ କରିବେ, ରକ୍ତଚାପରେ ସର୍ପଗନ୍ଧା ମୂଳ, ବ୍ରାହ୍ମୀ, ଅର୍ଜୁନ ଛାଲି କ୍ୱାଥ, ଜୁଆଣି ସେବନ କଲେ ରକ୍ତଚାପ ସହ ଚର୍ବି ମଧ ଭଲ ହୋଇଯାଏ ।

# ସରଗରମ ହେଉଛି କଲେଜ ରାଜନୀତି: ୩ ଦଳରୁ ଚାଓମିନ ଓ ଗୁପଚୁପର ମଜା ନେଉଛନ୍ତି ଛାତ୍ର ଭୋଟର



ଖଇରା,୧୩/୧୦ (ନି.ପ୍ର): ନିର୍ବାଚନ ଯେତେ ପାଖେଇ ଆସୁଛି ଖଇରା କଲେଜ ରେ ରାଜନୀତୀ ସରଗରମ ହେବାରେ ଲାଗିଛି । ସୋମବାର ୩ ଛାତ୍ର ସଙ୍ଗଠନ ଏବିଭିପି, ବିସିଜେଡି ଓ ଏନଏସୟୁଆଇ ପକ୍ଷରୁ କଲେଜ ସମ୍ମୁଖରେ ପିଲାଙ୍କୁ ଆକୃଷ୍ଟ କରିବା ଲାଗି ବିରିଆନି,ଚାଓମିନ ଓ ଗୁପଚୁପ ର ବ୍ୟବସ୍ଥା କରାଯାଇଛି । ଭୋଟର ମାନେ ସବୁ ଷ୍ଟଲ ବୁଲି ଏହି ଫାଷ୍ଟଫୁଡ ଖାଇବାର ମଜା ନେଉଛନ୍ତି । ଭାଷଣ ମାଧ୍ୟମରେ ପିଲାଙ୍କୁ ଆକୃଷ୍ଟ କରିବାକୁ କମ ଗୁରୁତ୍ୱ ଦିଆଯାଉଛି । ଚଳିତ ବର୍ଷ ଖଇରା କଲେଜରେ ଉପରୋକ୍ତ ୩ ଛାତ୍ର ସଙ୍ଗଠନ ସହିତ କିଛି ସ୍ୱାଧିନ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି । ସଭାପତି ପ୍ରାର୍ଥୀ ଭାବେ ଏବିଭିପିରୁ ଶ୍ରୀତମ ଦାସ,ବିସିଜେଡିରୁ ଲକ୍ଷ୍ମୀପ୍ରିୟା ଜେନା, ଏନଏସୟୁଆଇରୁ ଗୀତାଞ୍ଜଳୀ ବେହେରା ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଆଶିଷ କୁମାର ଦାସ ସ୍ୱାଧିନ ଭାବେ ଲଢୁଛନ୍ତି । ସେହିଭଳି ସାଧାରଣ ସମ୍ପାଦକ ପ୍ରାର୍ଥୀ ଭାବେ ଏବିଭିପିରୁ ମାନସ ପ୍ରିତମ ଲେଙ୍କା, ବିସିଜେଡିରୁ ଆଶିଷ ସବ୍ୟସାଚୀ ଲେଙ୍କା, ଏନଏସୟୁଆଇ ରୁ ଲୋପାମୁଦ୍ରା ସେଠୀ ଙ୍କ ମଧ୍ୟରେ ତ୍ରିକୋଣୀୟ ମୁକାବିଲା ହେଉଥିବା ବେଳେ ଚିନ୍ମୟୀ ସେଠୀ ସ୍ୱାଧୀନ ପ୍ରାର୍ଥୀ ଭାବେ ମନୋନୟନ ପତ୍ର ଦାଖଲ କରିଛନ୍ତି । ଏବିଭିପିର ପ୍ରାର୍ଥୀଙ୍କୁ ବିସିଜେଡିର ପ୍ରାର୍ଥୀ ମାନେ କଡା ଟକ୍କର ଦେଉଛନ୍ତି । ୬ଟି ପଦବୀ ରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ବେଳେ ବାକି ପଦବୀ ଗୁଡିକରେ କଡା ପ୍ରତିଦ୍ୱନ୍ଦିତା ଦେଖିବାକୁ ମିଳୁଛି । ଶ୍ରେଣୀ କକ୍ଷରେ ନିଜ ସପକ୍ଷରେ ପ୍ରାର୍ଥୀମାନେ ଭାଷଣ କୁ ଅଧୀକ ଗୁରୁତ୍ୱ ନଦେଇ ଫାଷ୍ଟ ଫୁଡ ଖୁଆଇ ନିଜ ସପକ୍ଷରେ ଆକର୍ଷିତ କରିବାରେ ଲାଗିଛନ୍ତି ।

# ଏଆଇଟିୟୁସିର ୫ମ ବଲାଙ୍ଗୀର ଜିଲ୍ଲା ସମ୍ମିଳନୀ

ବଲାଙ୍ଗୀର,୧୩/୧୦ (ନି.ପ୍ର): ଦେଶର ସର୍ବପ୍ରଥମ ଟ୍ରେଡ ୟୁନିୟନ ସଂଗଠନ ଏଆଇଟିୟୁସି ବଲାଙ୍ଗିର ଜିଲ୍ଲା କମିଟି ତରଫରୁ ସ୍ଥାନୀୟ ଗୋୟଲ ଧର୍ମଶାଳାରେ ୫ମ ବଲାଙ୍ଗୀର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ତୀର୍ଥ ପଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇ ଏହି ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ବିଜୟ ଜେନା ଯୋଗ ଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରି ତାଙ୍କ ବକ୍ତବ୍ୟରେ ଜିଲ୍ଲାର ଶ୍ରମିକ ସଂଗଠନର କାର୍ଯ୍ୟକଳାପ, ସମସ୍ୟା, ଅଧିକାର, ମଜୁରି, ସାମାଜିକ ସୁରକ୍ଷା ଓ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ବଲାଙ୍ଗୀର ଜିଲ୍ଲାର ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ତୀର୍ଥ ପଧାନ, କାର୍ଯ୍ୟକାରୀ ସଭାପତି ମନୋଜ ଗୌଡ, ଉପ-ସଭାପତି ପାଣ୍ଡବ ଭୋଇ, ହରପ୍ରୀୟା କୁମ୍ଭାର, ପି.ଦାମୋଦର ରାଓ, ସଂପାଦକ ଜଗବନ୍ଧୁ ବେହେରା, ସହ-ସଂପାଦକ ସାଏବୁ ନନ୍ଦ, ଦିଲିପ ଭୋଇ, ବିଦୂର କୁମ୍ଭାର, ପ୍ରଭାସିନୀ ରାଏ, କମଳ ଭୋଇ, ଶୋଭାଗିନୀ ବାଗ, ପୂର୍ଣ୍ଣିମା ହରପାଲ, କୋଷାଧକ୍ଷ ପ୍ରବୀର କୁମ୍ଭାର କର୍ଣ୍ଣ, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଭାବେ ମାଧବୀ କଲତା, ବଲ୍ଲଭି ସିଂ, ରାଜକୁମାର ଜଗଦଲ୍ଲା, ଓମି ଗୁପ୍ତା, ରସିକ ରଣା, ଶ୍ୟାମ ପୁଟେଲ, ପୁରୁଷୋତମ କର୍ମୀ, ଦମୟନ୍ତି ମହାନନ୍ଦ, ନିରାକାର ପଧାନ ଓ ଘାସିରାମ ସାହୁ ମନୋନିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଜ୍ଜ୍ୱଳି ମେହେର, ଜାହ୍ନବି ବାରିକ, ପ୍ରମୋଦିନୀ ନାଏକ, ଦୁର୍ଗା ନାହାକ, ଲତା ପୁଟେଲ, ମାଧବୀ ବେହେରା, ସଂଜୁ ବାଗ, ପୁଷ୍ପଲତା ଦୀପ, ଶୋଭାଗିନୀ ତାଣ୍ଡି, ଅଯୋଧ୍ୟା ବରିହା, ସଂଗୀତା ହରପାଲ, ମୁକ୍ତା ଉଦୁରକୁଲିଆ, ସବିତା କୁମ୍ଭାର, ଅହଲ୍ୟା ବାଗ, ମହେନ୍ଦ୍ର ରଣା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ। ଉକ୍ତ ସମ୍ମିଳନୀରେ ଜିଲ୍ଲାର ଆଶା କର୍ମୀ, ପାଚିକା ସହାୟିକା, ନିର୍ମାଣ ଶ୍ରମିକ, ପଂଚାୟତ ଶ୍ରମିକ ସଂଘ, ବିଦ୍ୟୁତ କର୍ମଚାରୀ ସଂଘ, ପ୍ରତିରକ୍ଷା କର୍ମଚାରୀ ସଂଘ, ଉଦ୍ୟାନ ସାଥୀ ସଂଘର କର୍ମକର୍ତାମାନେ ଯୋଗ ଦେଇଥିଲେ। ଶେଷରେ ସାଏବୁ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଦାରୀ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ଏବଂ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ,୧୩/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଗୁଦାରୀ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ଏବଂ ସୁରଭି କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । କଲାଡ଼ି ଗ୍ରାମ ସ୍ଥିତ ମା ବରାଳଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗୀତା ଏବଂ ତର୍କ, ବକ୍ତୃତା, ପ୍ରବନ୍ଧଲିଖନ, ଶ୍ରୁତଲିଖନ, ସୁନ୍ଦର ହସ୍ତାକ୍ଷର, ଚିତ୍ରାଙ୍କନ, କୁଇଜ, ସଙ୍ଗୀତ, ନୃତ୍ୟ, ପି.ଏମ ପୋଷଣ ଚିତ୍ରକଳା, ହସ୍ତଶିଳ୍ପ, ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ଆଧାରିତ ଚିତ୍ରାଙ୍କନ, ଗଣିତ ଦୌଡ, ଗଣିତ କୁଇଜ ଓ ଗଳ୍ପକଥନ ଭଳି ପ୍ରତିଯୋଗୀତା ଆଦି ଆୟୋଜିତ ହୋଇଥିଲା । ଏଥିରେ ଗୁଦାରୀ କ୍ଲଷ୍ଟରର ଦଶ ଗୋଟି ବିଦ୍ୟାଳୟରୁ ସମୁଦାୟ ୧୩୦ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ପରେ ପରେ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ସଭାପତି ଲମ୍ବୋଦର କହଁର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର କୁମାର ବିଶି, ଯୁଧିଷ୍ଠିର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ଖଇରା ବ୍ଲକରେ ସେବା ସେତୁ ଅଭିଯାନ କାର୍ଯ୍ୟକ୍ରମ: ଭାଜପା ସରକାରର ସଫଳତା ବଖାଣିଲେ ବିଧାୟକ ଓ ଅଧ୍ୟକ୍ଷା



ଖଇରା,୧୩/୧୦ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ଶିକ୍ଷକ ଭବନ ପରିସରରେ ସୋମବାର ଦିନ ସେବା ସେତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଧାୟକ ପଦ୍ମଲୋଚନ ପଣ୍ଡା କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେଡି ର ୨୪ବର୍ଷ ବନାମ ଭାଜପାର ୨୪ମାସ ବୋଲି କହିବା ସହ ୨ବର୍ଷ ୪ମାସ ମଧ୍ୟରେ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଖଇରା ବ୍ଲକରେ ବିଭିନ୍ନ ଯୋଜନାରେ କରାଯିବା ଉନ୍ନତିମୂଳକ କାର୍ଯ୍ୟ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ଅବସରରେ ସୋଲାର ସଂଯୋଗରେ ବିଧାୟକ ୧ହଜାର ୮୭୫ଟଙ୍କା ବହନ କରୁଥିବା ନେଇ ପ୍ରକାଶ କରିଥିଲେ । ବିଡିଓ ନାରାୟଣ ସାହୁ, ଏବିଇଓ ଲକ୍ଷ୍ମୀଧର ସିଂ, ସୋଲାର ବଣ୍ଟର ଜିଲାମୁଖ୍ୟ ଦିପକ କୁମାର ସାହୁ, ପୁର୍ବତନ ସମିତିସଭ୍ୟ କୈଳାସ ମାଝୀ, କୁପାରୀ ସମିତି ସଭ୍ୟ ଅକ୍ଷୟ କୁମାର ଜେନା, ବରଦା ସରପଞ୍ଚ ପରୀକ୍ଷିତ ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଜୟ କେତନ ଜେନା ମଞ୍ଚ ପରିଚାଳନା କରିଥିଲେ । ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ଖାଦ୍ୟ ଷ୍ଟଲ ପ୍ରସ୍ତୁତ କରାଯାଇଥିଲା । ମୁଖ୍ୟକିରାଣି ବ୍ରହ୍ମାନନ୍ଦ ଦାଶ, ଶଶିକାନ୍ତ ଦାସ, ଅନନ୍ତ କୁଅଁର, ବିଏସଏସଓ ସରୋଜ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ପୁରୀରେ ‘ପ୍ରତିହାରୀ ନିଯୋଗ’ର ‘ସମର୍ପଣ - ସେବା ଓ ସେବକ ସମ୍ମାନ-୨୦୨୬’ ସମାରୋହ

## ଜଗନ୍ନାଥ ସଂସ୍କୃତି ହେଉଛି ଜୀବନର ସର୍ବୋଚ୍ଚ ସମର୍ପଣ,ଭକ୍ତି ଓ ସେବାର ନିଚ୍ଛକ ନିଦର୍ଶନ -ଧର୍ମେନ୍ଦ୍ର ପ୍ରଧାନ



ପୁରୀ,୧୩/୧୦ (ନି.ପ୍ର): ଜଗନ୍ନାଥ ସଂସ୍କୃତି କହିଲେ କେବଳ ଆଚାର-ବିଚାର କିମ୍ବା ପୂଜା-ପଦ୍ଧତିକୁ ବୁଝାଏ ନାହିଁ। ଜଗନ୍ନାଥ ସଂସ୍କୃତି ହେଉଛି ଜୀବନର ସର୍ବୋଚ୍ଚ ସମର୍ପଣ, ଭକ୍ତି ଓ ସେବାର ଜୀବନ୍ତ ନିଦର୍ଶନ । ସୋମବାର ପୁରୀ ଠାରେ ଶ୍ରୀମନ୍ଦିରର ଅନନ୍ୟ ସେବକ ସଂଘ ‘ପ୍ରତିହାରୀ ନିଯୋଗ’ ଦ୍ୱାରା ଆୟୋଜିତ ‘ସମର୍ପଣ – ସେବା ଓ ସେବକ ସମ୍ମାନ-୨୦୨୬’ରେ ଯୋଗଦେବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଶ୍ରୀମନ୍ଦିରର ସେବା ପଦ୍ଧତିରେ ଛତିଶା ନିଯୋଗର ଏକ ବିଶେଷ ଓ ଅନନ୍ୟ ମହତ୍ତ୍ୱ ରହିଛି । କିନ୍ତୁ ସେହି ସମସ୍ତ ସେବକ ସମ୍ପ୍ରଦାୟ ମଧ୍ୟରେ ‘ପ୍ରତିହାରୀ ନିଯୋଗ’ ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ସ୍ୱତନ୍ତ୍ର ଓ ମହାନ । ‘ପ୍ରତିହାରୀ’, ଏହି ଶବ୍ଦଟି ମଧ୍ୟରେ ହିଁ ସୁରକ୍ଷା, ସମର୍ପଣ, ଅନୁଶାସନ ଓ ନିଷ୍ଠାର ଭାବ ଭରି ରହିଛି । ଶ୍ରୀମନ୍ଦିରର ଶ୍ରୀଅଙ୍ଗ ରକ୍ଷା, ଦ୍ୱାର ସୁରକ୍ଷା, ନୀତିକାନ୍ତିକୁ ସୁଚାରୁରୂପେ ପରିଚାଳିତ କରିବା ଏବଂ କୋଟି କୋଟି ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇବାରେ ପ୍ରତିହାରୀ ସେବକମାନେ ଦିନରାତି ନିଜକୁ ନିୟୋଜିତ କରିଥାନ୍ତି । ଏହି ପରିପ୍ରକ୍ଷୀରେ ଆଜିର ସଭା କିମ୍ବା ଆନୁଷ୍ଠାନିକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଶ୍ରୀମନ୍ଦିରର ସହସ୍ର ବର୍ଷର ନିଷ୍ଠାପର ସେବା ପରମ୍ପରା, ଭକ୍ତି, ତ୍ୟାଗ ଓ ଶୃଙ୍ଖଳାର ଏକ ମହାନ ସଂସ୍କୃତିକୁ ପ୍ରଣାମ ଜଣାଇବାର ଏକ ଦିବ୍ୟ ଅବସର। ଶ୍ରୀ ପ୍ରଧାନ କହିଛନ୍ତି, ମହାପ୍ରଭୁଙ୍କ ମନ୍ଦିର ଭିତରେ ଯେଉଁ ଲୋକ ସମର୍ପଣ ଓ ଲୋକ ସମାବେଶ ତିଆରି ହୁଏ, ସେଭଳି ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ । ଭଗବାନଙ୍କ ପାଖରେ କୌଣସି କୌଣସି ବିଭେଦ ନାହିଁ ଏବଂ କୌଣସି ବିଭାଜନ ନାହିଁ । ପୁରୀ କେବଳ ଏକ ମନ୍ଦିର ନୁହେଁ, ପୁରୀ ହେଉଛି ମାନବ ଚେତନାର ଏକ ଅନନ୍ୟ କେନ୍ଦ୍ର । ପୁରୀକୁ ମନୁଷ୍ୟର ଆବଶ୍ୟକତା ଅଛି ଶାନ୍ତି, ପରସ୍ପରକୁ ଭଲ ପାଇବା ଏବଂ ବିଶ୍ୱାସ କରିବା - ଏ ସବୁର ପ୍ରୟୋଗଶାଳା ହେଲା ଆମ ପୁରୀ। ସେ ଆହୁରି କହିଛନ୍ତି, ଆଜିଠୁ ପ୍ରାୟ ଦୁଇ ଶହ ବର୍ଷ ପୂର୍ବେ ଓଡ଼ିଶାର ଜଣେ ସାଧାରଣ ବ୍ୟକ୍ତି, ଯାହାଙ୍କୁ ପୁରୀରେ ଆପଣମାନେ ‘ଧୂଳି ବାବା’ ଭାବରେ ନାମିତ କରିଥିଲେ, ସେ ପରେ ଯାଇ ମହିମା ଗୋସାଇଁଙ୍କ ଦ୍ୱାରା ପରିଚିତ ଓ ପ୍ରଭାବିତ ହୋଇଥିଲେ । ସେହି ‘ଶୂନ୍ୟ ବ୍ରହ୍ମ’ ଓ ଦାରୁବ୍ରହ୍ମ ଠାରୁ ପ୍ରେରଣା ଲାଭ କରି ଶୂନ୍ୟ ବ୍ରହ୍ମର ପରିକଳ୍ପନାକୁ ବ୍ୟାଖ୍ୟାନ, ପରିଭାଷିତ ଏବଂ ଭାଷ୍ୟ କରିଥିଲେ। ସେହି ମହାନ ପ୍ରେରଣାରୁ ଉଦଭୂତ ହୋଇ ସମ୍ବଲପୁର ଜିଲ୍ଲାର ଏକ ଗ୍ରାମରେ ସନ୍ଥ କବି ଭୀମ ଭୋଇ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଭାବେ ଜନ୍ମନେଇଥିଲେ। ତାଙ୍କର ଅମର ବାଣୀ ‘ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ’ ପ୍ରମାଣ କରେ ଯେ ଓଡ଼ିଶାରେ କୌଣସି ବିଚାର କିମ୍ବା ସାଧନା କେବେବି ସାମାନ୍ୟ କିମ୍ବା ଛୋଟ ହୋଇନଥାଏ।

ମହାପ୍ରଭୁଙ୍କର ଲୀଳା ଓ ଶୂନ୍ୟ ବ୍ରହ୍ମର କଳ୍ପନା ସମଗ୍ର ବିଶ୍ୱକୁ ପ୍ରେରିତ କରୁଛି । ଇତିହାସରେ ଗୁରୁ ନାନକଦେବ ଏବଂ ଆଦି ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଦେଶବିଦେଶରୁ ସନ୍ଥ ଓ ଭକ୍ତମାନେ ଆସିଛନ୍ତି । ଓଡ଼ିଶାରେ ଗ୍ୟାସ୍‌ଭିତ୍ତିକ ଅର୍ଥନୀତି ଏବଂ ମହାପ୍ରଭୁଙ୍କ କୃପାରୁ ପୁରୀ-କୋଣାର୍କ ସମୁଦ୍ରର ଅନତି ଦୂରରେ ବଡ଼ଧରଣର ଗ୍ୟାସ୍ ଭଣ୍ଡାରର ସମ୍ଭାବନା ଓଡ଼ିଶାକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

ପୁରୀକୁ ଏବଂ ଶ୍ରୀମନ୍ଦିରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ଆମକୁ ମନ୍ଦିର ଭିତରୁ ସଫେଇ ଅଭିଯାନ ଆରମ୍ଭ କରିବାକୁ ପଡ଼ିବ। ପ୍ଲାଷ୍ଟିକ୍ କାରଣରୁ ପରିବେଶ, ଜଳବାୟୁ ଏବଂ ସମୁଦ୍ର ଜଳସମ୍ପଦ ପ୍ରଭାବିତ ହେଉଛି। ତେଣୁ ବଡ଼ଦାଣ୍ଡ ଏବଂ ଶ୍ରୀମନ୍ଦିର ପରିସରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ପଡ଼ିବ। ଭାରତ ସରକାରଙ୍କ ‘ଜ୍ଞାନ ଭାରତମ୍’ ଯୋଜନା ମାଧ୍ୟମରେ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟରେ ଦେଶର ସମସ୍ତ ପୁରଣା ପୋଥି ଓ ଗ୍ରନ୍ଥଗୁଡ଼ିକୁ ଏକାଠି କରି ଡିଜିଟାଲାଇଜ୍ ଏବଂ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଜରିଆରେ ସେଗୁଡ଼ିକର ଭାଷ୍ୟ ପ୍ରସ୍ତୁତ କରାଯାଉଛି। ଏହି ଅଭିଯାନ ମାଧ୍ୟମରେ ଆଜିର ପିଢ଼ିକୁ ସନାତନ ପରମ୍ପରାରେ ମଜବୁତ୍ କରାଯିବ । ଏହି ଅବସରରେ ଶ୍ରୀ ପ୍ରଧାନ ମଞ୍ଚରେ ପ୍ରଦର୍ଶିତ ଓଡ଼ିଶାର ପାରମ୍ପରିକ ତଥା ବିଲୁପ୍ତ ପ୍ରାୟ ‘ମାହାରୀ’ ନୃତ୍ୟକୁ ଜୀବନରେ ପ୍ରଥମ ଥର ପାଇଁ ଦେଖିବା ସହ ଏହାର ପ୍ରଶଂସା କରିଥିଲେ ।

ଆଜିର ଏହି କାର୍ଯ୍ୟକ୍ରମରେ ରାଜ୍ୟର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା, କ୍ରୀଡ଼ା-ଯୁବସେବା ଓ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ପୁରୀର ସାଂସଦ ଡକ୍ଟର ସମ୍ବିତ ପାତ୍ର, ,ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଜୟନ୍ତ କୁମାର ଷଡ଼ଙ୍ଗୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ସମେତ ସେବାୟତମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ମହାପ୍ରଭୁଙ୍କ ଦର୍ଶନ କରିଥିଲେ ।

# ବରଣ୍ଡୁଆ ଗ୍ରାମ ପାର୍କର ଉନ୍ନତିକରଣ ହେବ: ଅମୃତ ସରୋବର ଯୋଜନାରେ ସାମିଲ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଭଦ୍ରକ ,୧୩/୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ବରଣ୍ଡୁଆ ଗ୍ରାମରେ ଥିବା ପ୍ରସ୍ତାବିତ ଗ୍ରାମ ପାର୍କର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ନେଇ ଆଜି ପଦକ୍ଷେପ ନିଆଯାଇଛି। ବରଣ୍ଡୁଆ ଗ୍ରାମରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଉଠିଥିବା ଅଭିଯୋଗ ପରେ ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟଙ୍କ ସମେତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ , ଓ ବାସୁଦେବପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମିତ । କର ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ପ୍ରସ୍ତାବିତ ଗ୍ରାମ ପାର୍କର ସୌନ୍ଦର୍ଯ୍ୟକରଣ ସହ ପାର୍କର ସାମଗ୍ରିକ ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପାର୍କକୁ ଅଧିକ ଆକର୍ଷଣୀୟ ଓ ସୁନ୍ଦର କରିବା ପାଇଁ ଏହାକୁ ଅମୃତ ସରୋବର ଯୋଜନାରେ ସାମିଲ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ, ପାର୍କ ନିକଟରେ ଥିବା ପୋଖରୀର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କରି ଏହାକୁ ଏକ ଆକର୍ଷଣୀୟ ଜଳାଶୟ ଭାବେ ବିକଶିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏହା ସହିତ ଉଦ୍ୟାନ କୃଷି ବିଭାଗ ମାଧ୍ୟମରେ ଏକ ନଡ଼ିଆ ବଗିଚା ସୃଷ୍ଟି କରିବାର ଯୋଜନା ରହିଛି। ଏହାଦ୍ୱାରା ଅଞ୍ଚଳର ସବୁଜିମା ବୃଦ୍ଧି ସହ ପରିବେଶର ସୌନ୍ଦର୍ଯ୍ୟ ବଢ଼ିବା ସହ ଭବିଷ୍ୟତରେ ଏହା ଏକ ଆକର୍ଷଣୀୟ ସ୍ଥାନ ଭାବେ ପରିଚିତ ହୋଇପାରିବ ।ପାର୍କ, ପୋଖରୀ ଓ ନଡ଼ିଆ ବଗିଚାର ସମନ୍ୱିତ ବିକାଶ ମାଧ୍ୟମରେ ବରଣ୍ଡୁଆ ଗ୍ରାମକୁ ଏକ ସୁନ୍ଦର, ସବୁଜ ଓ ପରିବେଶ ଅନୁକୂଳ ସ୍ଥାନ ଭାବେ ଗଢ଼ିତୋଳିବା ଆଶା କରାଯାଉଛି।

# ମଣ୍ଡିରେ ଧାନ କିଣା ଦାୟିତ୍ୱ ଏସ୍ଏଚଜି ବଦଳରେ ଲ୍ୟାମ୍ପ୍ସକୁ ଦେବାକୁ ଦାବି

ଜୟପୁର,୧୩/୧୦ (ନି.ପ୍ର): କୋରାପୁଟ ଜିଲା ଜୟପୁର ବ୍ଲକର ଜାମୁଣ୍ଡା, ହାଡ଼ିଆ, କୁମୁଲିପୁଟ, ମଣ୍ଡି ପରିଚାଳନା ଧାନ କିଣାକୁ ନେଇ ଦାୟିତ୍ୱ ଏସଏଚଜି ଗ୍ରୁପ କୁ ନ ଦେବାକୁ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି । ଆଗାମୀ ଖରିଫ ଋତୁରେ ମଣ୍ଡି ପରିଚାଳନା ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦିଆଯିବା ନେଇ ଚର୍ଚ୍ଚା ହେବା ପରେ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ବିବାଦରେ ଥିବା ଗୋଷ୍ଠୀଙ୍କୁ ପୁଣି ଦାୟିତ୍ୱ ଦିଆଗଲେ ମଣ୍ଡିରେ ଦଲାଲରାଜ ଫେରିବା ସହ ଚାଷୀ ଶୋଷଣର ଶିକାର ହେବେ ବୋଲି ଆଶଙ୍କା କରିଛି କୃଷକ କଲ୍ୟାଣ ମଂଚ। ଏହି ତିନି ମଣ୍ଡିରେ ଧାନ କିଣା ଦାୟିତ୍ୱ କୁମୁଲିପୁଟ ଲ୍ୟାମ୍ପ୍ସ ହାତରେ ରଖିବାକୁ ଦାବି କରି ଲ୍ୟାମ୍ପ୍ସ କର୍ତୃପକ୍ଷ ଓ ଚାଷୀ ପ୍ରତିନିଧିମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। କୁମୁଲିପୁଟ ଲ୍ୟାମ୍ପ୍ସର ସଭାପତି ତ୍ରିନାଥ ମୁଦୁଲି, ବୋର୍ଡ ସଦସ୍ୟ ଏବଂ ଜାମୁଣ୍ଡା ଓ ହାଡ଼ିଆ ପଂଚାୟତର କୃଷକ କଲ୍ୟାଣ ମଂଚ ପକ୍ଷରୁ ଏହି ଦାବି ଉଠାଯାଇଛି। ଅଭିଯୋଗ ଅନୁଯାୟୀ, କିଛି ବର୍ଷ ପୂର୍ବେ ଜାମୁଣ୍ଡା ମଣ୍ଡିରେ ‘ମାଁ ମୁତ୍ୟାଲୁମା’ ଏବଂ ହାଡ଼ିଆ ମଣ୍ଡିରେ ‘ମାଁ ବୁଢ଼ୀ ଠାକୁରାଣୀ’ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ କିଣା ଦାୟିତ୍ୱ ଦିଆଯାଇଥିଲା। ତେବେ ଗୋଷ୍ଠୀର ମହିଳାମାନଙ୍କ ବଦଳରେ ଦଲାଲମାନେ ପରୋକ୍ଷରେ ମଣ୍ଡି ପରିଚାଳନା କରୁଥିବା ଏବଂ କେତେକ ମିଲରଙ୍କ ସହ ମିଶି ଚାଷୀଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରାଯାଇଥିଲା। ଏହାପରେ ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ଅର୍ଥାତ ଡିଏଲ୍ସିସି ବୈଠକର ନିଷ୍ପତି ଅନୁଯାୟୀ, ସ୍ଥାନୀୟ ବିଡିଓ ଓ ତହସିଲଦାର ମିଳିତ ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ଆଧାରରେ ‘ମାଁ ମୁତ୍ୟାଲୁମା’ ଗୋଷ୍ଠୀକୁ ‘ଡି’ ଗ୍ରେଡ୍ ଏବଂ ‘ମାଁ ବୁଢ଼ୀ ଠାକୁରାଣୀ’ ଗୋଷ୍ଠୀକୁ ‘ସି’ ଗ୍ରେଡ୍ ମିଳିଥିଲା। ଏହାପରେ ପ୍ରଶାସନ ଉଭୟ ଗୋଷ୍ଠୀଙ୍କୁ ଧାନ କିଣା ଦାୟିତ୍ୱରୁ ହଟାଇ ଦେଇଥିଲା। ପରବର୍ତୀ ସମୟରେ ଏହି ୨ ମଣ୍ଡିର ଧାନ କିଣା ଦାୟିତ୍ୱ କୁମୁଲିପୁଟ ଲ୍ୟାମ୍ପ୍ସକୁ ଦିଆଯାଇଥିଲା। ଲ୍ୟାମ୍ପ୍ସ ମାଧ୍ୟମରେ ଚାଷୀଙ୍କ ପଞ୍ଜୀକରଣ ଓ ଧାନ ବିକ୍ରି ପ୍ରକ୍ରିୟା ସୁରୁଖୁରୁରେ ଚାଲିଥିବା ବେଳେ କୌଣସି ବିଶେଷ ଅସୁବିଧା ହେଉନଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଅନ୍ତର୍ଜାତୀୟ ବାଳିକା ଦିବସରେ ସାଇକେଲ ରାଲି ମାଧ୍ୟମରେ ସଚେତନତା

ଜୟପୁର,୧୩/୧୦ (ନି.ପ୍ର): ଅନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ଜୟପୁର ସିଟି ହାଇସ୍କୁଲର ଛାତ୍ରୀମାନେ ଏବଂ ସ୍ୱେଚ୍ଛାସେବୀ ସଂଗଠନ ସିଓ୍ୱା ମିଳିତ ଭାବେ ବାଳିକା ଶିକ୍ଷା, ମହିଳା ସଶକ୍ତିକରଣ ଓ ଲିଙ୍ଗଗତ ସମାନତା ଉପରେ ଏକ ସାଇକେଲ ସଚେତନତା ରାଲି ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମର ନେତୃତ୍ୱ ସିଓ୍ୱା ର ଉପସଭାପତି ଜି. ଭେଙ୍କଟ ରେଡ୍ଡୀ ନେଇଥିଲେ। ଏହି ରାଲି ବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ନେହେରୁନଗର, ଏମ୍.ଜି. ରୋଡ୍, ମେନ୍ ରୋଡ୍, ଏନ୍.କେ.ଟି. ରୋଡ୍, ପି.ଆର.ପେଟା ଓ କୁମ୍ଭାର ସାହି ଦେଇ ହରିଶ୍ଚନ୍ଦ୍ରଗୁଡ଼ା ଗ୍ରାମରେ ପହଂଚି ଥିଲା। ଛାତ୍ରୀମାନେ “ବେଟି ବଚାଓ, ବେଟି ପଢ଼ାଓ” ଆଦି ସ୍ଲୋଗାନ ଦେଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଝିଅମାନଙ୍କୁ ଶିକ୍ଷାଦାନ କରିବା, ସେମାନଙ୍କ ସ୍ୱପ୍ନ ପୂରଣ ପାଇଁ ସୁଯୋଗ ଦେବା ଏବଂ ସେମାନଙ୍କୁ ଆତ୍ମନିର୍ଭରଶୀଳ ଓ ସଶକ୍ତ ହେବାକୁ ପ୍ରୋତ୍ସାହିତ କରିବା ପାଇଁ ଅଭିଭାବକମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଝିଅ ଓ ପୁଅଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା। ସିଓ୍ୱା ର ସଭାପତି ଅଜୟ କୁମାର ମିଶ୍ର ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ଏହା ପରେ ପ୍ରଶିକ୍ଷକ ସୁନୀଲ ପରଜା ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ଥିଲା ଛାତ୍ରୀମାନଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ଏବଂ ନିଜକୁ ସୁରକ୍ଷା ଦେବା ପାଇଁ ଆବଶ୍ୟକ କୌଶଳ ଶିଖାଇବା।

# ସ୍ୱପ୍ନ ସଂକଳ୍ପ ଓ ପ୍ରଗତିର ଅଗ୍ରଦୂତ : ଡକ୍ଟର କଲାମ



**ଅକ୍ଷୟ କୁମାର ରାଉତ**



ଯୁଗେ ଯୁଗେ ମହାପୁରୁଷଙ୍କର ଆବିର୍ଭାବ ହୁଏ। ସାମାଜିକ ଜୀବନ ଯେତେବେଳେ କଳୁଷିତ, ମନୁଷ୍ୟ ପଥଭ୍ରଷ୍ଟ, ସମାଜରେ ଆସୁରିକ ଶକ୍ତି ବୃଦ୍ଧିପାଏ। ମାଟିରୁ ଆକାଶ, ମହାକାଶରୁ ମହାଶୂନ୍ୟ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ମନୁଷ୍ୟ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହାସ ଓ ଶକ୍ତିର ଉତ୍ସ ସୃଷ୍ଟି କରୁଥିବା ଭାରତୀୟ କ୍ଷେପଣାସ୍ତ୍ରର ଜନକ, ଲୋକପ୍ରିୟ ରାଷ୍ଟ୍ରପତି ଡକ୍ଟର ଅବୁଲ ପାକିର ଜୈନୁଲ ଆବେଦିନ ଅବଦୁଲ କଲାମ ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ମାଡ୍ରାସ (ଚେନ୍ନାଇ) ଅନ୍ତର୍ଗତ ରାମେଶ୍ୱର ଦ୍ୱୀପାଞ୍ଚଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତାଙ୍କ ନାମ ଆସି ଆମା ଓ ପିତାଙ୍କ ନାମ ଜୈନୁଲ ବଦ୍ଦିନ୍ ମରକାୟାର। ତାଙ୍କର ଏକ ବଡଭାଇ ଥିଲେ ଏ.ପି.ଜେ ମୁଥାୟାର୍। ସେ ଶାନ୍ତ, ସରଳ, ଉଦାର ସ୍ୱଭାବର ପିଲାଥିଲେ। ସେ ମା'ଙ୍କ ହାତ ରନ୍ଧା ଖାଦ୍ୟ ମା'ଙ୍କ ସହିତ ରୋଷେଇ ଘର ଚଟାଣରେ କଦଳୀ ପତ୍ରରେ ଖାଉଥିଲେ। ପିତାମାତାଙ୍କର କାଲାମ୍ ଥିଲେ ଗେହ୍ଲା ପୁଅ।

କଲାମ ରାମେଶ୍ୱର ଏଲିମେଣ୍ଟାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼ିବା ସମୟରେ ଆଗଧାଡିରେ ରାମାନନ୍ଦ ଶାସ୍ତ୍ରୀଙ୍କ ପାଖକୁ ଲାଗି ବସିଥାନ୍ତି। ରାମେଶ୍ୱର ମନ୍ଦରର ମୁଖ୍ୟ ପୂଜକ ଥିବା ଲକ୍ଷ୍ମଣ ଶାସ୍ତ୍ରୀଙ୍କ ପୁଅ ରାମାନନ୍ଦ ଶାସ୍ତ୍ରୀ। ଶ୍ରେଣୀ ଶିକ୍ଷକ ଏହାକୁ ଗ୍ରହଣ କରିପାରିନଥିଲେ। କଲାମଙ୍କୁ ଉଠାଇ ଶେଷ ବେଞ୍ଚରେ ବସିବାକୁ କହିଲେ। ଏହି ଘଟଣାରେ ଉଭୟ ଦୁଃଖିତ ହୋଇପଡିଲେ। ଲକ୍ଷ୍ମଣ ଶାସ୍ତ୍ରୀ ଏହା ଜାଣିବା ପରେ ଶିକ୍ଷକଙ୍କୁ କ୍ଷମା ମାଗିବାକୁ କହିଥିଲେ। ଦିନେ ବିଜ୍ଞାନ ଶିକ୍ଷକ ଶିବସୁବ୍ରମଣି ଆୟାର (ବ୍ରାହ୍ମଣ) କଲାମଙ୍କୁ ଖାଇବାକୁ ଘରକୁ ଡାକିଥିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ଦେଖି ମୁହଁ ଛିଞ୍ଚାଡି ଭୋଜନ ଦେବାକପୁ ମନା କରିଦେଲେ । ଆୟାର ତାଙ୍କ ପତ୍ନୀ ଉପରେ ରାଗିଲେ ନାହିଁ ବରଂ ନିଜେ ବାଢ଼ିଲେ କଲାମଙ୍କ ପାଇଁ ଓ କଲାମଙ୍କ ପାଖରେ ଖାଇବାକୁ ବସିପଡିଲେ। କିଛି ଦିନପରେକଲାମଙ୍କୁ ପୁଣି ଘରକୁ ଖାଇବାକୁ ଡାକିଲେ। କଲାମ ଆଶ୍ଚର୍ଯ୍ୟ ହୋଇ ଶିକ୍ଷକଙ୍କ ଘରେ ପହଞ୍ଚିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ରୋଷେଇ ଘର ଭିତରକୁ ନେଇ ବସାଇଲେ ଓ ନିଜ ହାତରେ ଖାଇବାକୁ ବାଢ଼ି ଦେଇଥିଲେ। କଲାମ ରାମେଶ୍ୱରମ ଏଲିମେଣ୍ଟାରୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଓ ରାମନାଥପୁରମ୍ ସ୍କାଟିକ୍ ହାଇସ୍କୁଲରୁ ଶିକ୍ଷା ସମାପ୍ତି କରି ତିରୁଚିରାପଲ୍ଲୀ ସେଣ୍ଟ ଯୋସେଫ୍ କଲେଜରେ ଅଧ୍ୟୟନ କଲେ। କୃତିତ୍ୱର ସହିତ ବି.ଏସ୍.ସି, ପାସ୍ କଲେ। କଲାମଙ୍କ ପିତା ଜୈନୁଲା ବଦ୍ଦିନ୍ ଜଣେ ନାବିକ ଥିଲେ। ପରିବାର ଚଳାଇବା ପାଇଁ ପିତାଙ୍କ ରୋଜଗାର ଯଥେଷ୍ଟ ନଥିଲା। ତେଣୁ ସେ ସ୍କୁଲ ପାଠପଢ଼ା ସମୟରେ ଖବର କାଗଜ ବିତରଣ କରୁଥିଲେ। ସ୍କୁଲରେ କଲାମ ଆଗଧାଡିର ଛାତ୍ର ନଥିଲେ ମଧ୍ୟ ଜଣେ ମେଧାବୀ ଭାବେ ପରିଚିତ। କବି ଜିବ୍ରାନଙ୍କ ଦ୍ୱାରା କଲାମ ପ୍ରଭାବିତ ହୋଇଥିଲେ। ସ୍ନାତକ ଡିଗ୍ରୀ ପରେ ୧୯୫୫ରେ କଲାମ ମାଡ୍ରାସ୍ ଇନ୍ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍.ଆଇ.ଟି)ରୁ ଜଣେ ବୈମାନିକ ଇଞ୍ଜିନିୟର ଭାବେ ବାହାରିଥିଲେ। ୧୯୫୮ ମସିହାରେ କଲାମ୍ ହିନ୍ଦୁସ୍ଥାନ ଏରୋନଟିକ୍ସ ଟ୍ରେନିଂ ନେଲା ପରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ବରିଷ୍ଠ ବୈଜ୍ଞାନିକ ସହାୟକ ଭାବରେ ଯୋଗଦେଲେ। ଏହାପରେ ସେ କାନପୁରରେ ଅବସ୍ଥାପିତ ଏୟାର କ୍ରାଫଟ୍ ଆଣ୍ଡ ଅର୍ମାମେଣ୍ଟ କେନ୍ଦ୍ରରେ କାର୍ଯ୍ୟକରି ପ୍ରଶଂସା ଲାଭ କରିଥିଲେ। ବମ୍ବେରେ ପ୍ରତିଷ୍ଠିତ ମହାକାଶ ଗବେଷଣା କେନ୍ଦ୍ରରେ ରକେଟ୍ ଇଞ୍ଜିନିୟର ଭାବରେ ଯୋଗଦେଇ କର୍ମ ଦକ୍ଷତାର ପ୍ରତିପାଦନ କରିଥିଲେ। ରକେଟ ସମ୍ବନ୍ଧୀୟ ବିଶେଷ ଜ୍ଞାନ ପାଇଁ ଆମେରିକାର ନାସା କେନ୍ଦ୍ରରେ ଯୋଗଦେଇଥିଲେ। ସେଠାରେ ସେ ଛ' ମାସ ରହି ଜ୍ଞାନ ଲାଭ କରିଥିଲେ। ୧୯୬୯ରେ ଇସ୍ରୋର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ ଉତ୍କ୍ଷେପଣ ଯାନ (ଏସ୍.ଏଲ୍.ଭି-୩)ର ସେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ଏସ୍.ଏଲ୍.ଭି-୩ ସଫଳତା ଯୋଗୁ ବମ୍ବେ ସ୍ଥିତ ନେହେରୁ ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ ହୋଇଥିଲେ। କଲାମ ବାଙ୍ଗାଲୋର୍ ସ୍ଥିତ ବୈମଯାନ ଉନ୍ନୟନ ସଂସ୍ଥାରେ ଯୋଗଦେଇ ହୋଭର କ୍ରାଫଟ୍ ଯାନ ନିର୍ମାଣକାରୀ ଚାରି ଜଣିଆ ଦଳର ନେତୃତ୍ୱ ନେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଭିକେ କୃଷ୍ଣମେନନ୍ଙ୍କୁ କଲାମ ଲାଞ୍ଜ ବିହୀନ ହୋଭର କ୍ରାଫଟ୍ 'ନନ୍ଦି'ରେ ବସାଇ ଆକାଶରେ ଉଡିଥିଲେ। ୧୯୮୦ ମସିହା ଜୁଲାଇରେ 'ରୋହିଣୀ' ଉପଗ୍ରହକୁ ମହାକାଶରେ ସ୍ଥାପିତ କରି ଭାରତ 'ଆନ୍ତର୍ଜାତୀୟ ମହାକାଶ କ୍ଲବ୍'ରେ ନିଜକୁ ସାମିଲ କରିଥିଲା। ଏହାପରେ କଲାମ ଇସ୍ରୋ ତ୍ୟାଗ କରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ଗାଇଡେଡ ମିସାଇଲ ଡେଭଲପ୍ମେଣ୍ଟ ପ୍ରୋଗ୍ରାମ ଆରମ୍ଭ କରିଥିଲେ। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ତ୍ରିଶୂଳ (ଅଳ୍ପ ଉଚ୍ଚରେ ଉଡୁଥିବା ବିମାନକୁ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ କ୍ଷେପଣାସ୍ତ୍ର) ପୃଥ୍ୱୀ (ଭୂପୃଷ୍ଠରୁ ଭୂପୃଷ୍ଠକୁ ୧୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା କ୍ଷେପଣାସ୍ତ୍ର), ଆକାଶ (୧୫ ସେକେଣ୍ଡରେ ୨୫ କି.ମି. ପର୍ଯ୍ୟନ୍ତ ଭୂପୃଷ୍ଠରୁ ଆକାଶକୁ ଭେଦ କରିପାରୁଥିବା ସୁରସୋନିକ କ୍ଷେପଣାସ୍ତ୍ର, ଯିଏ କି ଏକ ସମୟରେ ୪ଟି ଲକ୍ଷ୍ୟ ସ୍ଥଳକୁ ନିଶାଣ କରିବାକୁ ସକ୍ଷମ), ଅଗ୍ନି (୫୦୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା ବଲିଷ୍ଟିକ୍ କ୍ଷେପଣାସ୍ତ୍ର) ଓ ବ୍ରହ୍ମୋସ (ରୁଷ ସହିତ ମିଳିତ ଭାବେ ବିକଶିତ କ୍ଷେପଣାସ୍ତ୍ର ଧ୍ୱନିଠାରୁ ଦ୍ରୁତ ଗତିରେ ଯାଉଥିବା ଏହି କ୍ଷେପଣାସ୍ତ୍ର ଭୂପୃଷ୍ଠ, ସମୁଦ୍ର ଓ ଆକାଶରେ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ) କୁ ବିକଶିତ କରିବାରେ କଲାମଙ୍କ ଅବଦାନ ରହିଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବା ମିସାଇଲ୍ ମ୍ୟାନ୍ କୁହାଯାଏ।

୧୯୮୯ ମସିହାରେ ଆଇଟିଆର୍ ପ୍ରତିଷ୍ଠା ହେବା ପରଠାରୁ ସେ ବାରମ୍ବାର ଚାନ୍ଦିପୁର ଆସୁଥିଲେ। ତେଣୁ କଲାମଙ୍କ ସହ ଓଡିଶାର ନିବିଡ ସମ୍ପର୍କ ରହିଥିଲା। କଲାମ ୧୯୯୮ ମସିହା ମେ ମାସ ୧୧ ଓ ୧୩ ତାରିଖରେ ରାଜସ୍ଥାନର ପୋଖରାନଠାରେ ଆଣବିକ ପରୀକ୍ଷା କରି ସମଗ୍ର ବିଶ୍ୱବାସୀଙ୍କୁ ଚକିତ କରିଥିଲେ। କଲାମ ନିଜର କର୍ମକୁ ମହାନ୍ ମନେ କରୁଥିଲେ। ଏହି ପରି ଜଣେ ବିରଳ ବ୍ୟକ୍ତିତ୍ୱକୁ ୪୦ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ମିଳିଥିଲା। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ କଲାମ। କଲାମ ବହୁ ମୂଲ୍ୟବାନ ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଙ୍ଗସ ଅଫ୍ ଫାୟାର୍', 'ଇଣ୍ଡିଆ ୨୦୨୦-ଏ ଭିଜନ ଫର ଦ ନିଉ ମିଲେନିଅମ', 'ମାଇଁ ଜିର୍ନି' ଓ 'ଇଗ୍ନାଇଟେଡ ମାଇଣ୍ଡସ ଅନଲିସିଂ ଦ ପାୱାର ୱିଦିନ ଇଣ୍ଡିଆ'। କଲାମ ଜଣେ ଅଣ ରାଜନୈତିକ ବ୍ୟକ୍ତି ଭାବେ ୨୦୦୨ ମସିହା ଜୁଲାଇ ୨୫ ତାରିଖରେ କ୍ୟାପ୍ଟେନ୍ ଲକ୍ଷ୍ମୀ ସେହେଗାଲଙ୍କୁ ହରାଇ ଭାରତର ଦ୍ୱାଦଶ ରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ। ଭାରତର ସର୍ବୋଚ୍ଚ ଆସନରେ ଅଲଙ୍କୃତ ହେବା ପରେ ପ୍ରଥମ ଭାଷଣରେ ଦେଶ ନିମନ୍ତେ ପାଞ୍ଚଟି କଥା କହିଥିଲେ। ପ୍ରତିରକ୍ଷା, ପରମାଣୁ, ମହାକାଶ, ପ୍ରଯୁକ୍ତି ବିଦ୍ୟା ଓ ଦେଶର ସାମଗ୍ରିକ ବିକାଶ। ତାଙ୍କ ପାଖରେ ଛୁଆଁ ଅଛୁଆଁର ଭେଦଭାବ ନଥିଲା। ତାଙ୍କର ସ୍ନେହ ଶ୍ରଦ୍ଧା ପିଲାମାନଙ୍କ ପ୍ରତି ଅତ୍ୟନ୍ତ ଥିଲା। ସେଥିପାଇଁ ପିଲାମାନେ ତାଙ୍କୁ ସାର୍, ଅଙ୍କଲ, ଗ୍ରେଟ କଲାମ ସାର୍ ଓ ମ୍ୟାନ୍ ଅପ୍ ଦି ନେସନ ଭାବରେ ଅଭିହିତ କରୁଥିଲେ। ତେଣୁ ତାଙ୍କର ୭୯ ତମ ଜନ୍ମ ଦିନକୁ ଜାତିସଂଘ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିଥିଲା। ସେ ରାଷ୍ଟ୍ରପତି ଭାବରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଅନ୍ୟ ଦ୍ୱାରା ଜୋତା କାଢ଼ିବା ପରମ୍ପରାକୁ ଭଙ୍ଗକରି କାର୍ ଭିତରେ ଜୋତା ରଖିଥିଲେ। କଲାମ ରାଷ୍ଟପତି ଭାବେ ପାଉଥିବା ସମସ୍ତ ପୁଞ୍ଜିକୁ ଏକ ଟ୍ରଷ୍ଟକୁ ଦାନ କରି ଦେଉଥିଲେ।

ଈଶ୍ୱର ବିଶ୍ୱାସୀ କଲାମ ସାଧୁ, ସନ୍ନ୍ୟାସୀମାନଙ୍କୁ ଗଭୀର ସମ୍ମାନ କରୁଥିଲେ। ସେ ମୁସଲିମ୍ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତ ଧର୍ମକୁ ସମ୍ମାନ କରୁଥିଲେ। ସେ ସମସ୍ତ ଧର୍ମର ଉର୍ଦ୍ଧ୍ୱରେ ଥିଲେ। ମଣିଷ ଗୋଟିଏ ଜାତି ବୋଲି ବୁଝି ଥିଲେ। ରାଷ୍ଟ୍ରପତି ପଦରୁ ଅବସର ନେବାପରେ କଲାମ୍ ଆଇଆଇଏମ୍ ସିଲଂ, ଆଇଆଇଏମ୍ ଅହମ୍ମଦାବାଦ, ଆଇଆଇଏମ୍ ଇନ୍ଦୋରରେ ପିରଦର୍ଶନକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ଏହି ଲୋକପ୍ରିୟ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ଅବଦୁଲ କଲାମ ୨୦୧୫ ମସିହା ଜୁଲାଇ ୨୭ ତାରିଖ ସୋମବାର ଦିନ ଶିଲଂଠାରେ ଏକ ସଭାରେ ସମ୍ବୋଧିତ କରିବା ସମୟରେ ହୃଦଘାତରେ ୮୪ ବର୍ଷ ବୟସରେ ମହାପ୍ରୟାଣ ଲାଭ କଲେ। ତାଙ୍କର ପରଲୋକ ଗମନ ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇଥିଲା। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ୨୦୧୫ ମସିହା ଜୁଲାଇ ୩୧ ତାରିଖ ଶୁକ୍ରବାର ଦିନ ତାଙ୍କର ଶେଷକୃତ୍ୟ ତାଙ୍କ ଜନ୍ମମାଟି ରାମେଶ୍ୱରରେ କରାଯାଇଥିଲା। ଜଣେ ଜ୍ଞାନୀ, ବିବେକୀ, ବିଦ୍ୱାନ, ବିଜ୍ଞାନୀ, ଧାର୍ମିକ ବ୍ୟକ୍ତି ଭାବରେ ବିଶ୍ୱବାସୀଙ୍କର ପ୍ରିୟ ଥିଲେ ଡଃ କଲାମ। ତାଙ୍କର ପ୍ରତିଭା, ଯଶ, କୀର୍ତ୍ତି, ଖ୍ୟାତି, ଦେଶପ୍ରେମ, ସେବା, କର୍ମ ଓ ମାନବୀୟ ଗୁଣ ପାଇଁ ମହାମାନବ ଭାବେ ଅମର ହୋଇ ରହିବେ।

+ ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ରାଜନୀତିରେ ଛାତ୍ର ପ୍ରତିନିଧିତ୍ୱ



**ବିକ୍ରମ କେଶରୀ ବିଶ୍ୱାଳ**

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଉଚ୍ଚ ଶିକ୍ଷା ବିଭାଗ ଅଧୀନସ୍ଥ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ନାମାଙ୍କନ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଚଳିତ ନିର୍ବାଚନ ପାଇଁ ରାଜ୍ୟର ୩୪୮ଟି କଲେଜରେ ମୋଟ ୮୩୨୫ଟି ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ପାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହେବାପରେ ଏଥିମଧ୍ୟରୁ ୧୧୫୬ଟି ନାମାଙ୍କନ ଖାରଜ ହୋଇଛି ଫଳରେ ବର୍ତ୍ତମାନ ସୁଦ୍ଧା ୭୧୬୯ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି। ଚଳିତ ବର୍ଷ ରାଜ୍ୟର ୩୪୧ଟି ଉଚ୍ଚଶିକ୍ଷାନୁଷ୍ଠାନରେ ପ୍ରତ୍ୟକ୍ଷ ନିର୍ବାଚନ ହେଉଛି। ସେଥିମଧ୍ୟରୁ ୧୩ଟି ବିଶ୍ୱବିଦ୍ୟାଳୟ, ୩୪୮ଟି କଲେଜ ରହିଛି। ସେହିପରି ୨୦୫ଟି ଅନୁଷ୍ଠାନରେ ଚୟନ ପ୍ରକ୍ରିୟା ମାଧ୍ୟମରେ ଛାତ୍ର ପ୍ରତିନିଧି ମାନଙ୍କୁ ବଛାଯିବାର ବ୍ୟବସ୍ଥା ରହିଛି। ଆସନ୍ତା ଅକ୍ଟୋବର ୧୫ ତାରିଖ ଦିନ ମତଦାନ ଗ୍ରହଣ କରାଯିବ ଓ ୧୬ ତାରିଖ ଦିନ ବିଜୟୀ ପ୍ରାର୍ଥୀମାନେ ବିଧିବଦ୍ଧ ଭାବେ ଶପଥ ଗ୍ରହଣ କରିବେ।

ବିଜ୍ଞ ଲୋକମାନେ କହିଥାନ୍ତି ଯେ ଛାତ୍ରମାନେ ହିଁ ଦେଶର ଭବିଷ୍ୟତ। ବାଲ୍ୟକାଳ ଠାରୁ ଶିକ୍ଷା ସମାପ୍ତ ପର୍ଯ୍ୟନ୍ତ ସେମାନଙ୍କର ଏଇ ଦୀର୍ଘ ରୋମାଞ୍ଚକର ଯାତ୍ରା ହିଁ ଶିକ୍ଷା ଓ ସାଧନାର ସମୟ। ଏଇ ସମୟର ଶୃଙ୍ଖଳା, ଜୀବନଶୈଳୀ ଏବଂ ଲକ୍ଷ୍ୟଭେଦ କରିବାର ସଂକଳ୍ପ ସେମାନଙ୍କର ଭବିଷ୍ୟତକୁ ନିର୍ମାଣ କରିଥାଏ। ପୂର୍ବତନ ରାଷ୍ଟ୍ରପତି ଡ.କଲାମ କହିଥିଲେ ଯେ ଏହି ସମୟରେ ପିତାମାତା ଓ ଶିକ୍ଷକମାନଙ୍କର ଗହଣରେ ସେମାନେ ଦୈନିକ ଦୁଇ ତୃତୀୟାଂଶ ସମୟ ନିର୍ବାହ କରିଥାନ୍ତି। ଏହି ସମୟରେ ସେମାନେ ଯାହା ଦେଖନ୍ତି ଓ ଶିଖନ୍ତି ତାହା ସମଗ୍ର ଜୀବନର ଏକ ଅଭୁଲା ଅଂଶ ହୋଇ ରହିଯାଏ। ଅନେକ ପୃଥିବୀ ବିଖ୍ୟାତ ଜ୍ଞାନୀଗୁଣି, ବୈଜ୍ଞାନିକ, ଶିଳ୍ପୀ, ଲେଖକଙ୍କ ଜୀବନ ଏହି ସମୟରୁ ହିଁ ଗଠିତ ହୋଇଥାଏ। ସ୍ୱାଧୀନତାର ଅର୍ଥ ହେଉଛି ନିଜକୁ ନିଜେ ନିୟନ୍ତ୍ରଣ କରିବା। କୈଶୋର ପରେ ଆଦ୍ୟ ଯୌବନଠାରୁ ପ୍ରାୟ ଦଶବର୍ଷ କାଳ ଛାତ୍ରମାନେ ନିଜର ଭବିଷ୍ୟତ ଜୀବନକୁ ଗଠନ କରିବା ପାଇଁ ଅଧ୍ୟବସାୟ କରିଥାନ୍ତି। ଅଠର ବର୍ଷରୁ ସେମାନେ ସାବାଳକ ହୁଅନ୍ତି ଏବଂ ସେତେବେଳକୁ ସେମାନେ ଉଚ୍ଚ ମହାବିଦ୍ୟାଳୟର ଛାତ୍ର ହୋଇଯାଇଥାନ୍ତି। ଗତ କିଛି ବର୍ଷ ହେଲା ଛାତ୍ରମାନଙ୍କୁ ଭବିଷ୍ୟତ ନାଗରିକ ଭାବେ ଗଢ଼ିବା ପାଇଁ ସେମାନଙ୍କୁ ବିଭିନ୍ନ ସୁଯୋଗ ଦିଆଯାଇଥାଏ। ସେଥିମଧ୍ୟରୁ ଗୋଟିଏ ବଡ଼ ସୁଯୋଗ ହେଉଛି ଯେ ଛାତ୍ର ନିର୍ବାଚନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା। ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପ୍ରଭୃତିରେ ନାମଲେଖା ପର୍ବ ଅଗଷ୍ଟ ସୁଦ୍ଧା ଶେଷ ହୋଇଯାଇଥାଏ। ଏହାପରେ ଛାତ୍ରମାନଙ୍କ ମଧ୍ୟରେ ଗୋଟିଏ ନୂତନ ଶିହରଣ ଓ ଉତ୍ତରଣର ଭାବନା ସୃଷ୍ଟି ହୁଏ। ସେମାନେ ସାବାଳକ ହୋଇଥିବାରୁ, ସାବାଳକର କର୍ତ୍ତବ୍ୟ ଓ ଦାୟିତ୍ୱ ଜାଣିବା ସହିତ ଅଧିକାର ସାବ୍ୟସ୍ତ କରିବା ଦିଗରେ ସେତିକି ସଚେତନ ହୁଅନ୍ତି। ସେମାନଙ୍କୁ ପ୍ରଭାବିତ କରିବା ପାଇଁ ଏ ସମୟରୁ ବିଭିନ୍ନ ଦଳର ରାଜନୈତିକ ନେତାମାନେ ଉଦ୍ୟମ କରିଥାନ୍ତି। ସାବାଳକମାନଙ୍କୁ ନିର୍ବାଚନରେ ଭୋଟ ଦେବା ପାଇଁ ଅଧିକାର ମିଳିବା ପରେ ସେମାନଙ୍କୁ ପ୍ରଭାବିତ ଓ ନିୟନ୍ତିତ କରିବା ପାଇଁ ନେତାମାନେ ବହୁ ପ୍ରଲୋଭନ ଦେଖାଇଥାନ୍ତି। କେତେକ କ୍ଷେତ୍ରରେ ସେମାନଙ୍କୁ ଫୁର୍ତ୍ତି କରିବା ପାଇଁ ଅର୍ଥ ଓ ସୁଯୋଗ ଯୋଗାଇ ଦିଅନ୍ତି। ଏଇ ସମୟରୁ ସେମାନଙ୍କ ପାଦ ଖସିବା ସମୟ ଆରମ୍ଭ ହୁଏ।

ଓଡ଼ିଶାର ପ୍ରମୁଖ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ହେଉଥିବା ଛାତ୍ର ନିର୍ବାଚନରେ ଯେଉଁ ଛାତ୍ରମାନେ ଜିତିବେ ସେମାନଙ୍କୁ ଦଳର ଭବିଷ୍ୟତ ନେତା କରିବା ପାଇଁ ସୁଯୋଗ ମିଳିବ ଏଇ ଧାରଣା ନେଇ ନେତାମାନେ ଛାତ୍ର ନେତାମାନଙ୍କୁ ଯେନତେନ ପ୍ରକାରେଣ ନିର୍ବାଚନରେ ବିଜୟୀ ହେବାପାଇଁ ଶିକ୍ଷା ଦିଅନ୍ତି। ଏଥିପାଇଁ ରାଜନେତାମାନେ ଅର୍ଥ ଯୋଗାଇ ଦିଅନ୍ତି ଏବଂ ଏଇ ମିଳାମିଶାରୁ ଅନେକ ଶୃଙ୍ଖଳା ଭାଙ୍ଗି ବିପଥଗାମୀ ହେବାର ଉଲ୍ଲାସରେ ମାତିଥାଆନ୍ତି। ଛାତ୍ର ନିର୍ବାଚନ ଶୃଙ୍ଖଳାର ସହିତ ନିର୍ବାହ କରିବା ପାଇଁ ଅଧକ୍ଷ ଓ ଅଧାପକମାନେ ପ୍ରବର୍ତ୍ତାଉଥିଲେ ମଧ୍ୟ ଏବର୍ଷ ଅନେକ ବର୍ଷ ପରେ ରାଜ୍ୟର ପ୍ରମୁଖ କଲେଜମାନଙ୍କରେ ନେତା ହେବା ପାଇଁ ପ୍ରତିଯୋଗିତା ଲାଗିଛି। କେତେକ କ୍ଷେତ୍ରରେ ଦେଖାଯାଏ ସାମାଜିକ ଜୀବନ ବା ରାଜନୀତିର ପ୍ରତିଷ୍ଠା ଅର୍ଜନ କରିଥିବା ନେତାମାନେ ଛାତ୍ରମାନଙ୍କୁ ଭଲବାଟ ଦେଖାଇବା ନାମରେ ଭୁଲ ବାଟରେ ନେଉଥିବାରୁ ଛାତ୍ର ନିର୍ବାଚନରେ ଶାନ୍ତି ଓ ଶୃଙ୍ଖଳା ଭଙ୍ଗ ହେଉଛି। ଅଭିଯୋଗ ଉଠେ ଛାତ୍ର ନିର୍ବାଚନ ସମୟରେ ପ୍ରଚାର ପ୍ରସାର ନାମରେ ସାଧାରଣ ନିର୍ବାଚନ ପରି ପ୍ରାର୍ଥୀମାନେ ଅନେକ ଅର୍ଥ ବ୍ୟୟ କରିଥାନ୍ତି। ଏ ଅର୍ଥ ତାଙ୍କ ପରିବାରୁ ଆସେ ନାହିଁ। ସେମାନଙ୍କୁ ଆୟତ୍ତରେ ରଖିବା ପାଇଁ ରାଜନେତାମାନେ ହିଁ ଆବଶ୍ୟକ ଅର୍ଥ ଦେଇଥାନ୍ତି ବୋଲି ଚର୍ଚ୍ଚା ଉଠେ। ନୂତନ କଲେଜ ଜୀବନ ଆରମ୍ଭ କରୁଥିବା ତରୁଣମାନେ ନିଜର ବୌଦ୍ଧିକ ଜୀବନକୁ ସୁନିୟନ୍ତ୍ରିତ କରିବା ପାଇଁ ସୁଯୋଗ ଥିଲାବେଳେ ସେମାନଙ୍କୁ ବାଟବଣା କରିବାରେ ଅନେକ ରାଜନେତାମାନେ ସାହାଯ୍ୟ କରନ୍ତି। ନେତାମାନେ ନିଜ ନିଜ ଦଳକୁ ଶକ୍ତିଶାଳୀ କରିବା ପାଇଁ ଛାତ୍ରମାନଙ୍କୁ ଅସ୍ତ୍ର ଭାବେ ବ୍ୟବହାର କରନ୍ତି। ଭାରତବର୍ଷର ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ମାନଙ୍କରେ ଛାତ୍ର ନିର୍ବାଚନ ଶୃଙ୍ଖଳାର ସହିତ ହେଉଥିବାବେଳେ ଓଡ଼ିଶାରେ ଛାତ୍ର ରାଜନୀତି ମଧ୍ୟ ଶୃଙ୍ଖଳିତ ହେବା ପାଇଁ ବର୍ତ୍ତମାନର ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି। ଓଡ଼ିଶାର ଛାତ୍ର ରାଜନୀତିକୁ ଦେଖିଲେ ଆଜିର ସମୟରେ ବେଶ ପ୍ରତିଷ୍ଠିତ ହୋଇଥିବା ରାଜନେତାମାନେ ଦିନେ ଏହି ଛାତ୍ର ରାଜନୀତିରୁ ହିଁ ସେମାନଙ୍କର ରାଜନୈତିକ ପୃଷ୍ଠଭୂମି ଆରମ୍ଭ କରିଥିଲେ। ବୌଦ୍ଧିକ ଉତ୍କର୍ଷ ପାଇଁ ଅଧ୍ୟୟନ ଓ ଅଧ୍ୟବସାୟ ନକରି ଏବଂ ସମାଜ ସଂଗଠନ କାର୍ଯ୍ୟରେ ଶକ୍ତି ବିନିଯୋଗ ନକରି ଆଦ୍ୟ ଯୌବନରୁ ନିୟନ୍ତ୍ରଣ ଭାଙ୍ଗିବ ଦ୍ୱାରା ପଛରେ ପଡ଼ିଯାଉଛି ଏହା ଦୁର୍ଭାଗ୍ୟର ବିଷୟ। ଏ ଧାରା ତୁରନ୍ତ ବନ୍ଦ ହେବା ଉଚିତ ବୋଲି କେତେକ ବର୍ଗ ମତ ଦେଉଥିବାବେଳେ ଛାତ୍ର ରାଜନୀତି ଦ୍ୱାରା ଜଣଙ୍କର ଅସଲ ରାଜନୈତିକ ଦକ୍ଷତାର ପରୀକ୍ଷା ହୋଇଥାଏ ବୋଲି ମତ ଦିଅନ୍ତି। ତେବେ ଯାହାହେଉନା କାହିଁକି ଛାତ୍ରମାନେ ରାଜନୀତି ସହ ସମାଜରେ ଭାଇଚାରା ପ୍ରତିଷ୍ଠା ଓ ସମାଜ ପ୍ରତି, ଦେଶ ପ୍ରତି ନିଜ ଗୁରୁଦାୟିତ୍ୱକୁ ନିର୍ବାହ କରିବା ପାଇଁ ଯେପରି ନ ଭୁଲନ୍ତି।

+ଯାଜପୁର ରୋଡ଼, ଯାଜପୁର,
ମୋ : ୯୯୩୮୫୩୬୦୭୬

# ୪୪ ବର୍ଷରେ ବୃନ୍ଦାବନ ଟକିଜ୍ : 'ଏଲିୟନ୍'ରୁ 'ସୈୟାରା'



**ଅଭୟ କୁମାର ଦାସ**

ଦଶହରାର ମାହୋଲ ଚାଲିଛି। ହଜାର ବର୍ଷର ସହର ହେଉଛି କଟକ। ଦିନ ଥିଲା ଦଶହରା ସମୟରେ ଅନେକ ଓଡ଼ିଆ ସିନେମା ମୁକ୍ତିଲାଭ କରୁଥିଲା ଯାହାକୁ ଦେଖିବା ପାଇଁ ଅନେକ ଦୂରରୁ ଲୋକମାନେ ଆସୁଥିଲେ। ଓଡ଼ିଆ ସିନେମା କଥା ଭାବିଲେ ପ୍ରଥମେ ଆଖି ଆଗକୁ ଆସିବ 'ଶ୍ରୀଲୋକନାଥ'। ୧୯୬୦ ମସିହାରେ ଜାତୀୟ ପୁରସ୍କାର ପାଇଥିବା ଏହି ଆଞ୍ଚଳିକ ସିନେମାକୁ କଳାପ୍ରେମୀ ସ୍ୱର୍ଗତଃ ଗୋକୁଳ ଚନ୍ଦ୍ର କାନୁନଗୋ ତିଆରି କରିଥିଲେ। ସେ ସମୟରେ କ୍ୟାପିଟାଲ ସିନେମା ମାତ୍ର ୨୦ ସପ୍ତାହ ପରେ ଏହି ସିନେମାକୁ ହଲରୁ ଉଠେଇ ଦେଇଥିଲେ। ସେ ସମୟରେ ଓଡ଼ିଶାରେ ହାତଗଣତି ସିନେମା ହଲ ଥିଲା ତେଣୁ ବାଧ୍ୟ ହୋଇ ସ୍ୱର୍ଗତଃ କାନୁନଗୋ ଏହାକୁ ସହୀଦ ଭବନରେ ଲୋକମାନଙ୍କୁ ଦେଖାଇଥିଲେ। ସେ ସମୟରେ ଗାଁ ଗହଳିରେ ଲୋକମାନଙ୍କ ଭିତରେ ନୂଆ ନୂଆ ଓଡ଼ିଆ ସିନେମା ଦେଖିବାକୁ ପ୍ରବଳ ଆଗ୍ରହ ରହୁଥିଲା। କାନୁନଗୋ ବାବୁ ଦୁଇଟା ଟ୍ରକରେ ପ୍ରୋଜେକ୍ଟର ମାଧ୍ୟମରେ ପରଦା ବାନ୍ଧି ଗାଁ ଗାଁ ଗାଡ଼ି ବୁଲାଇ ଲୋକମାନଙ୍କୁ ସିନେମା ଦେଖାଉଥିଲେ। ଲୋକମାନଙ୍କ ଭିତରେ ସିନେମା ଦେଖିବା ପ୍ରତି ଅହେତୁକ ଆଗ୍ରହ ସେ ଦେଖିବାକୁ ପାଇଲେ। ଶ୍ରୀଲୋକନାଥ ଚଳଚ୍ଚିତ୍ରଟି ଅଧିକ ଦିନ ସିନେମା ହଲରେ ଚାଲି ପାରିଲା ନାହିଁ। ଗଭୀର ମନସ୍ତାପ ଭିତରେ ଗୋକୁଳ ବାବୁ ନିଜେ ଏକ ସିନେମା ହଲ ତିଆରି କରିବା ପାଇଁ ମନବଳକୁ ଦୃଢ଼ କରିଥିଲେ। ୩୦ଲକ୍ଷ ଟଙ୍କା ହିସାବକୁ ଦେଖି ୧୯୬୫ ମସିହାରେ ସିନେମା ଘର ତିଆରି ପାଇଁ ଜାଗା କିଣିଲେ। ଏହାର କାମ ଆରମ୍ଭ ହୋଇଥିଲା ୧୯୭୯ରେ। ୧୯୮୨ ଅପ୍ରେଲ ୧ରେ ସେ ସମୟର ମୁଖ୍ୟମନ୍ତ୍ରୀ ଜାନକୀ ବାବୁ ଗୋକୁଳ ବାବୁଙ୍କ ନୂଆ ସିନେମା ହଲ 'ବୃନ୍ଦାବନ ଟକିଜ'କୁ ଉଦଘାଟନ କରିଥିଲେ।

ସେ ସମୟରେ ଏହି ସିନେମା ହଲରେ ପ୍ରଥମ ସିନେମା ଆସିଥିଲା 'ଏଲିୟନ୍'। ଓଡ଼ିଶାର ପ୍ରଥମ ୭୦ ଏମ ଏମ୍ ସିନେମା ହଲ ଭାବେ ବୃନ୍ଦାବନ ଟକିଜ ପରିଗଣିତ ହେବା ସହିତ ରାଜ୍ୟର ବୃହତ୍ତମ ହଲ ଭାବେ ପ୍ରସିଦ୍ଧି ପାଇଥିଲା। ୧୪୦୦ ଲୋକ ଏକାସାଙ୍ଗେ ବସି ଏଠାରେ ସିନେମା ଦେଖି ପାରୁଥିଲେ। ଏଠାରେ ଓଡ଼ିଆ ସିନେମା 'ଯାହାକୁ ରଖିବେ ଅନନ୍ତ' ଚଉଦ ସପ୍ତାହ ଚାଲିଥିଲା। ଏହି ଫିଲ୍ମ ତିନି ଲକ୍ଷ ଟଙ୍କା ଆୟ କରିଥିଲା। ଆରମ୍ଭରୁ ଦଶ ଟଙ୍କା ଦେଇ ଲୋକମାନେ ସିନେମା ଦେଖୁଥିଲେ। କଳାବଜାରି ହେବାପରେ ବି ତିରିଶ ଟଙ୍କାରେ ଟିକେଟ ବିକ୍ରି ହେଉଥିଲା। ଓଡ଼ିଆ ସିନେମା 'ଆଇ ଲଭ ୟୁ' ହଲରେ ୧୦ରୁ ଅଧିକ ଥର ଚାଲିଥିଲା। ବର୍ତ୍ତମାନ ଓଡ଼ିଆ ସିନେମା 'ଅନନ୍ତା' ପାଞ୍ଚ ସପ୍ତାହ ହେଲା ହଲରେ ପଡ଼ି ଲୋକଙ୍କ ଆଦୃତି ଲାଭ କରିଥିଲା। ଏବେ ବୃନ୍ଦାବନରେ ଖେଳୁଛି ହିନ୍ଦି ଫିଲ୍ମ ସୈୟାରା।

କିନ୍ତୁ ରାଜ୍ୟ ତଥା କଟକ ସହରରେ ସିନେମା ହଲ ସଂଖ୍ୟା ହ୍ରାସ ପାଇବା ସିନେମା ଶିଳ୍ପର ଭବିଷ୍ୟତ ପ୍ରତି ପ୍ରଶ୍ନବାଚରୀ ଛିଡ଼ା କରିଛି। ଏକଦା ରାଜ୍ୟରେ ମୋଟ ୩୫୦ଟି ସିନେମା ହଲ ଥିଲା। ବର୍ତ୍ତମାନ ଏହା ୫୦କୁ ଖସି ଆସିଛି। କଟକ ସହରରେ ସିଙ୍ଗିଲ ପରଦା ଥିବା ସିନେମା ହଲ ମାତ୍ର ଦୁଇଟି ରହିଛି। ଗୋଟିଏ ହେଲା 'ସଙ୍ଗମ', ଆରଟି ହେଲା 'ବୃନ୍ଦାବନ' ଟକିଜ। ନିଶାମଣି, ଲକ୍ଷ୍ମୀ ଟକିଜ, ହିନ୍ଦୀ, ଦୁର୍ଗା-ଦେବୀ, ଗ୍ରାଣ୍ଡ, ରାଜତରଙ୍ଗିଣୀ, ପ୍ରଭାତ, କ୍ୟାପିଟାଲ, ଜନତା, ଜୟଶ୍ରୀ ଆଦି ସିନେମା ହଲ ବନ୍ଦ ହୋଇଗଲାଣି। ନିକଟରେ କଳିଙ୍ଗ ଷ୍ଟୁଡିଓ ନୂଆକଳେବରରେ ଉଦଘାଟନ ହୋଇଛି। ଓଡ଼ିଆ ପ୍ରଯୋଜକମାନେ ଏଥର ଆଉ ଓଡ଼ିଶା ବାହାର ଉପରେ ନିର୍ଭରଶୀଳ ହେବେ ନାହିଁ। ତେବେ ଓଡ଼ିଶାରେ ଏବେ ବି ଭଲ ସିନେମା ନିର୍ମାଣ ଅପେକ୍ଷା ରହୁଛି। ସେହିପରି ଟିକେଟ ଉପରେ ମାତ୍ରାଧିକ ଶୁଳ୍କ ଏବଂ ସିନେମା ନିର୍ମାଣ ସହିତ ସିନେମା ଘର ତିଆରି କରିବା ପାଇଁ ସେପରି ରିହାତି ଆଉ ମିଳୁନାହିଁ। ଏପଟେ ଦର୍ଶକମାନେ ନେଟଫ୍ଲିକ୍ସ ଓ ଅତ୍ୟାଧୁନିକ ୟୁଟ୍ୟୁବରେ ହାତ ପାହାନ୍ତାରେ ସିନେମା ସବୁ ଦେଖିବାକୁ ପାଉଛନ୍ତି। ତେଣୁ ସିନେମା ଶିଳ୍ପକୁ ବଞ୍ଚାଇ ରଖିବାକୁ ହେଲେ ରାଜ୍ୟରେ ଅଧିକରୁ ଅଧିକ ସିନେମା ଘର ତିଆରି ହେବା ଦରକାର। ଓଡ଼ିଶା ସରକାର ପ୍ରତି ବ୍ଲକରେ ସିନେମା ଘର ତିଆରି ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଏହା ନିଶ୍ଚିନ୍ତ ଖୁସିର ଖବର। ଓଡ଼ିଶା ଏକ ଉତ୍କୃଷ୍ଟ କଳାର ରାଜ୍ୟ ଭାବେ ଏହାର ନାମ ଉତ୍କଳ। ଦିନଥିଲା ଓଡ଼ିଶାର ଏପରି କୌଣସି ଅଞ୍ଚଳ ନଥିଲା ଯେଉଁଠି ସିନେମା ଘର ନଥଲା। ପର୍ବପର୍ବାଣୀ ସମୟରେ ନୂଆ ନୂଆ ସିନେମା ଦେଖିବା ପାଇଁ ସପରିବାର ସିନେମା ଘରକୁ ଧାଡ଼ି ଛୁଟାଉଥିଲେ। ନିକଟରେ 'କର୍ମ', 'ପ୍ରତୀକ୍ଷା', 'ଦମନ', 'ଅନନ୍ତା', 'ବୋଉ ବୁଟୁ ଭୂତ' ଭଳି ଫିଲ୍ମ ଓଡ଼ିଆ ସିନେମା ବ୍ୟବସାୟିକ ସଫଳତା ଆଣିବା ପରେ ଓଡ଼ିଶା ସିନେମା ଉନ୍ନୟନ ନିଗମ ଏ ଦିଗରେ ପଦକ୍ଷେପ ନେବା ଜରୁରୀ।

+ ଗୋତରା, ମାହାଙ୍ଗା, କଟକ,
ମୋ : ୯୪୩୭୧୪୨୭୧୭

# ନିଜେ କିଣିଲା ଆମେରିକା, କଟକଣା ଜାଲରେ ଛନ୍ଦି ହେବ କି ଭାରତ ?

ବିଶ୍ୱ ରାଜନୀତି ଏବଂ ଅର୍ଥନୀତିର ଏକ ଜଟିଳ ମୋଡ଼ରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟରେ ଘୋଷିତ ରୁଷିଆ ସହିତ ଡିଜେଲ ଚୁକ୍ତି ଏବଂ 'ଶକ୍ତି ଯୁଦ୍ଧବିରତି' ଏକ ନୂତନ ବିତର୍କର ସୂତ୍ରପାତ କରିଛି । ଗୋଟିଏ ପଟେ ଆମେରିକା ନିଜର ଘରୋଇ ଇନ୍ଧନ ଆବଶ୍ୟକତା ପୂରଣ କରିବା ପାଇଁ ରୁଷିଆ ସହିତ ବୁଝାମଣା କରୁଥିବା ବେଳେ, ଅନ୍ୟପଟେ ଭାରତ ଭଳି ରାଷ୍ଟ୍ର ଉପରେ ରୁଷିଆରୁ ତୈଳ ଆମଦାନୀ କରୁଥିବାରୁ କଠୋର କଟକଣା ଲଗାଇବାକୁ ଧମକ ଦେଉଛି । ଏହି ଦ୍ୱୈତ ନୀତି ବା କପଟତା କେବଳ ଆମେରିକାର ସ୍ୱାର୍ଥପର ବିଦେଶ ନୀତିକୁ ପଦାରେ ପକାଉ ନାହିଁ, ବରଂ ଭାରତର ଶକ୍ତି ନିରାପତ୍ତା ଏବଂ ବାଣିଜ୍ୟିକ ସ୍ୱାର୍ଥ ଉପରେ ଏକ ଗଭୀର ନକାରାତ୍ମକ ପ୍ରଭାବ ପକାଇବାକୁ ଯାଉଛି । ୨୦୨୬ ମସିହା ଅକ୍ଟୋବର ୧୦ ତାରିଖରେ ଟ୍ରମ୍ପଙ୍କ ଦ୍ୱାରା ଘୋଷିତ ଏହି ଚୁକ୍ତି ଅନୁଯାୟୀ ରୁଷିଆ ତୁରନ୍ତ ଆମେରିକା ଏବଂ ବିଶ୍ୱ ବଜାରକୁ ୩ ଲକ୍ଷ ଟନ୍ ଡିଜେଲ ଯୋଗାଇବ ଏବଂ ପରବର୍ତ୍ତୀ ସମୟରେ ଏହି ପରିମାଣ ଆହୁରି ବୃଦ୍ଧି ପାଇବ । ଏହା ସହିତ ଟ୍ରମ୍ପ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଏକ 'ଶକ୍ତି ଯୁଦ୍ଧବିରତି' ବା ଏନର୍ଜି ସିଜଫାୟାର ଘୋଷଣା କରିଛନ୍ତି, ଯାହାର ସିଧାସଳଖ ପ୍ରଭାବ ଭାରତର ଅର୍ଥନୀତି ଏବଂ ରପ୍ତାନି ବାଣିଜ୍ୟ ଉପରେ ପଡ଼ିବ ।

ଏହି ଡିଜେଲ ଚୁକ୍ତିର ରୂପରେଖକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଆମେରିକା ନିଜ ଦେଶର ମୁଦ୍ରାସ୍ଫୀତି ଏବଂ ଇନ୍ଧନ ଦର ନିୟନ୍ତ୍ରଣ କରିବା ପାଇଁ ଯେକୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛି । ଟ୍ରମ୍ପଙ୍କ ସୂଚନା ଅନୁଯାୟୀ, ରୁଷିଆ ନଭେମ୍ବର ମାସରେ ଆଉ ୫ ଲକ୍ଷ ଟନ୍ ଏବଂ ତା'ପରେ ତୁରନ୍ତ ୧୦ ଲକ୍ଷ ଟନ୍ ଡିଜେଲ ଯୋଗାଇବ । ଏହା ପରେ ରୁଷିଆର ତୈଳ ବିଶୋଧନାଗାରଗୁଡ଼ିକର ସ୍ଥିତିକୁ ଭିତ୍ତି କରି ଅଳ୍ପ ସମୟ ମଧ୍ୟରେ ଆଉ ୩୦ ଲକ୍ଷ ଟନ୍ ଡିଜେଲ ଯୋଗାଇଦେବାର ବ୍ୟବସ୍ଥା ରହିଛି । ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ୍'ରେ ଏହି ନିଷ୍ପତ୍ତିକୁ ସର୍ବଦା ଆମେରିକା ପ୍ରଥମ ବା 'ଆମେରିକା ଫାଷ୍ଟ' ନୀତିର ଏକ ଅଂଶ ବୋଲି ଯୁକ୍ତି ବାଢ଼ିଛନ୍ତି । ତଥ୍ୟ ଅନୁଯାୟୀ, ଗତ କିଛି ମାସ ଧରି ବିଶ୍ୱ ଡିଜେଲ ବଜାରରେ ତୀବ୍ର ଅଭାବ ଦେଖାଦେଇଛି ଏବଂ ଆମେରିକାରେ ନିର୍ବାଚନ ସମୟରେ ଇନ୍ଧନ ଦର ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଟ୍ରମ୍ପ ନିଜର ଭୋଟରମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏଭଳି ପଦକ୍ଷେପ ନେଇଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏହି ଚୁକ୍ତିର ମାତ୍ର କିଛି ଦିନ ପୂର୍ବରୁ, ଅର୍ଥାତ୍ ସେପ୍ଟେମ୍ବର ୧୮ ତାରିଖରେ, ଟ୍ରମ୍ପ '୨୦୨୬ ମସିହାର ଲିଣ୍ଡସେ ଓ. ଗ୍ରାହାମ ରୁଷିଆ ଏବଂ ଇରାନ କଟକଣା ଆଇନ'ରେ ସ୍ୱାକ୍ଷର କରିଥିଲେ । ଏହି ଆଇନର ମୂଳ ଲକ୍ଷ୍ୟ ଥିଲା ରୁଷିଆର ତୈଳ ବାଣିଜ୍ୟ ଉପରେ କଠୋର କଟକଣା ଲଗାଇ ୟୁକ୍ରେନ ଯୁଦ୍ଧ ପାଇଁ ପାଣ୍ଠି ଯୋଗାଣକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ।

ଆମେରିକାର ଆଭ୍ୟନ୍ତରୀଣ ରାଜନୀତିରେ ମଧ୍ୟ ଏହି ଦ୍ୱୈତ ନୀତିକୁ ନେଇ ତୀବ୍ର ସମାଲୋଚନା ଆରମ୍ଭ ହୋଇଛି । ଡେମୋକ୍ରାଟ୍ ଏବଂ ରିପବ୍ଲିକାନ୍ ଉଭୟ ଦଳର ବିପୁଳ ସମର୍ଥନରେ ପାରିତ ହୋଇଥିବା କଟକଣା ଆଇନର ମୂଳଦୁଆକୁ ଏହି ଡିଜେଲ ଚୁକ୍ତି ଦୁର୍ବଳ କରିଦେଇଛି ବୋଲି ଅନେକ ଆମେରିକୀୟ ନେତା ମତ ପ୍ରକାଶ କରିଛନ୍ତି । ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସର ସଦସ୍ୟ ତଥା ରିପବ୍ଲିକାନ୍ ନେତା ମାଇକେଲ୍ ମ୍ୟାକକଲ୍ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଡିଜେଲ ଦର କମାଇବା ନାମରେ ରୁଷିଆ ଉପରୁ କଟକଣା ହଟାଇବା ଦ୍ୱାରା କ୍ରେମଲିନର ଯୁଦ୍ଧ ମେସିନକୁ ପୁଣିଥରେ ପାଣ୍ଠି ମିଳିବ, ଯାହା ୟୁକ୍ରେନରେ ଅଧିକ ହିଂସା ଏବଂ ବିନାଶକୁ ପ୍ରୋତ୍ସାହିତ କରିବ । ଆମେରିକାର ଏହି ପଦକ୍ଷେପ ପ୍ରମାଣିତ କରୁଛି ଯେ ଯେତେବେଳେ ନିଜ ଦେଶର ଅର୍ଥନୀତି ଏବଂ ନିର୍ବାଚନ କଥା ଆସେ, ସେତେବେଳେ ଆମେରିକା ନିଜେ ତିଆରି କରିଥିବା ନିୟମକୁ ଭୁଲିଯିବାକୁ ପଛାଏ ନାହିଁ । ଏହା ବିଶ୍ୱ ମଞ୍ଚରେ ଆମେରିକାର ବିଶ୍ୱସନୀୟତା ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କୁ ଏକ ଭୁଲ ବାର୍ତ୍ତା ଦେଉଛି ।

ଏହି ଘଟଣାକ୍ରମ ଭାରତ ପାଇଁ ଅତ୍ୟନ୍ତ ଚିନ୍ତାଜନକ ଅଟେ । ନୂତନ କଟକଣା ଆଇନ ଅନୁଯାୟୀ, ଯେଉଁ ଦେଶଗୁଡ଼ିକ ରୁଷିଆରୁ ବିପୁଳ ପରିମାଣରେ ତୈଳ ଏବଂ ଗ୍ୟାସ ଆମଦାନୀ କରୁଛନ୍ତି, ସେମାନଙ୍କ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ବା ଟାରିଫ୍ ଲଗାଯିବାର ବ୍ୟବସ୍ଥା ରହିଛି । ଐତିହାସିକ ତଥ୍ୟ ଅନୁଯାୟୀ, ୨୦୨୨ ମସିହା ପୂର୍ବରୁ ଭାରତର ମୋଟ ତୈଳ ଆମଦାନୀରେ ରୁଷିଆର ଅଂଶ ୨ ପ୍ରତିଶତରୁ କମ୍ ଥିବାବେଳେ, ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ରିହାତି ମୂଲ୍ୟରେ ତୈଳ ମିଳିବା କାରଣରୁ ଏହା ୩୫ ରୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା । ବର୍ତ୍ତମାନ ଚୀନ୍ ଏବଂ ଭାରତ ହେଉଛନ୍ତି ରୁଷିଆରୁ ଶକ୍ତି ଆମଦାନୀ କରୁଥିବା ଦୁଇ ପ୍ରମୁଖ ରାଷ୍ଟ୍ର । କିନ୍ତୁ ଚୀନ୍ ଆମେରିକା ସହିତ ଏକ ସ୍ୱତନ୍ତ୍ର ବୁଝାମଣା କରି ୨୦୨୭ ମସିହା ଆରମ୍ଭ ପର୍ଯ୍ୟନ୍ତ ନିଜ ଉପରେ କୌଣସି ଅତିରିକ୍ତ ଶୁଳ୍କ ଲାଗୁ ନହେବାର ବ୍ୟବସ୍ଥା କରିସାରିଛି । ଏହାର ଅର୍ଥ ହେଉଛି, ଏହି ୧୦୦ ପ୍ରତିଶତ ଶୁଳ୍କର ଏକମାତ୍ର ପ୍ରମୁଖ ଶିକାର ଭାରତ ହିଁ ହେବାକୁ ଯାଉଛି । ଆମେରିକା ନିଜେ ରୁଷିଆଠାରୁ ଲକ୍ଷ ଲକ୍ଷ ଟନ୍ ଡିଜେଲ କିଣିବାକୁ ଚୁକ୍ତି କରୁଥିବା ବେଳେ ଭାରତକୁ ସମାନ କାର୍ଯ୍ୟ ପାଇଁ ଦଣ୍ଡିତ କରିବାକୁ ପ୍ରୟାସ କରିବା ଏକ ଚରମ କପଟତା ଅଟେ । ପଶ୍ଚିମ ଏସିଆରେ ଲାଗିରହିଥିବା ସଂଘର୍ଷ କାରଣରୁ ବିଶ୍ୱ ବଜାରରେ ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହୋଇଥିବା ବେଳେ ଭାରତ ନିଜର ଶକ୍ତି ନିରାପତ୍ତା ପାଇଁ ରୁଷିଆ ଉପରେ ନିର୍ଭର କରିବା ଅପରିହାର୍ଯ୍ୟ ହୋଇପଡ଼ିଛି ।

ଭାରତ ଏବଂ ଆମେରିକା ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା ବାଣିଜ୍ୟିକ ଆଲୋଚନା ଉପରେ ମଧ୍ୟ ଏହାର ଅତ୍ୟନ୍ତ ନକାରାତ୍ମକ ପ୍ରଭାବ ପଡ଼ିବ । ଫେବୃଆରୀ ୨୦୨୫ ଠାରୁ ଭାରତ ଏକ ବ୍ୟାପକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାକୁ ପ୍ରୟାସ କରିଆସୁଛି । କିନ୍ତୁ ପ୍ରତିଥର ଆଲୋଚନା ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିବା ବେଳକୁ ଆମେରିକା ନିଜର ଶୁଳ୍କ କିମ୍ବା ବାଣିଜ୍ୟ ନୀତିରେ ଅଚାନକ ପରିବର୍ତ୍ତନ କରି ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିଥାଏ । ଉଦାହରଣସ୍ୱରୂପ, ଗତବର୍ଷ ଜୁନ୍ ମାସରେ ଏକ 'ମିନି ଡିଲ୍' ବା ଛୋଟ ଚୁକ୍ତି ନେଇ ଆଲୋଚନା ଆଗେଇଥିବା ବେଳେ ଅଗଷ୍ଟ ୨୦୨୫ ରେ ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଥିଲା, ଯାହାର ମୁଖ୍ୟ କାରଣ ଥିଲା ଭାରତର ରୁଷିଆ ତୈଳ ଆମଦାନୀ । ପରେ ଅକ୍ଟୋବର ୨୦୨୫ ରେ ଆଲୋଚନା ପୁନର୍ବାର ଆରମ୍ଭ ହୋଇ ଫେବୃଆରୀ ୨୦୨୬ ସୁଦ୍ଧା ଏକ ଅନ୍ତରୀଣ ଚୁକ୍ତି ପାଇଁ ରୂପରେଖ ପ୍ରସ୍ତୁତ ହୋଇଥିଲା । କିନ୍ତୁ ମାର୍ଚ୍ଚ ମାସରେ ଆମେରିକା ଭାରତ ବିରୋଧରେ 'ବାଧ୍ୟତାମୂଳକ ଶ୍ରମ' ଏବଂ 'ଗଠନମୂଳକ ଅତିରିକ୍ତ କ୍ଷମତା'ର ବ୍ୟବହାରକୁ ନେଇ ଅଯୌକ୍ତିକ ତଦନ୍ତ ଆରମ୍ଭ କରିଥିଲା, ଯାହା ଫଳରେ ଜୁଲାଇ ମାସରେ ଭାରତ ଉପରେ ଆଉ ୧୦ ପ୍ରତିଶତ ଶୁଳ୍କ ଲାଗୁ କରାଯାଇଥିଲା । ସେପ୍ଟେମ୍ବର ମାସରେ ପାରିତ ହୋଇଥିବା ରୁଷିଆ କଟକଣା ଆଇନ ଏହି ସ୍ଥିତିକୁ ଆହୁରି ଜଟିଳ କରିଦେଇଛି । ଆମେରିକାର ଏହି ବାରମ୍ବାର ନୀତି ପରିବର୍ତ୍ତନ ଭାରତର ଅର୍ଥନୈତିକ ସ୍ଥିରତା ପ୍ରତି ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି ।

ଆମେରିକାର ଏହି ଦ୍ୱୈତ ନୀତି କେବଳ ରାଜନୈତିକ ସ୍ତରରେ ସୀମିତ ନୁହେଁ, ବରଂ ଏହା ବିଶ୍ୱ ଯୋଗାଣ ଶୃଙ୍ଖଳାକୁ ମଧ୍ୟ ବ୍ୟାପକ ଭାବରେ ପ୍ରଭାବିତ କରୁଛି । ବିଗତ ଦୁଇ ବର୍ଷ ଧରି ଭାରତର ଉଭୟ ଘରୋଇ ଏବଂ ସରକାରୀ ତୈଳ ବିଶୋଧନାଗାରଗୁଡ଼ିକ ରିହାତି ମୂଲ୍ୟରେ ରୁଷିଆରୁ ଅଶୋଧିତ ତୈଳ ଆଣି ତାହାକୁ ଡିଜେଲ ଏବଂ ବିମାନ ଇନ୍ଧନରେ ପରିଣତ କରି ୟୁରୋପ ତଥା ଆମେରିକାକୁ ରପ୍ତାନି କରୁଥିଲେ । ଏହି ପ୍ରକ୍ରିୟାରେ ଭାରତ ଏକ ପ୍ରକାରର ମଧ୍ୟସ୍ଥି ଭାବରେ କାର୍ଯ୍ୟ କରି ବିପୁଳ ଆର୍ଥିକ ଲାଭ ହାସଲ କରୁଥିଲା । କିନ୍ତୁ ବର୍ତ୍ତମାନ ଆମେରିକା ସିଧାସଳଖ ରୁଷିଆଠାରୁ ଡିଜେଲ କିଣିବାକୁ ଚୁକ୍ତି କରିବା ଫଳରେ ଭାରତର ଏହି ଲାଭଜନକ ବ୍ୟବସାୟ ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ଲାଗିଯାଇଛି । ଆମେରିକା ନିଜ ବଜାରକୁ ଶସ୍ତା ଡିଜେଲ ଆଣିବା ପାଇଁ ଭାରତୀୟ ବିଶୋଧନାଗାରଗୁଡ଼ିକୁ ବାଦ୍ ଦେଇ ସିଧାସଳଖ ରୁଷିଆ ସହିତ ହାତ ମିଳାଇଛି, ଯାହା ଭାରତର ପେଟ୍ରୋଲିୟମ ରପ୍ତାନି ବାଣିଜ୍ୟ ପାଇଁ ଏକ ଶକ୍ତ ଧକ୍କା ଅଟେ ।

ଏହା ବ୍ୟତୀତ, ଟ୍ରମ୍ପଙ୍କ ଦ୍ୱାରା ଘୋଷିତ 'ଶକ୍ତି ଯୁଦ୍ଧବିରତି' ଭାରତର ରପ୍ତାନି ବଜାର ଉପରେ ଏକ ସିଧାସଳଖ ଏବଂ ପ୍ରତିକୂଳ ପ୍ରଭାବ ପକାଇବ । ୟୁକ୍ରେନ କ୍ରମାଗତ ଭାବରେ ଡ୍ରୋନ୍ ମାଧ୍ୟମରେ ରୁଷିଆର ତୈଳ ବିଶୋଧନାଗାରଗୁଡ଼ିକ ଉପରେ ଆକ୍ରମଣ କରି ସେଗୁଡ଼ିକୁ ନଷ୍ଟ କରିଦେଇଥିଲା । ଏହାର ଫଳସ୍ୱରୂପ, ନିଜ ପାଖରେ ବିପୁଳ ପରିମାଣର ଅଶୋଧିତ ତୈଳ ଥିବା ସତ୍ତ୍ୱେ ରୁଷିଆ ନିଜର ଘରୋଇ ଆବଶ୍ୟକତା ପୂରଣ କରିବା ପାଇଁ ଅନ୍ୟ ଦେଶରୁ ବିଶୋଧିତ ଇନ୍ଧନ ଆମଦାନୀ କରିବାକୁ ବାଧ୍ୟ ହୋଇଥିଲା । 'ସେଣ୍ଟର ଫର ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର' (CREA) ର ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଅଗଷ୍ଟ ୨୦୨୬ ରେ ରୁଷିଆ ରେକର୍ଡ ୧,୭୨,୦୦୦ ଟନ୍ ତୈଳ ଜାତୀୟ ଦ୍ରବ୍ୟ ଆମଦାନୀ କରିଥିଲା ଏବଂ ଏଥିରୁ ୭୦ ପ୍ରତିଶତ କେବଳ ଭାରତରୁ ହିଁ ଯାଇଥିଲା । ଏହି ସଙ୍କଟ ସମୟରେ ଭାରତୀୟ ତୈଳ ବିଶୋଧନାଗାରଗୁଡ଼ିକ ପାଇଁ ରୁଷିଆ ଏକ ବଡ଼ ଏବଂ ନୂତନ ରପ୍ତାନି ବଜାର ପାଲଟିଥିଲା । ଯଦି ଏହି ଶକ୍ତି ଯୁଦ୍ଧବିରତି କାର୍ଯ୍ୟକାରୀ ହୁଏ, ତେବେ ରୁଷିଆ ନିଜର ନଷ୍ଟ ହୋଇଥିବା ବିଶୋଧନାଗାରଗୁଡ଼ିକୁ ମରାମତି କରିବାର ସୁଯୋଗ ପାଇବ । ଥରେ ରୁଷିଆର ନିଜସ୍ୱ ଇନ୍ଧନ ଉତ୍ପାଦନ ସ୍ୱାଭାବିକ ହୋଇଗଲେ, ତାକୁ ଆଉ ଭାରତରୁ ବିଶୋଧିତ ତୈଳ ଆମଦାନୀ କରିବାର ଆବଶ୍ୟକତା ପଡ଼ିବ ନାହିଁ । ଏହାଦ୍ୱାରା ଭାରତର ପେଟ୍ରୋଲିୟମ ରପ୍ତାନି ବାଣିଜ୍ୟ ଏକ ବଡ଼ କ୍ଷତିର ସମ୍ମୁଖୀନ ହେବ, ଯାହା ଦେଶର ବାଣିଜ୍ୟ ନିଅଣ୍ଟକୁ ଆହୁରି ବଢ଼ାଇଦେବ ।

ଅବଶ୍ୟ, ଏହି ଯୁଦ୍ଧବିରତି କେତେ ଦୂର ସଫଳ ହେବ ତାହା ଏବେ ବି ସନ୍ଦେହଘେରରେ ରହିଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ପ୍ରଥମେ ଏହି ଘୋଷଣାକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ ଏବଂ ଏହା ତାଙ୍କ ପାଇଁ ଏକ ନୂଆ ଖବର ବୋଲି କହିଥିଲେ । ଯଦିଓ ପରେ ସେ ସହଯୋଗ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ, ତଥାପି ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ରହିଛି । ଯୁଦ୍ଧବିରତି ଘୋଷଣାର କିଛି ଦିନ ପରେ ହିଁ ଜେଲେନସ୍କି ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଥିଲେ ଯେ ୟୁକ୍ରେନ ରୁଷିଆର କୌଣସି ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ କରିନଥିବା ବେଳେ, ରୁଷିଆ କିନ୍ତୁ ୟୁକ୍ରେନର ଗ୍ୟାସ ଷ୍ଟେସନ ଏବଂ ଶକ୍ତି ଭିତ୍ତିଭୂମି ଉପରେ ନିରନ୍ତର ଆକ୍ରମଣ ଜାରି ରଖିଛି । ରୁଷିଆର ଏହି ଆଭିମୁଖ୍ୟ ସ୍ପଷ୍ଟ କରୁଛି ଯେ ସେମାନେ ଶକ୍ତି ଯୁଦ୍ଧବିରତି ବିଷୟରେ କିଛି ଜାଣି ନାହାନ୍ତି କିମ୍ବା ଏହାକୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି । ତେଣୁ ଏହି ଘୋଷଣା କେବଳ ଏକ ରାଜନୈତିକ ବୟାନବାଜିରେ ସୀମିତ ରହିବାର ଯଥେଷ୍ଟ ସମ୍ଭାବନା ରହିଛି । ତଥାପି, ଏଭଳି ଅନିଶ୍ଚିତତା ଭାରତୀୟ ବଜାର ଏବଂ ନିବେଶକମାନଙ୍କ ପାଇଁ ଏକ ଅସ୍ଥିର ପରିବେଶ ସୃଷ୍ଟି କରୁଛି, ଯାହା ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରିବାରେ ବାଧା ସୃଷ୍ଟି କରୁଛି ।

ପରିଶେଷରେ, ଆମେରିକା ଏବଂ ରୁଷିଆ ମଧ୍ୟରେ ହୋଇଥିବା ଏହି ଡିଜେଲ ଚୁକ୍ତି ବିଶ୍ୱ କୂଟନୀତିର ଏକ ନିଷ୍ଠୁର ବାସ୍ତବତାକୁ ସାମ୍ନାକୁ ଆଣିଛି ଯେଉଁଠାରେ ଶକ୍ତିଶାଳୀ ରାଷ୍ଟ୍ରମାନେ ନିଜ ସ୍ୱାର୍ଥ ପାଇଁ ନିୟମ ଗଢ଼ନ୍ତି ଏବଂ ନିଜ ସୁବିଧା ଅନୁଯାୟୀ ତାହାକୁ ଭାଙ୍ଗନ୍ତି ମଧ୍ୟ । ଭାରତ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା । ଆମେରିକାର ଧମକ ଏବଂ ଅସ୍ଥିର ବାଣିଜ୍ୟ ନୀତି ଆଗରେ ମୁଣ୍ଡ ନନୁଆଁଇ ଭାରତକୁ ନିଜର ରଣନୈତିକ ସ୍ୱାୟତ୍ତତା ବଜାୟ ରଖିବାକୁ ପଡ଼ିବ । ଗୋଟିଏ ପଟେ ରୁଷିଆ ଉପରେ ଥିବା କଟକଣାକୁ ନେଇ ଆମେରିକାର ଦ୍ୱୈତ ନୀତିର କଡ଼ା ଜବାବ ଦେବା ସହିତ ଅନ୍ୟପଟେ ନିଜର ଶକ୍ତି ଆବଶ୍ୟକତାକୁ ସୁରକ୍ଷିତ ରଖିବା ପାଇଁ ଭାରତକୁ ଏକ ସନ୍ତୁଳିତ ଏବଂ ଦୃଢ଼ କୂଟନୈତିକ ପଦକ୍ଷେପ ଗ୍ରହଣ କରିବାକୁ ହେବ । ବିଶ୍ୱ ବଜାରରେ ତୈଳ ଦରର ଅସ୍ଥିରତା ଏବଂ ପଶ୍ଚିମ ଏସିଆର ସଙ୍କଟକୁ ଦୃଷ୍ଟିରେ ରଖି ଭାରତ କୌଣସି ଗୋଟିଏ ରାଷ୍ଟ୍ରର ଚାପରେ ନିଜର ଅର୍ଥନୈତିକ ସ୍ୱାର୍ଥକୁ ବଳିଦାନ ଦେଇପାରିବ ନାହିଁ । ଟ୍ରମ୍ପ ପ୍ରଶାସନର ଏହି ଆମେରିକା ପ୍ରଥମ ନୀତିର ମୁକାବିଲା କରିବା ପାଇଁ ଭାରତକୁ ମଧ୍ୟ ବିଶ୍ୱ ମଞ୍ଚରେ ସର୍ବଦା ନିଜର ଆଭ୍ୟନ୍ତରୀଣ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଏକ ସ୍ପଷ୍ଟ ଏବଂ ସ୍ୱାଧୀନ ନୀତି ଅବଲମ୍ବନ କରିବାକୁ ପଡ଼ିବ । ତେବେ ଯାଇ ଆଗାମୀ ଦିନରେ ଏଭଳି ଅନ୍ତର୍ଜାତୀୟ ଚାପର ସଫଳ ମୁକାବିଲା କରାଯାଇପାରିବ ।



# ପ୍ରକୃତି : ସମସ୍ୟାର ସ୍ୱାଭାବିକ ସମାଧାନକାରୀ

ଶ୍ରୀ ଶ୍ୟାମା ପ୍ରସାଦ ମିଶ୍ର

ପ୍ରକୃତି ନିଜେ ଏକ ବିଶାଳ ଓ ରହସ୍ୟମୟ ବ୍ୟବସ୍ଥା । ଏଠାରେ ପ୍ରତ୍ୟେକ ଘଟଣା ପଛରେ କୌଣସି ନା କୌଣସି କାରଣ ରହିଛି । ଦିନ ପରେ ରାତି, ଗ୍ରୀଷ୍ମ ପରେ ବର୍ଷା, ବର୍ଷା ପରେ ଶୀତ, ଏହି ପରିବର୍ତ୍ତନଗୁଡ଼ିକ ପ୍ରକୃତିର ନିୟମିତ ଚକ୍ରର ଅଂଶ । ଗୋଟିଏ ଋତୁର ପ୍ରଭାବରେ ଯଦି ପୃଥିବୀରେ କୌଣସି ଅସ୍ୱାଭାବିକତା ଦେଖାଦିଏ, ତେବେ ପରବର୍ତ୍ତୀ ଋତୁର ପରିବର୍ତ୍ତନ ଅନେକ କ୍ଷେତ୍ରରେ ତାହାର ପ୍ରଭାବକୁ ହ୍ରାସ କରିଥାଏ । ଏହା ହିଁ ପ୍ରକୃତିର ସନ୍ତୁଳନ ରକ୍ଷା କରିବାର ଏକ ସ୍ୱାଭାବିକ ପ୍ରକ୍ରିୟା ।

ପ୍ରକୃତିର ନିଜସ୍ୱ ନ୍ୟାୟ ଓ ସମାଧାନ ବ୍ୟବସ୍ଥା ଏକ ସ୍ୱୟଂଚାଳିତ ବ୍ୟବସ୍ଥା ଅଟେ । ସୃଷ୍ଟି ଆରମ୍ଭ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ପୃଥିବୀରେ ଅସଂଖ୍ୟ ସମସ୍ୟା ସୃଷ୍ଟି ହୋଇଛି । ଏହା ମଧ୍ୟରୁ କେତେକ ମଣିଷର ଜାଣତରେ ଘଟିଛି, ଆଉ କେତେକ ତାହାର ଅଜାଣତରେ । କିନ୍ତୁ ପ୍ରକୃତି ନିଜସ୍ୱ ନିୟମ ଓ ସ୍ୱାଭାବିକ ପ୍ରକ୍ରିୟା ମାଧ୍ୟମରେ ସେହି ସମସ୍ୟାଗୁଡ଼ିକର ସମାଧାନ କରିବାକୁ ନିରନ୍ତର ପ୍ରୟାସ କରିଆସିଛି । ପ୍ରକୃତିର ଏହି ଚିରନ୍ତନ ପ୍ରକ୍ରିୟା ଆମକୁ ଶିଖାଏ ଯେ ସମସ୍ୟା ସୃଷ୍ଟି ହେବା ଜୀବନର ଏକ ସ୍ୱାଭାବିକ ଅଂଶ, କିନ୍ତୁ ତାହାର ସମାଧାନ ପାଇଁ ସମୟ, ଧୈର୍ଯ୍ୟ ଓ ସନ୍ତୁଳନର ଆବଶ୍ୟକତା ରହିଛି ।

ପ୍ରକୃତିର ଏକ ଅଦୃଶ୍ୟ ନିୟମ ରହିଛି ।

ପ୍ରକୃତି ନିଜେ ଏକ ବିଶାଳ ଓ ରହସ୍ୟମୟ ବ୍ୟବସ୍ଥା । ଏଠାରେ ପ୍ରତ୍ୟେକ ଘଟଣା ପଛରେ କୌଣସି ନା କୌଣସି କାରଣ ରହିଛି । ଦିନ ପରେ ରାତି, ଗ୍ରୀଷ୍ମ ପରେ ବର୍ଷା, ବର୍ଷା ପରେ ଶୀତ, ଏହି ପରିବର୍ତ୍ତନଗୁଡ଼ିକ ପ୍ରକୃତିର ନିୟମିତ ଚକ୍ରର ଅଂଶ । ଗୋଟିଏ ଋତୁର ପ୍ରଭାବରେ ଯଦି ପୃଥିବୀରେ କୌଣସି ଅସ୍ୱାଭାବିକତା ଦେଖାଦିଏ, ତେବେ ପରବର୍ତ୍ତୀ ଋତୁର ପରିବର୍ତ୍ତନ ଅନେକ କ୍ଷେତ୍ରରେ ତାହାର ପ୍ରଭାବକୁ ହ୍ରାସ କରିଥାଏ । ଏହା ହିଁ ପ୍ରକୃତିର ସନ୍ତୁଳନ ରକ୍ଷା କରିବାର ଏକ ସ୍ୱାଭାବିକ ପ୍ରକ୍ରିୟା ।

କୌଣସି ଏକ ଜଙ୍ଗଲରେ ଯଦି ସମସ୍ତ ଗଛ ମରିଯାଏ, ପୁଣି ସେହି ମାଟିରୁ ନୂଆ ଗଛ ଜନ୍ମ ନିଏ । ଶୁଖିଲା ପତ୍ର ମାଟିରେ ମିଶି ଜୈବସାରରେ ପରିଣତ ହୁଏ । ମୃତ ଜୀବଜନ୍ତୁଙ୍କ ଶରୀର ମଧ୍ୟ ପ୍ରକୃତିର ଅନ୍ୟ ଜୀବମାନଙ୍କ ପାଇଁ ପୋଷକତତ୍ତ୍ୱର ଉତ୍ସ ହୋଇଥାଏ । ଏହିପରି ଗୋଟିଏ ଘଟଣା ଅନ୍ୟ ଏକ ନୂତନ ସମ୍ଭାବନାର ଦ୍ୱାର ଖୋଲିଦିଏ । ପ୍ରକୃତିର ଏହି ଚକ୍ର ଆମକୁ ବୁଝାଇଦିଏ ଯେ ଶେଷ ହୋଇଯିବା ଅର୍ଥ ସବୁକିଛି ଶେଷ ହୋଇଯିବା ନୁହେଁ; ଅନେକ ସମୟରେ ତାହା ଏକ ନୂତନ ଆରମ୍ଭର ସଙ୍କେତ ମାତ୍ର, ଯାହା ଆମେ ବୁଝି ପାରୁନାହୁଁ ବା ବୁଝି ମଧ୍ୟ ଅବୁଝା ।

ମଣିଷର ହସ୍ତକ୍ଷେପ ଫଳରେ ବେଳେ ବେଳେ ପ୍ରକୃତିର ପ୍ରତିକ୍ରିୟା ହୁଏ ଉଦ୍ଭାସିତ ।

ମଣିଷ ନିଜର ବୁଦ୍ଧି ଓ ବିଜ୍ଞାନର ସାହାଯ୍ୟରେ ଜୀବନକୁ ସୁଖମୟ କରିବା ପାଇଁ ଅନେକ ଉଦ୍ଭାବନ କରିଛି । କିନ୍ତୁ ଉନ୍ନତିର ନାମରେ ସେ ଅନେକ ସମୟରେ ପ୍ରକୃତିର ସ୍ୱାଭାବିକ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଛି । ଜଙ୍ଗଲ କାଟିବା, ନଦୀକୁ ପ୍ରଦୂଷିତ କରିବା, ଅତ୍ୟଧିକ ପ୍ରାକୃତିକ ସମ୍ପଦ ବ୍ୟବହାର କରିବା ଏବଂ ବାୟୁମଣ୍ଡଳରେ ଅଧିକ ମାତ୍ରାରେ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗତ କରିବା ଫଳରେ ପରିବେଶର ସନ୍ତୁଳନ ନଷ୍ଟ ହେଉଛି ।

ଏହାର ପରିଣାମ ସ୍ୱରୂପ ଜଳବାୟୁ ପରିବର୍ତ୍ତନ, ଅନିୟମିତ ବର୍ଷା, ମରୁଡ଼ି, ବନ୍ୟା ଓ ଅତ୍ୟଧିକ ଉତ୍ତାପ ଭଳି ସମସ୍ୟା ଦେଖାଦେଉଛି । ପ୍ରକୃତି ନିଜର ସ୍ୱାଭାବିକ ପ୍ରକ୍ରିୟାରେ କିଛି ପରିବର୍ତ୍ତନକୁ ସମ୍ଭାଳିପାରେ, କିନ୍ତୁ ମଣିଷର ଅବିବେକୀ କାର୍ଯ୍ୟ ଯଦି ସୀମା ଅତିକ୍ରମ କରେ, ତେବେ ତାହାର ପ୍ରଭାବ ଦୀର୍ଘସ୍ଥାୟୀ ହୋଇପାରେ । ତେଣୁ ପ୍ରକୃତି ସବୁ ସମସ୍ୟାର ସମାଧାନ ଆପେଆପେ କରିଦେବ ବୋଲି ଭାବିବା ଏକ ଭୁଲ ଧାରଣା । ପ୍ରକୃତିର ସନ୍ତୁଳନ ରକ୍ଷା କରିବା ମଧ୍ୟ ମଣିଷର ଦାୟିତ୍ୱ ।

ସମୟକ୍ରମେ ପ୍ରକୃତି ପରିବର୍ତ୍ତନ ଓ ସମାଧାନର ପନ୍ଥା ଆମକୁ ଦେଖାଇ ଦିଏ ।

ପ୍ରକୃତି ଆମକୁ ଆଉ ଏକ ଗଭୀର ଶିକ୍ଷା ଦିଏ, ପରିବର୍ତ୍ତନ ହିଁ ଜୀବନର ଧ୍ରୁବ ସତ୍ୟ । ଆଜି ଯେଉଁ ପରିସ୍ଥିତି ଅତ୍ୟନ୍ତ ଜଟିଳ ମନେହୁଏ, ସମୟକ୍ରମେ ତାହାର ସ୍ୱରୂପ ବଦଳିପାରେ । ଝଡ଼ ପରେ ଆକାଶ ନିର୍ମଳ ହୁଏ, ଶୁଷ୍କ ମାଟିରେ ବର୍ଷା ପରେ ସବୁଜିମା ଫେରିଆସେ । ଏହି ଦୃଶ୍ୟ ମଣିଷକୁ ଆଶା ଓ ଧୈର୍ଯ୍ୟର ବାର୍ତ୍ତା ଦିଏ ।

ସେହିପରି ସାମାଜିକ ଜୀବନରେ ମଧ୍ୟ ଅନେକ ସମସ୍ୟା ସମୟ, ଅଭିଜ୍ଞତା ଓ ମାନବୀୟ ବିବେକ ଦ୍ୱାରା ସମାଧାନର ପଥ ପାଇଥାଏ । ତେବେ ସମୟକୁ ଅପେକ୍ଷା କରିବା ମାତ୍ର ଯଥେଷ୍ଟ ନୁହେଁ । ସମସ୍ୟାର କାରଣ ବୁଝିବା, ଭୁଲକୁ ସ୍ୱୀକାର କରିବା ଓ ଉପଯୁକ୍ତ ପଦକ୍ଷେପ ନେବା ମଧ୍ୟ ଆବଶ୍ୟକ । ପ୍ରକୃତିରୁ ଆମେ ଧୈର୍ଯ୍ୟ ଶିଖିବା ସହିତ ତାହାର ସନ୍ତୁଳନ ରକ୍ଷା କରିବାର ଦାୟିତ୍ୱ ମଧ୍ୟ ଶିଖିବା ଉଚିତ ।

ପ୍ରକୃତି କେବଳ ଆମର ଜୀବନଧାରଣର ଆଧାର ନୁହେଁ, ଏହା ଆମର ଶ୍ରେଷ୍ଠ ଶିକ୍ଷକ ମଧ୍ୟ । ତାହାର ପ୍ରତ୍ୟେକ ପରିବର୍ତ୍ତନ, ପ୍ରତ୍ୟେକ ଚକ୍ର ଓ ପ୍ରତ୍ୟେକ ସ୍ୱାଭାବିକ ପ୍ରକ୍ରିୟା ଆମକୁ ସହାବସ୍ଥାନ, ସହନଶୀଳତା ଓ ସନ୍ତୁଳନର ମହତ୍ତ୍ୱ ବୁଝାଏ । ସୃଷ୍ଟି ଆରମ୍ଭରୁ ପ୍ରକୃତି ଅନେକ ପରିବର୍ତ୍ତନର ସାକ୍ଷୀ ହୋଇ ଜୀବନର ଧାରାକୁ ଆଗେଇ ନେଇଛି । କିନ୍ତୁ ଆଜିର ମଣିଷ ପାଇଁ ସବୁଠାରୁ ବଡ଼ ଶିକ୍ଷା ହେଉଛି, ପ୍ରକୃତି ଉପରେ ନିର୍ଭର କରିବା ସହିତ ତାହାର ସୁରକ୍ଷା ପାଇଁ ମଧ୍ୟ ସଚେତନ ହେବା । କାରଣ ପ୍ରକୃତିର ସନ୍ତୁଳନ ହିଁ ପୃଥିବୀର ସ୍ଥାୟିତ୍ୱ, ଜୀବଜଗତର ଅସ୍ତିତ୍ୱ ଓ ମାନବ ସଭ୍ୟତାର ଭବିଷ୍ୟତକୁ ସୁରକ୍ଷିତ ରଖିପାରିବ ।

ପ୍ରକୃତି ଚାହେଁ ସମଗ୍ର ମାନବ ଜାତିକୁ ଏକତ୍ରିତ କରିବା ଲାଗି । କିନ୍ତୁ ମଣିଷ ହିଁ ଜାତି, ଧର୍ମ, ବର୍ଣ୍ଣ, ପଦ ପଦବୀ, ସମ୍ବଳର ଅଧିକାରୀ, ଧନୀ, ଗରିବ ଆଦି ନାଁରେ ନିଜକୁ କରୁଛି ବହୁଧା ବିଭକ୍ତ, ଏବଂ ଯାହାର ବିଷମୟ ପରିଣତି ହେଉଛି ବିଭାଗୀକରଣ, ଅଶାନ୍ତି ଏବଂ ଯୁଦ୍ଧ ଭଳି ଭୟଙ୍କର ଅବସ୍ଥା । ତଥାପି ପ୍ରକୃତି ମଝିରେ ମଝିରେ 'ବସୁଧୈବ କୁଟୁମ୍ବକଂ' ବାର୍ତ୍ତା ଦେବାପାଇଁ ଅନେକ ପ୍ରୟାସ କରିଛି, କେତେବେଳେ ଶାନ୍ତି ଚୁକ୍ତି ତ କେବେ ସାମ୍ରାଜ୍ୟବାଦୀ ଶାସକଙ୍କ ସାରା ପୃଥିବୀକୁ ଏକ ଶାସନାଧୀନ କରାଇବାର ପ୍ରଚେଷ୍ଟା ନେଇ । ଥରେ ଚିନ୍ତା କରନ୍ତୁ, ଯଦି ସାରା ପୃଥିବୀ ଗୋଟିଏ ମହାମାନବୀୟ ଧାରାର ଅଂଶ ହୋଇଯାନ୍ତା, ତା ହେଲେ ପୃଥିବୀରେ ଏତେ ଯୁଦ୍ଧ, ରକ୍ତପାତ ଆଦି ହୁଅନ୍ତା ନାହିଁ । ନିକଟରେ ଏକ ସହରର ଦୁଇ ସାହିତ୍ୟ ଅନୁଷ୍ଠାନର ଗୋଟିଏ ଦିନରେ ବାର୍ଷିକ ଉତ୍ସବ ପାଳନ ଅବସରରେ ଏକଥା ପୁନଃ ପ୍ରମାଣିତ ହେଲା ଭଳି ମନେହେଲା । କେତେକ ପଦପଦବୀ ଧାରୀ ବ୍ୟସ୍ତ ବିବ୍ରତ ହେଲେ ଏବଂ ଏହାର କାରଣ ଅନେକ । ଯେପରି ଦୁଇଟିଯାକ ସଂସ୍ଥାରେ ଅମୁକଙ୍କୁ ଦୁଇଟି ଚଦର ଉପଢୌକନ ମିଳିଥାନ୍ତା, କିନ୍ତୁ ଗୋଟିଏ ଦିନରେ ହେବା ଫଳରେ ସେହି ତଥାକଥିତ ବ୍ୟକ୍ତି ମାତ୍ର ଗୋଟିଏରେ ସନ୍ତୁଷ୍ଟ ହେବାକୁ ବାଧ ।

ଏହାର ଅନ୍ୟ ଦିଗଟି ଏଇଆ ବି ହୋଇପାରେ ଯେ ଅନେକ ବ୍ୟକ୍ତି ଥିବା ସତ୍ତ୍ୱେ କିଛି ମୁଷ୍ଟିମେୟ ବ୍ୟକ୍ତି କାହିଁକି ଉଭୟ ଅନୁଷ୍ଠାନରେ ବିଭିନ୍ନ ପଦପଦବୀ ଅଳଂକୃତ କରି ମଞ୍ଚମଣ୍ଡନ କରିବେ, ଯାହା ହୁଏତ ପ୍ରକୃତି ଚାହେଁନା । ଏଣୁ ଏକ ସ୍ୱାଭାବିକ ପ୍ରକ୍ରିୟାରେ ତାହା ଗୋଟିଏ ଦିନରେ ପାଳନ କରାଯିବା ପାଇଁ ଦିବସ ଧାର୍ଯ୍ୟ ହେଲା । ଅତଏବ ପ୍ରକୃତି ଚାହେଁ ତା ନିଜସ୍ୱ ଢଙ୍ଗରେ ସମସ୍ୟାର ସମାଧାନ ।

+କ୍ରମାଗତ ୨ୟ ଥର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ପ୍ରକୃତି ବନ୍ଧୁ ଶିକ୍ଷକ, ପି ଏମ୍ ଶ୍ରୀ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ,
ଭଞ୍ଜନଗର, ଗଞ୍ଜାମ
ମୋ: ୯୦୯୦୫୦୭୯୫୫



# ଗିରଫଦାରୀରେ ଅଧିକାରର ହନନ ନହେଉ

ଗୋପାଳ ମହାପାତ୍ର

ଗିରଫଦାରୀ ପ୍ରସଙ୍ଗରେ ମାନ୍ୟବର ସୁପ୍ରମ୍‌କୋର୍ଟ ଏକସ୍ପଷ୍ଟ ଦିଶା ନିର୍ଦ୍ଦେଶ ଦେଇଛନ୍ତି । ନିକଟରେ ମାନ୍ୟବର କୋର୍ଟ ପୋଲିସ ପ୍ରଶାସନକୁ ଏ ପ୍ରସଙ୍ଗରେ ମଧ୍ୟ ଚେତାଇ ଦେଇଛନ୍ତି । ସୁପ୍ରିମକୋର୍ଟର ବିଚାରପତି ଉଜ୍ଜ୍ୱଳଭୂୟାଂ ଏବଂ ବିଚାରପତି ଅତୁଲ ଏସ୍ ଚନ୍ଦରକରଙ୍କ ପୀଠ ଜସକରଣ ଜିତ ସିଂହ ବନାମ ପାବ ରାଜ୍ୟ ସରକାର ମାମଲାରେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୨(୧) ଅନୁସାରେ ଯଦି ଗିରଫ କରାଯିବାର କାରଣ ଅଭିଯୁକ୍ତକୁ ଲିଖିତଭାବେ ଉପଲବ୍ଧ କରାଯାଏନାହିଁ ତେବେ ଏହି ଗିରଫଦାରୀ ଅବୈଧ ଏବଂ ଅଣସାମ୍ବିଧାନୀକ ଅଟେ । ଏପରିକି ଏଭଳି ନିର୍ଦ୍ଦେଶର ଉଲଂଘନ ଗିରଫ ହୋଇଥିବା ବ୍ୟକ୍ତିର ତୁରନ୍ତ ଖଲାସହେବାର କାରଣ ହୋଇଥାଏ । ଏହାର ସିଧାସଳଖ ଅର୍ଥ ହେଉଛି ଅଭିଯୁକ୍ତକୁ ଗିରଫ କରିବା ପୂର୍ବରୁ ପୋଲିସ ସଂପୃକ୍ତ ଅଭିଯୁକ୍ତକୁ ଲିଖିତ ଭାବେ ଗିରଫ କରାଯିବାର କାରଣ ଉପଲବ୍ଧ କରାଇବେ । ଅନ୍ୟଥା ଏହା ଅଣ ସାମ୍ବିଧାନିକ ଅଟେ । ମାନ୍ୟବର କୋର୍ଟ ଏକଥା ମଧ୍ୟ କହିଛନ୍ତି ଯେ ଲିଖିତ ଭାବେ କାରଣ ଉପଲବ୍ଧ ନ କରାଇ ଗିରଫ କରାଗଲେ ଗିରଫ କରିଥିବା ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ । ମାନ୍ୟବର କୋର୍ଟଙ୍କ ପୀଠ ସମ୍ବିଧାନର ଅନୁଚ୍ଛେଦ ୨୨(୨)ର କଥା ଉଲ୍ଲେଖ କରି କହିଛନ୍ତି ଯେ ଗିରଫ ହୋଇଥିବା ବ୍ୟକ୍ତିକୁ ୨୪ ଘଣ୍ଟା ମଧ୍ୟରେ ନିକଟତମ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ସାମନରେ ହାଜର କରାଯିବା ଆବଶ୍ୟକ ଏବଂ ଏହା ଅଭିଯୁକ୍ତର ଅଧିକର ଅଟେ ।

ଅନେକେ ଏକଥା ଜାଣିନଥିବେ, ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଅନେକ ସମୟରେ ଭାରତୀୟ ସମ୍ବିଧାନର ସଂରକ୍ଷକ ଭୂମିକା ନିର୍ବାହ କରୁଛନ୍ତି । ଅନେକ ମାମଲାରେ ସାଧାରଣ ନାଗରିକଙ୍କର ମୂଳ ଅଧିକାରର ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ରାୟ ମଧ୍ୟ ଶୁଣାଉଛନ୍ତି । ସେହିଭଳି ନିକଟରେ ଗିରଫଦାରୀ ପ୍ରସଙ୍ଗରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏକଐତିହାସିକ ରାୟ ଶୁଣାଇଛନ୍ତି । ଜସକରଣ ଜିତ ସିଂହଙ୍କୁ ପସ୍କୋଆଇନ୍ ୨୦୧୨ ଏବଂ ଭାରତୀୟ ନ୍ୟାୟ ସଂହିତା ୨୦୨୩ ଅନୁସାରେ ଗିରଫ କରାଯାଇଥିଲା । ଯେତେବେଳେ ପୋଲିସ ଜସକରଣ ଜିତ ସିଂହଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଇଲେ ସେତେବେଳେ ମିହିର ଶାହା ବନାମ ମହାରାଷ୍ଟ୍ର ରାଜ୍ୟସରକାର (୨୦୨୫)ର ନିର୍ଣ୍ଣୟ ଅନୁସାରେ ମାଜିଷ୍ଟ୍ରେଟ ଜସକରଣଙ୍କ ଗିରଫ ଅବୈଧ କହି ତାଙ୍କୁ ତୁରନ୍ତ ଖଲାସ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମାଜିଷ୍ଟ୍ରେଟ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଥିଲେ ଯେ ପୋଲିସ ଜସକରଣ ସିଂହଙ୍କୁ ଗିରଫ କଲାବେଳେ ଲିଖିତ ଭାବେ ଗିରଫର କାରଣ ଦର୍ଶାଇ ନଥିଲେ । ଏହି ମାମଲାପୁଣି ପହଞ୍ଚିଲା ପାବ-ହରିୟାଣା ହାଇର୍କୋଟ ରେ । ପାବ-ହରିୟାଣା ହାଇର୍କୋଟ ତଳ କୋର୍ଟଙ୍କ ଆଦେଶ ଉପରେ ପ୍ରତିବନ୍ଧ ଲଗାଇଦେଲେ, ଫଳରେ ଜସକରଣ ସିଂହ ମାନ୍ୟବର ସୁପ୍ରିମ୍‌ର୍କୋଟଙ୍କ ଦ୍ୱାରସ୍ଥ ହେଲେ । ମାନ୍ୟବର ସୁପ୍ରିମ୍‌କୋର୍ଟ ବା ଦେଶର ସର୍ବୋଚ୍ଚନ୍ୟାୟାଳୟ ମାମଲାର ବିଚାର କରି କହିଥିଲେ ଯେ ଗିରଫ କରାଯିବାର କାରଣ ଅଭିଯୁକ୍ତକୁ ସରଳ ଭାଷାରେ ଲିଖିତ ଭାବେ ଦେବା ବାଧ୍ୟତାମୂଳକ । ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ଏହି ଅଧିକାରର ହନନକୁ ବରଦାସ୍ତ କରା ଯାଇପାରିବ ନାହିଁ ।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଅନୁସାରେ ଗିରଫ କରାନଯିବାର କାରଣ ନଜଣାଇବା କାରଣରୁ ଯଦି ଅଭିଯୁକ୍ତ ଖଲାସ ହୋଇଯାଏ ଏବଂ ତାହା ପରେ ଯଦି ତଦନ୍ତକାରୀ ସଂସ୍ଥା ଅଭିଯୁକ୍ତଙ୍କୁ ହାଜତକୁ ନେଇ ପଚରା ଉଚୁରା କରିବାରୁ ଚାହାଁନ୍ତି ତେବେ ଗିରଫ କରାଯିବାର ଆଧାର ଲିଖିତ ଭାବେ ଅଭିଯୁକ୍ତକୁ ଜଣାଇବାକୁ ପଡ଼ିବ । ଏହାପରେ ଅଭିଯୁକ୍ତଙ୍କୁ ହାଜତକୁ ନେବା ପାଇଁ ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ । ଆବେଦନରେ ପୁନଃ ଗିରଫଦାରୀର ଆବଶ୍ୟକତା ଏବଂ ପୂର୍ବର ଗିରଫଦାରୀ ବେଳେ ଗିରଫ କରାଯିବାର ଆଧାର ନ ଜଣାଇବାର କାରଣ ମଧ୍ୟ ଦର୍ଶାଇବାକୁ ପଡ଼ିବ । ଏଭଳି ଆବେଦନ ପାଇଁ ପୋଲିସ ଅଧିକାରୀଙ୍କୁ ବରିଷ୍ଠ ଅଧିକାରୀଙ୍କ ଅନୁମୋଦନ ମଧ୍ୟ ଆବଶ୍ୟକ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୀଠ କହିଛନ୍ତି ଯେ ଭାରତର ସମ୍ବିଧାନ ଅନୁଚ୍ଛେଦ ୨୨(୧)ରେ ସମସ୍ତଙ୍କୁ ଗିରଫଦାରୀ ସମ୍ବନ୍ଧିତ ମୌଳିକ ଅଧିକାର ଦେଇଛି । ଅନୁଚ୍ଛେଦ ୨୨(୧) ଅନୁସାରେ ଅଭିଯୁକ୍ତ ତାଙ୍କ ପସନ୍ଦର ଓକିଲଙ୍କ ସହ ପରାମର୍ଶ କରିପାରିବେ ଏବଂ ଆଇନଗତ ଭାବେ ତାଙ୍କର ପ୍ରତିନିଧି କରିପାରିବେ । ସରଳ ଶବ୍ଦରେ କହିବାକୁ ଗଲେ ଅନୁଚ୍ଛେଦ ୨୨(୧) ବେଆଇନ୍ ଭାବେ ଗିରଫ କରାଯିବା ବିରୁଦ୍ଧରେ ଏକ ଅସ୍ତ୍ର ଅଟେ, କିନ୍ତୁ କେତେକ ବିଶେଷ କାରଣରେ ଏହି ଅଧିକାର ଉପରେ ପ୍ରତିବନ୍ଧ ଲଗାଯାଇପାରେ ।

ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟଙ୍କ ରାୟ ପୋଲିସକୁ ଉତ୍ତରଦାୟୀ କରିବା ଏବଂ ନାଗରିକଙ୍କ ପାଇଁ ଆଇନ୍ ସୁରକ୍ଷାର ସନ୍ଦେଶ ଦେଇଛି । ଗିରଫଦାରୀର ଆଧାର ଜଣାଇବା, ଠିକ୍ ସମୟରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଇବା ଏବଂ ଆଇନ୍‌ଗତ ସହାୟତାର ସୁଯୋଗଦେବା ନ୍ୟାୟପୂର୍ଣ୍ଣ ପ୍ରକ୍ରିୟା ପାଇଁ ଜରୁରୀ । ଆଇନ୍‌ର ପାଳନ ଉଭୟ ପକ୍ଷଙ୍କ ପାଇଁ ସମାନ ରୂପରେ ମଧ୍ୟ ଜରୁରୀ । ପୋଲିସର ଗିରଫଦାରୀ ବ୍ୟକ୍ତିର ସ୍ୱତନ୍ତ୍ରତାକୁ ସିଧାସଳଖ ପ୍ରଭାବିତ କରିଥାଏ । ଏଣୁ ଆଇନରେ ଏଥିପାଇଁ ସ୍ପଷ୍ଟ ସୁରକ୍ଷା ପ୍ରାବଧାନ ରହିଛି । ମାନ୍ୟବର କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଦେଇଛନ୍ତି ଓ ଏପ୍ରସଙ୍ଗରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ।ଏହି ନିର୍ଦ୍ଦେଶରେ ସର୍ବୋଚ୍ଚ ନ୍ୟାୟାଳୟ ସାମ୍ବିଧାନିକ ବାଧ୍ୟତାକୁ ରେଖାଙ୍କିତ କରିଛନ୍ତି ।ଏହି ନିର୍ଦ୍ଦେଶ ସାଧାରଣ ଲୋକଙ୍କୁ ପୋଲିସ କାର୍ଯ୍ୟାନୁଷ୍ଠାନ ସମୟରେ ମଳିଥିବା ଅଧିକାର ଏବଂ ପୋଲିସର ଉତ୍ତରଦାୟୀତ୍ୱକୁ ବୁଝିବା ଦୃଷ୍ଟିରୁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।

+ରାମଚନ୍ଦ୍ରପୁର
ଗଣପୁର
ମୋ-୯୪୩୮୪୮୫୦୯୪






## ମନର ବେଦନା

ବୈଷ୍ଣବ ମେହେର

ଏବେ ବି ଚାହିଁଛି
ତୁମକୁ ସାଥିଗୋ
କୁହ ଆସୁଅଛ କେବେ
ଗଲା କଥା ସବୁ
ଭୁଲିଗଲ କି ଗୋ
କଥା ଦେଇ କଥା ତେବେ ।

ତୁମେ ସେଇଠି ମୁଁ ଅଛି ଏଠି ଜାଣି
ଶ୍ରାବଣ ଯାଇଛି ଫେରି
ଆଦ୍ୟ ଶୀତର କଅଁଳ ପରଶ
ଯନ୍ତ୍ରଣା ଦିଏ ଗୋ ଭାରି ।

ବେଳେ ବେଳେ ଗାଏ ଗୁଣୁଗୁଣୁ ହୋଇ
ତୁମ ଆମ ସ୍ମୃତି କଥା
ଯେତେ ଭାବୁଥାଏ ସେତେ ଭିଜୁଥାଏ
ନୟନ ଯୁଗଳ ପତା ।

କୁହ ନାହିଁ ଆଉ କିଏ ତୁମେ ମୋର
କାହିଁକି ଗୁମୁରି କାନ୍ଦେ
ନିଜକୁ ପଚାର କାହାର ବେଦନା
ଚାପିଛ ହୃଦୟ କନ୍ଦେ ।

ଏବେ ବି ତୁଟିନି ସମ୍ପର୍କ ଆମର
ଭାଙ୍ଗିନି କିଛିବି ସ୍ୱପ୍ନ
ଆସିଗଲେ ତୁମେ କିଇଁ ହେବ ପୁଣି
ଜହ୍ନରାତିର ଜୀବନ ।

+ ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## ସମାଜ କୁଆଡେ ଗଲାଣି

ସିଦ୍ଧେଶ୍ୱର ତ୍ରିପାଠୀ

ସମାଜ କୁଆଡେ ଗଲାଣି
ମାନବିକତା ଟା ମଲାଣି
ବୁଡି ଯାଉଥିବା ଲୋକଙ୍କୁ ଦେଖିକି
ଏ ମଣିଷ ଭିଡିଓ କଲାଣି ।

ସମାଜ କୁଆଡେ ଗଲାଣି
ପିଲା ପଡ଼ିଲାଣି କେତେ ନିଶାରେ
ଗାଳି କରେସେ ଖରାପ ଭାଷାରେ
ବାପା ମାଆଙ୍କୁ ସେ ଡ଼ରେଇ ଚପେଇ
ମେଞ୍ଚେ ମେଞ୍ଚେ ଟଙ୍କା ନେଲାଣି

ସମାଜ କୁଆଡେ ଗଲାଣି

ପ୍ରେମ କରି ପୁଅ ଝିଅ ମରନ୍ତି
ପରକିୟା ପ୍ରୀତି କରି ଝୁରନ୍ତି
ବିଜ୍ଞାନ ଆଗାଏ ବହୁତ ଆଗକୁ
ଶିକ୍ଷିତ ବେକାରୀ ପ୍ରବଳ ହେଲେଣି

ସମାଜ କୁଆଡେ ଗଲାଣି
ବାପା ମାଆ ବୁଢ଼ାବୁଢ଼ୀ ହେବାରୁ
ପୁଅ ବିଦା କଲା ତାଙ୍କୁ ଏ ଘରୁ
ସିଏ ବୃଦ୍ଧାଶ୍ରମ ଯାଇ ରହିଲେ
ପୁଅ ବୋହୁ ଖୁସି ହେଲେଣି

ସମାଜ କୁଆଡେ ଗଲାଣି ।

+ଖୋର୍ଦ୍ଧା

ଫଳରସ ନୁହେଁ କିନ୍ତୁ ଏହି ରସକୁ ପିଇଲେ ମରିବ କିଡନି ଷ୍ଟୋନ୍, ଡାଇବେଟିସ୍, କୋଷ୍ଠକାଠିନ୍ୟ ଭଳି ରୋଗ । ଦେହରେ ମେଡିସିନର କାମ କରିବ ଏହାର ରସ । ହେଲେ ଏହାକୁ କ'ଣ କୁହାଯାଏ ଆସନ୍ତୁ ଦେଖିବା । ଆମ ଭାରତୀୟ ପାରମ୍ପରିକ ଆହାର ଓ ଚିକିତ୍ସାରେ କଦଳୀ ଗଛର ପ୍ରତିଟି ଅଂଶର ଏକ ବିଶେଷ ମହତ୍ତ୍ୱ ରହିଛି। କଦଳୀ ପତ୍ରଠୁ ଆରମ୍ଭ କରି ଫୁଲ ପର୍ଯ୍ୟନ୍ତ ଆମେ ଖାଦ୍ୟରେ ସବୁ ବ୍ୟବହାର କରିଥାଉ। କଦଳୀ ମଞ୍ଜାର ବି ଚାହିଦା ଅଧିକ । ଦକ୍ଷିଣ ଭାରତର ବ୍ୟଞ୍ଜନରୁ ଆରମ୍ଭ କରି ଆମ ଓଡ଼ିଶାରେ ମଧ୍ୟ କଦଳୀ




ମଞ୍ଜାର ବ୍ୟବହାର ବହୁ ପ୍ରାଚୀନ କାଳରୁ ହୋଇଆସୁଛି। କିନ୍ତୁ ଆପଣ ଜାଣନ୍ତି କି କଦଳୀ ମଞ୍ଜା ରସ କେବଳ ସ୍ୱାଦିଷ୍ଟ ନୁହେଁ ବରଂ ଏହା ଆମ ଶରୀର ପାଇଁ ଏକ ମହୌଷଧି ସଦୃଶ ଏଥିରେ ପ୍ରଚୁର ପରିମାଣରେ ଫାଇବର, ପୋଟାସିଅମ୍ ଏବଂ ଭିଟାମିନ୍ ଭରି ରହିଛି । ନିକଟରେ ହୋଇଥିବା ଗବେଷଣା ଅନୁଯାୟୀ, ପ୍ରତିଦିନ ନିୟମିତ ଭାବେ କଦଳୀ ମଞ୍ଜା ରସ ପିଇବା ଦ୍ୱାରା ଅନେକ ଜଟିଳ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ। ତେବେ ଏହି ରସ ପିଇଲେ କ'ଣ ଲାଭ ମିଳେ ଆସନ୍ତୁ ଜାଣିବା।

କଦଳୀ ମଞ୍ଜା ରସ ଏକ ପ୍ରାକୃତିକ 'ଡାୟୁରେଟିକ୍' ଭାବରେ କାର୍ଯ୍ୟ କରେ। ଏହା ଶରୀରରୁ ଅତିରିକ୍ତ ଲୁଣ, ବିଷାକ୍ତ ପଦାର୍ଥ ଓ ବର୍ଜ୍ୟବସ୍ତୁକୁ ପରିସ୍ରା ମାଧ୍ୟମରେ ବାହାର କରିଦିଏ। ଫଳରେ କିଡନିରେ ଛୋଟ ଛୋଟ କ୍ରିଷ୍ଟାଲ୍ ଜମା ହୋଇ ପଥରରେ ପରିଣତ ହୋଇପାରନ୍ତି ନାହିଁ। ଗବେଷଣାରୁ ଜଣାପଡ଼ିଛି ଯେ ଏହାର ନିୟମିତ ସେବନ କିଡନି ଷ୍ଟୋନର ଆକାରକୁ ଛୋଟ କରିବାରେ ଏବଂ ଶରୀରରୁ ବାହାର କରିବାରେ ସାହାଯ୍ୟ କରେ। ମଧୁମେହ ରୋଗୀଙ୍କ ପାଇଁ ମଧ୍ୟ ଏହି ରସ ବହୁତ ଲାଭଦାୟକ । ଏଥିରେ ଥିବା 'ପେକ୍ଟିନ୍', 'ଲିଗ୍ନିନ୍' ଏବଂ 'ପଲିଫେନୋଲ୍ସ' ଶରୀରରେ ଗ୍ଲୁକୋଜ୍ ?ର ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରନ୍ତି। ଏହି ରସରେ ପ୍ରଚୁର ପରିମାଣରେ ଫାଇବର ଥିବାରୁ ପେଟ ସଫା ରଖିବାରେ ସାହାଯ୍ୟ କରେ। କୋଷ୍ଠକାଠିନ୍ୟ ଏବଂ ଏସିଡିଟି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏହା ଏକ ଉତ୍ତମ ଘରୋଇ ଉପଚାର। ସକାଳୁ କଦଳୀ ମଞ୍ଜା ରସରେ ଟିକିଏ ଘୋଳଦହି ମିଶାଇ ପିଇବା ଦ୍ୱାରା ପାଚନ ଶକ୍ତି ବୃଦ୍ଧି ପାଏ ଏବଂ ଓଜନ ନିୟନ୍ତ୍ରଣରେ ରହେ।

ଶରୀରକୁ ଡିଟକ୍ସ କରିବାରେ,ପରିସ୍ରା ନଳୀର ସଂକ୍ରମଣ ରୋକିବାରେ ଏହା ସାହାଯ୍ୟ କରେ। ଏଥିରେ କ୍ୟାଲୋରୀ କମ୍ ଥିବା ବେଳେ ପୋଟାସିଅମ୍ ଓ ଇଲେକ୍ଟ୍ରୋଲାଇଟ୍ ପ୍ରଚୁର ପରିମାଣରେ ଥାଏ ଯାହା ରକ୍ତଚାପ ଓ ଶରୀରର ଜଳ ସନ୍ତୁଳନ ରକ୍ଷା କରିବାରେ ସାହାଯ୍ୟ କରେ। କଦଳୀ ମଞ୍ଜାରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଏବଂ ଆଣ୍ଟି-ମାଇକ୍ରୋବିଆଲ୍ ଗୁଣ ରହିଛି ଯାହା ଶରୀରର ଫ୍ରି-ରାଡିକାଲ୍ସ ସହ ଲଢ଼ି କୋଷଗୁଡ଼ିକୁ ସୁରକ୍ଷିତ ରଖେ, ହିମୋଗ୍ଲୋବିନ୍ ସ୍ତର ବୃଦ୍ଧି କରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ।

# ନିଦରୁ ଉଠିବା ମାତ୍ରେ ମୁଣ୍ଡବିନ୍ଧୁଛି କି ? ଏହି ରୋଗର ଲକ୍ଷଣ ହୋଇପାରେ !

**ସକାଳୁ ନିଦ ଭାଙ୍ଗିବା ମାତ୍ରେ ମୁଣ୍ଡ ବିନ୍ଧୁଛି କି ? ଅନେକ ଲୋକ ଏହାକୁ ଥକାପଣ, ନିଦ ପୂରା ନହେବା କିମ୍ବା ରାତିରେ ଠିକ୍ ?ରେ ଶୋଇ ନପାରିବାର ସାଧାରଣ ସମସ୍ୟା ଭାବି ଅଣଦେଖା କରନ୍ତି । କିନ୍ତୁ ବାରମ୍ବାର ସକାଳୁ ମୁଣ୍ଡ ବିନ୍ଧିବା ପଛରେ ନିଦ ସମ୍ବନ୍ଧୀୟ ସମସ୍ୟାଠାରୁ ଆରମ୍ଭ କରି ଅନ୍ୟ କେତେକ ସ୍ୱାସ୍ଥ୍ୟଗତ କାରଣ ମଧ୍ୟ ରହିପାରେ । ଏଥିମଧ୍ୟରୁ ଗୋଟିଏ ହେଉଛି ସ୍ଲିପ୍ ଆପ୍ନିଆ। ତେବେ ସକାଳୁ ମୁଣ୍ଡ ବିନ୍ଧିଲେ ଯେ ସ୍ଲିପ୍ ଆପ୍ନିଆ ହୋଇଛି, ତାହା ନୁହେଁ ।**



ସ୍ଲିପ୍ ଆପ୍ନିଆ ହେଉଛି ଏକ ନିଦ୍ରାଜନିତ ରୋଗ । ଏହି ସମସ୍ୟାରେ ଶୋଇଥିବା ସମୟରେ ଜଣେ ବ୍ୟକ୍ତିଙ୍କ ଶ୍ୱାସକ୍ରିୟା ବାରମ୍ବାର ବନ୍ଦ ହୋଇଯାଏ କିମ୍ବା ଶ୍ୱାସ ନେବାରେ ବାଧା ସୃଷ୍ଟି ହୁଏ । ଫଳରେ ଶରୀରକୁ ପର୍ଯ୍ୟାପ୍ତ ଅମ୍ଳଜାନ ମିଳିବାରେ ସମସ୍ୟା ହୋଇପାରେ ଏବଂ ନିଦରେ ବାରମ୍ବାର ବାଧା ଉପୁଜେ । ଏହି ରୋଗର କିଛି ସାଧାରଣ ଲକ୍ଷଣ ହେଉଛି ଜୋରରେ ଘୁଙ୍ଗୁଡ଼ି ମାରିବା, ଶୋଇଥିବା ବେଳେ ଶ୍ୱାସ ବନ୍ଦ ହୋଇଯିବା, ହଠାତ୍ ନିଃଶ୍ୱାସ ନେବା ପାଇଁ ଉଠିପଡ଼ିବା, ଦିନବେଳେ ଅତ୍ୟଧିକ ନିଦ ଲାଗିବା ଏବଂ ସକାଳୁ ମୁଣ୍ଡ ବିନ୍ଧିବା । ଏପରି ଲକ୍ଷଣ ବାରମ୍ବାର ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ।

ସକାଳୁ ମୁଣ୍ଡ ବିନ୍ଧିବାର ଅନ୍ୟ କାରଣ

୧. ନିଦ ପୂରା ନହେବା: ରାତିରେ ପର୍ଯ୍ୟାପ୍ତ ସମୟ ନଶୋଇବା କିମ୍ବା ବାରମ୍ବାର ନିଦ ଭାଙ୍ଗିବା ଯୋଗୁଁ ସକାଳୁ ମୁଣ୍ଡ ବିନ୍ଧିପାରେ ।

୨. ଶରୀରରେ ଜଳୀୟ ଅଂଶ କମିଯିବା: ଦିନସାରା ପର୍ଯ୍ୟାପ୍ତ ପାଣି ନପିଇବା ଯୋଗୁଁ ଶରୀରରେ ଜଳୀୟ ଅଂଶ କମିପାରେ । ଏହା ମଧ୍ୟ ମୁଣ୍ଡ ବିନ୍ଧିବାର ଏକ କାରଣ ହୋଇପାରେ।

୩. ମାଇଗ୍ରେନ୍: କେତେକ ଲୋକଙ୍କଠାରେ ସକାଳୁ ମାଇଗ୍ରେନ୍ ?ର ଯନ୍ତ୍ରଣା ଆରମ୍ଭ ହୋଇପାରେ । ଏଥିରେ ମୁଣ୍ଡର ଗୋଟିଏ ପାର୍ଶ୍ୱରେ ଯନ୍ତ୍ରଣା, ବାନ୍ତି ଲାଗିବା ଓ ଆଲୋକ ପ୍ରତି ଅସହ୍ୟତା ଦେଖାଦେଇପାରେ ।

୪. ଦାନ୍ତ ଚାପି ଶୋଇବା: ଶୋଇଥିବା ସମୟରେ ଦାନ୍ତକୁ ଜୋରରେ ଚାପି ରଖିବା ଯୋଗୁଁ ଜହ୍ନା ଓ ମୁଣ୍ଡରେ ଯନ୍ତ୍ରଣା ହୋଇପାରେ।

୫. ଅନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା: କେତେକ ଔଷଧର ପ୍ରଭାବ, ରକ୍ତଚାପରେ ଗୁରୁତର ବୃଦ୍ଧି କିମ୍ବା ଅନ୍ୟାନ୍ୟ ରୋଗ ଯୋଗୁଁ ମଧ୍ୟ ମୁଣ୍ଡ ବିନ୍ଧିପାରେ ।

ଯଦି ପ୍ରତିଦିନ କିମ୍ବା ବାରମ୍ବାର ସକାଳୁ ମୁଣ୍ଡ ବିନ୍ଧୁଛି, ଜୋରରେ ଘୁଙ୍ଗୁଡ଼ି ହେଉଛି, ନିଦରେ ଶ୍ୱାସ ବନ୍ଦ ହେଉଥିବା ଅନ୍ୟମାନେ ଲକ୍ଷ୍ୟ କରୁଛନ୍ତି କିମ୍ବା ଦିନବେଳେ ଅତ୍ୟଧିକ ନିଦ ଲାଗୁଛି, ତେବେ ଡାକ୍ତରଙ୍କୁ ଦେଖାନ୍ତୁ । ଆବଶ୍ୟକ ହେଲେ ଡାକ୍ତର ନିଦ ସମ୍ବନ୍ଧୀୟ ପରୀକ୍ଷା କରାଇପାରନ୍ତି । ହଠାତ୍ ସବୁଠାରୁ ଭୟଙ୍କର ମୁଣ୍ଡବିନ୍ଧା, ହାତ କିମ୍ବା ଗୋଡ଼ ଦୁର୍ବଳ ହେବା, କଥା କହିବାରେ ସମସ୍ୟା, ଦୃଷ୍ଟିଶକ୍ତିରେ ପରିବର୍ତ୍ତନ କିମ୍ବା ଜ୍ୱର ସହ ବେକ ଶକ୍ତ ହୋଇଯିବା ଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ଜରୁରୀ ଚିକିତ୍ସା ନିଅନ୍ତୁ । ମନେ ରଖନ୍ତୁ: ସକାଳୁ ମୁଣ୍ଡ ବିନ୍ଧିବାର ଅନେକ କାରଣ ଥାଇପାରେ। ଏହାକୁ ଅଣଦେଖା ନକରି ଲକ୍ଷଣ ଅନୁଯାୟୀ ଠିକ୍ ସମୟରେ ଡାକ୍ତରୀ ପରାମର୍ଶ ନେବା ହିଁ ସବୁଠାରୁ ଭଲ ଉପାୟ ।

# ସୁସ୍ଥ ଜୀବନ ପାଇଁ ସୁସ୍ଥ ଶରୀର : ଆପଣାନ୍ତୁ କିଛି ଉପାୟ

ଆଜିର ଜୀବନଶୈଳୀ ଓ ଖାଦ୍ୟପେୟରେ ଅନିୟମିତତା ଯୋଗୁଁ ଯକୃତ ସମସ୍ୟା ବଢ଼ିବାରେ ଲାଗିଛି। ବିଶେଷ କରି ମଧୁମେହ ଓ ଉଚ୍ଚ ରକ୍ତଚାପ ଭଳି ସମସ୍ୟା ଯକୃତର କାର୍ଯ୍ୟକ୍ଷମତାକୁ ସବୁଠାରୁ ଅଧିକ ପ୍ରଭାବିତ କରିଥାଏ। ଯଦି ଆଧୁନିକ ଚିକିତ୍ସା ବିଜ୍ଞାନ ଓ ଆୟୁର୍ବେଦର ଜ୍ଞାନକୁ ଆପଣାଇ ଆମେ ନିଜର ଦୈନନ୍ଦିନ ଅଭ୍ୟାସରେ ପରିବର୍ତ୍ତନ ଆଣିପାରିବା, ତେବେ ଯକୃତକୁ ସୁରକ୍ଷିତ ରଖିପାରିବା।

ଜୀବନଶୈଳୀ ଓ ସଚେତନତା: ଡାକ୍ତରଙ୍କ ମତରେ, ସୁସ୍ଥ ଯକୃତ ପାଇଁ ସୁସ୍ଥ ଜୀବନଶୈଳୀ ଜରୁରି। ପ୍ରାରମ୍ଭିକ ପର୍ଯ୍ୟାୟରେ ବିପଦ ସମ୍ପର୍କରେ ଜାଣିବା ଓ ସଚେତନ ରହିବା ଦ୍ୱାରା ଯକୃତକୁ ଦୀର୍ଘସ୍ଥାୟୀ କ୍ଷତିରୁ ରକ୍ଷା କରାଯାଇପାରିବ।

ମଧୁମେହ ଓ ଉଚ୍ଚ ରକ୍ତଚାପର ନିୟନ୍ତ୍ରଣ: ଅଧିକ ରକ୍ତଶର୍କରା ଯକୃତର ସୂକ୍ଷ୍ମ ରକ୍ତନଳୀଗୁଡ଼ିକୁ କ୍ଷତିଗ୍ରସ୍ତ କରିଥାଏ ଓ ଉଚ୍ଚ ରକ୍ତଚାପ ଫିଲ୍ ?ଟରିଂ ୟୁନିଟ୍ ? ଉପରେ ଚାପ ପକାଇଥାଏ। ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ନିହାତି ଆବଶ୍ୟକ।

ପରିସ୍ରା ଅଟକାଇବା କ୍ଷତିକାରକ: ଦୀର୍ଘ ସମୟ କାମ କରିବା, ଯାତ୍ରା କରିବା କିମ୍ବା ବ୍ୟସ୍ତତା ଯୋଗୁଁ ପରିସ୍ରାକୁ ଅଟକାଇ ରଖିବା ମୂତ୍ରାଶୟ ଉପରେ କୁପ୍ରଭାବ ପକାଏ। ଆୟୁର୍ବେଦ ଅନୁଯାୟୀ, ଶରୀରର ପ୍ରାକୃତିକ ବେଗକୁ ରୋକିବା ଦ୍ୱାରା ଅନ୍ତର୍ନିହିତ ଅସନ୍ତୁଳନ ସୃଷ୍ଟି ହୁଏ, ଯାହା ବିପଜ୍ଜନକ ମୂତ୍ରନଳୀ ସଂକ୍ରମଣର ଆଶଙ୍କା ବଢ଼ାଇଥାଏ।

ପରିସ୍ରା ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ: ପରିସ୍ରା ସମୟରେ ଜଳାପୋଡ଼ା କିମ୍ବା ବାରମ୍ବାର ପରିସ୍ରା ଲାଗିବା ଭଳି ଲକ୍ଷଣ ବଡ଼ ବିପଦର କାରଣ ହୋଇପାରେ।

ପର୍ଯ୍ୟାପ୍ତ ପାଣି ପିଅନ୍ତୁ: ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଯକୃତରେ ପଥୁରୀ ହେବାର ଆଶଙ୍କା କମିଥାଏ।



ତେବେ ପାଣିର ପରିମାଣ ଶରୀରର ପରିସ୍ଥିତି ଉପରେ ନିର୍ଭର କରେ।

ଖାଦ୍ୟପେୟରେ ସଂଯମ: ଯକୃତ ସମସ୍ୟା ଥିଲେ ପୋଟାସିୟମ୍, ଫସ୍‌ଫରସ୍, ସୋଡିୟମ୍ ଓ ପ୍ରୋଟିନ୍ ମାତ୍ରା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼େ। ଡାକ୍ତରଙ୍କ ପରାମର୍ଶରେ କାକୁଡ଼ି, ଟମାଟୋ, ଦହି, ଭାତ କିମ୍ବା କିଛି ନିର୍ଦ୍ଦିଷ୍ଟ ଡାଲିର ପରିମାଣ ନିୟନ୍ତ୍ରଣ କରିବାକୁ ପଡ଼ିପାରେ।

# ରକ୍ତଚାପ ନିୟନ୍ତ୍ରଣ କରିବା ପାଇଁ ଖା'ନ୍ତୁ ଏହି ସବୁ ଖାଦ୍ୟ

ପୁଷ୍ଟିକର ଖାଦ୍ୟ ଏବଂ ଉତ୍ତମ ଜୀବନଶୈଳୀ ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣ କରିହେବ। ରକ୍ତଚାପକୁ ନିୟନ୍ତ୍ରଣ କରିବା ପାଇଁ ପୋଟାସିଅମର ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ। ଏଥିରେ ଥିବା ମାଇକ୍ରୋନ୍ୟୁଟ୍ରିଏଣ୍ଟ ଶରୀରରେ ସୋଡିୟମର ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ରକ୍ତ କଣିକା ଉପରେ ମଧ୍ୟ ଏହାର ସକରାତ୍ମକ ପ୍ରଭାବ ପଡିଥାଏ, ଯେଉଁ କାରଣରୁ ରକ୍ତଚାପକୁ ନିୟନ୍ତ୍ରଣ କରାଯାଇପାରିବ । ପୋଟାସିୟମ୍ ଯୁକ୍ତ ଖାଦ୍ୟ ଚିନ୍ତା ଏବଂ ଚାପରୁ ମୁକ୍ତି ଦେଇଥାଏ । ଆମର ରକ୍ତଚାପ ଉପରେ ଆମ ଖାଦ୍ୟର ସିଧାସଳଖ ପ୍ରଭାବ ପଡିଥାଏ । ତେବେ ଯଦି ଆପଣ ମଧ୍ୟ ହାଇ ବ୍ଲଡ ପ୍ରେସରର ଶିକାର ହୋଇଥା'ନ୍ତି ତେବେ ନିଜ ଦୈନନ୍ଦିନ ଖାଦ୍ୟ ପଦାର୍ଥରେ ପୋଟାସିଆମ୍‌ରେ ଭରପୁର ଥିବା ଖାଦ୍ୟକୁ ସାମିଲ କରନ୍ତୁ। ତେବେ ଆସନ୍ତୁ ଜାଣିବା କେଉଁ କେଉଁ ପୋଟାସିଅମ ଯୁକ୍ତ ଖାଦ୍ୟକୁ ଡାଏଟ୍‌ରେ ସାମିଲ କରିବା ଉଚିତ। କଦଳୀ ହେଉଛି ଏକ ସାଧାରଣ ଫଳ, ଯାହାକୁ ଆପଣ ବର୍ଷସାରା ସହଜରେ ପାଇପାରିବେ। ଏହା ପୋଟାସିୟମର ଏକ ଉତ୍ତମ ଉତ୍ସ। କଦଳୀ ହଜମ ଶକ୍ତିକୁ ବଢ଼ାଇଥାଏ । ଏଥିରେ ଭିଟାମିନ୍ ସି ରହିଛି । ଏହା ଏକ ସୁସ୍ଥ ଖାଦ୍ୟ, ଯାହା ଆପଣଙ୍କୁ ଭୋକ ସହିତ ମୁକାବିଲା କରିବାରେ ସାହାଯ୍ୟ କରିଥାଏ । କଦଳୀରେ ଫାଇବର ମଧ୍ୟ ରହିଥାଏ ଯାହା ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗିବାକୁ ଦିଏ ନାହିଁ। ଏଥିରେ ପୋଟାସିଅମର ମାତ୍ରା ମଧ୍ୟ ଭରପୁର ରହିଛି, ଯାହାକୁ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହେ । ଶାଗ ତଥା ପତ୍ରଯୁକ୍ତ ଆହାର ଦୈନନ୍ଦିନ ଖାଦ୍ୟର ଏକ ଅତ୍ୟାବଶ୍ୟକ ଅଂଶ ହେବା ଉଚିତ । ନିଜ ଆହରକୁ ପର୍ଯ୍ୟାପ୍ତ ପୋଷକ ତତ୍ତ୍ୱରେ ସାମିଲ କରିବା ପାଇଁ ନିୟମିତ ରୂପେ ପତ୍ରଯୁକ୍ତ ଖାଦ୍ୟ ତଥା ଶାଗ ଖାଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି।

# ଦୈନନ୍ଦିନ ଚାଲିବା ଦ୍ୱାରା ମସ୍ତିଷ୍କ ରହେ ସୁସ୍ଥ



**ଡାକ୍ତର ରାମପ୍ରସାଦ ରାୟ**

ମର୍କତ ନଗରର 'ଅନୁପମା' ମାଡାମ ପ୍ରତିଦିନ କିଛି ବାଟ ଚାଲନ୍ତି। ସଂଗୀତରେ ରୁଚି ରଖିଥିବା ଅନୁପମା ମାଡାମ କୁହନ୍ତି ଯେ ସକାଳର ମୁକ୍ତ ପବନ ଆଉ ନିର୍ମଳ ପରିବେଶ ଭିତରେ କିଛି ବାଟ କସରତ କରିବା ଦ୍ୱାରା ସେ ତାଙ୍କ ସଂଗୀତ ପାଇଁ ଏକ ପ୍ରକାର ଜୀବନ ପ୍ରେରଣା ପାଇଥାନ୍ତି। ଭାତ ହାଣ୍ଡିରୁ ଇଏ ଗୋଟିଏ। ଆଜିକାଲି ଲୋକମାନଙ୍କ ଭିତରେ ସକାଳୁ କିଛି ବାଟ ଚାଲିବା ଏକ ଭଲ ଅଭ୍ୟାସରେ ପରିଣତ ହେଲାଣି। ତେବେ ଚାଲିବା ସମୟରେ ମଧ୍ୟ କିଛି ସର୍ବନିମ୍ନ ସଚେତନତା ଓ ସତର୍କତା ରହିଛି।

ପ୍ରତିଦିନ ସକାଳେ କିମ୍ବା ରାତିରେ ଚାଲିବା ଅଭ୍ୟାସ କରୁଛନ୍ତି କି ? ଆପଣଙ୍କ ଦୈନନ୍ଦିନର ପାଦଚଲା କେବଳ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ ନାହିଁ, ବରଂ ଏହା ଆପଣଙ୍କ ମସ୍ତିଷ୍କ ପାଇଁ ମଧ୍ୟ ଲାଭଦାୟକ। ସାଧାରଣ ଚାଲିବା ଅଭ୍ୟାସ ମଧ୍ୟ ଆପଣଙ୍କ ସ୍ନାୟୁଗତ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିଥାଏ। ଚାଲିବାକୁ ଅନେକ କମ ପରିଶ୍ରମର କାମ ବୋଲି ଭାବି ଥାଆନ୍ତି, କିନ୍ତୁ ଯେତେବେଳେ ଆପଣ ଚାଲନ୍ତି, ସେତେବେଳେ ମସ୍ତିଷ୍କ ଭିତରେ ବହୁତ କିଛି କାର୍ଯ୍ୟ ଚାଲୁ ରହିଥାଏ। ନ୍ୟୁରୋଲୋଜିଷ୍ଟଙ୍କ କହିବା ଅନୁଯାୟୀ ଯେତେବେଳେ ଆପଣ ଚାଲନ୍ତି ଆପଣଙ୍କ ମସ୍ତିଷ୍କ ଏକ ସମୟରେ ଅନେକ କାମ କରିଥାଏ। ଯେପରି ଆପଣଙ୍କ ଆଖି, କାନ, ମାଂସପେଶୀ ଓ ଗଣ୍ଠିରୁ ସୂଚନା ଗ୍ରହଣ କରିଥାଏ। ପାଦ କେଉଁଠି ପଡ଼ିବ ତାହା ସ୍ଥିର କରିବା, ଭାରସାମ୍ୟ ରକ୍ଷା କରିବା ଓ ଗତି ନିୟନ୍ତ୍ରଣ କରିବାରେ ମସ୍ତିଷ୍କ କାମ କରେ। ରାସ୍ତାରେ ହଠାତ୍ କିଛି ଆସିଗଲେ ତୁରନ୍ତ ପ୍ରତିକ୍ରିୟା ଦେବାରେ ସାହାଯ୍ୟ କରେ। ଏହାଛଡ଼ା ନିୟମିତ ଚାଲିବା ଦ୍ୱାରା ହୃତପିଣ୍ଡ ଭଲ ରହିବା ସହିତ ରକ୍ତଚାପ, ରକ୍ତ ଶର୍କରା ଓ ଓଜନ ନିୟନ୍ତ୍ରଣରେ ରହିଥାଏ। ଏହିସବୁ କାର୍ଯ୍ୟ ମସ୍ତିଷ୍କର ରକ୍ତନଳୀଗୁଡ଼ିକୁ ମଧ୍ୟ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

ଯେଉଁମାନେ ଦିନସାରା ବସି କାମ କରନ୍ତି ଓ ଶାରୀରିକ ପରିଶ୍ରମ କରନ୍ତି ନାହିଁ, ସେମାନେ ପ୍ରାୟତଃ ମାନସିକ କ୍ଳାନ୍ତି, ଏକାଗ୍ରତାର ଅଭାବ କିମ୍ବା ପୂର୍ବପରି ଚଞ୍ଚଳ ନ ରହିବା ଭଳି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ଚାଲିବା ଦ୍ୱାରା ଏହି ସବୁ ସମସ୍ୟା ଦୂର ହୋଇଥାଏ। ପ୍ରତିଦିନ ଚାଲିବା ଦ୍ୱାରା ସ୍ମରଣ ଶକ୍ତିରେ ଉନ୍ନତି ଆସିଥାଏ ଓ ନିଷ୍ପତ୍ତି ନେବା ଭଳି ଜ୍ଞାନଗତ କ୍ଷମତା ବୃଦ୍ଧି ପାଇଥାଏ। ଏହା ଶିକ୍ଷା ଓ ସ୍ମୃତି ଶକ୍ତି ସହିତ ଜଡ଼ିତ ମସ୍ତିଷ୍କର କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଚାଲିବା ସିଧାସଳଖ ସ୍ମୃତିଶକ୍ତି ବଢ଼ାଇବା ସହିତ ଜଡ଼ିତ ନଥିଲେ ମଧ୍ୟ ବୟସ ବଢ଼ିବା ସଙ୍ଗେ ସଙ୍ଗେ ମସ୍ତିଷ୍କକୁ ସୁସ୍ଥ ରଖିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଯଦି ଚାଲିବା ଶୈଳୀରେ ହଠାତ୍ ପରିବର୍ତ୍ତନ ହେତୁ ବାରମ୍ବାର ପଡ଼ିଯିବା କିମ୍ବା ଅସ୍ଥିରତା ଭଳି ସମସ୍ୟା ଦେଖାଦିଏ, ତେବେ ନ୍ୟୁରୋଲୋଜିଷ୍ଟ ପରାମର୍ଶ ନେବା ଉଚିତ।



ପ୍ରତିଦିନ କିଛି ବାଟ ଚାଲିବା ଏକ ଅତ୍ୟନ୍ତ ଶାରୀରିକ ଓ ମାନସିକ ଦୃଷ୍ଟିକୋଣରୁ ଭଲ ଅଭ୍ୟାସ। ନିତ୍ୟକର୍ମ ପରେ ବାହାରର ଖୋଲା ସ୍ଥାନରେ କିଛି ବାଟ ଚାଲନ୍ତୁ। ଧୂଳି, ଧୂଆଁ ଠାରୁ ଦୂରେଇ ରୁହନ୍ତୁ ଏବଂ ଚାଲିବା ସମୟରେ ଗପିବା କିମ୍ବା ଗୀତ ଶୁଣିବା ଅଭ୍ୟାସ ନ ରଖିବା ଭଲ। ନିରବତାର ସହିତ ଲମ୍ବା ଲମ୍ବା ପାହୁଣ୍ଡର ଦୀର୍ଘ ନିଃଶ୍ୱାସ ନେଇ ଚାଲିବା ଦ୍ୱାରା ଶରୀର ଭିତରେ ଏକ ପ୍ରକାର ଉର୍ଜ୍ଜା ଶକ୍ତି ମିଳିଥାଏ। ତେବେ ପ୍ରତିଦିନ ଚାଲିବାର ଏକାଗ୍ରତାକୁ କେବେ ଭାଙ୍ଗନ୍ତୁ ନାହିଁ। ଚାଲି ଫେରିବା ପରେ କିଛି ଘରୋଇ ଜୁସ୍ ବା ସୁପ୍ ପିଇ ପାରନ୍ତି, କିନ୍ତୁ କୌଣସି ପରିସ୍ଥିତିରେ ବିଛଣାକୁ ଯାଆନ୍ତୁ ନାହିଁ। ସବୁଜ ଘାସ ଉପରେ ଖାଲି ପାଦରେ ଚାଲିବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ହଁ, ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଖାଦ୍ୟ ଖାଇ ଚାଲିବାକୁ ଯାଆନ୍ତୁ ନାହିଁ। ଏହାଦ୍ୱାରା ଶରୀର ଅସହଜ ଓ ପାଚନ ପ୍ରକ୍ରିୟା ଉପରେ ମଧ୍ୟ ପ୍ରଭାବ ପଡ଼ିପାରେ। ପ୍ରାତଃ ଭ୍ରମଣ ଦ୍ୱାରା ଭଗବାନ ସୂର୍ଯ୍ୟଦେବଙ୍କ ଦର୍ଶନ କରି ତାଙ୍କ ସକାଳର ପ୍ରଥମ କିରଣ ଆପଣଙ୍କ ଉପରେ ଆଶୀର୍ବାଦ ଭାବେ ପଡୁଛି ବୋଲି ଗ୍ରହଣ କରନ୍ତୁ। ଦେଖିବେ ଆପଣଙ୍କର ସେ ଦିନଟି ମଧ୍ୟ ଆନନ୍ଦମୟ ହୋଇ ଉଠିବ।

+କ୍ୟାମ୍ପ ଅଫିସର, ରକ୍ତ ଭଣ୍ଡାର,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ,
ମୋ : ୮୨୬୦୪୦୮୮୩୬

## ଡାଲି ଜାତୀୟ ଫସଲରେ କୃଷକ ତାଲିମ ଶିବିର

ଚମ୍ପୁଆ,୧୩/୧୦ (ନି.ପ୍ର): ଚମ୍ପୁଆ ବ୍ଲକର ବିଭିନ୍ନ ସ୍ଥାନରେ କୃଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଡାଲିଜାତୀୟ ଫସଲରେ ଆତ୍ମ ନିର୍ଭରତା ଅଭିଯାନ ଯୋଜନାରେ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୨ଗୋଟି ଗ୍ରାମପଂଚାୟତର ୪୦ ଗ୍ରାମରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତି ତାଲିମ ଶିବିରରେ ୩୦ ଜଣ ଲେଖାଏଁ କୃଷକଙ୍କୁ କୃଷି ତାଲିମ ପ୍ରଦାନ କରାଯାଉଛି। ଏଥିରେ ଅଭିଜ୍ଞ କୃଷି ଅଧିକାରୀ ଯୋଗଦାନ କରି କୃଷକମାନଙ୍କୁ ଡାଲି ଜାତୀୟ ଅର୍ଥକାରୀ ଫସଲର ଚାଷ ଓ ତାର ଉପକାରିତା ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି।

## ୧୩-୧୪ରେ 'ସମ୍ବଲପେକ୍ସ -୨୦୨୬' ଡାକ ଟିକେଟ ପ୍ରଦର୍ଶନୀ

ସମ୍ବଲପୁର,୧୩/୧୦ (ନି.ପ୍ର): ସମ୍ବଲପୁର ଡାକ ବିଭାଗର ଆଂଚଳିକ କାର୍ଯ୍ୟାଳୟ ଠାରେ ସମ୍ବଲପୁର ଡାକ ମଣ୍ଡଳ ପକ୍ଷରୁ ଆସନ୍ତା ନଭେମ୍ବର ୧୩ ଓ ୧୪ ତାରିଖ ଦିନ ଆୟୋଜିତ ହେବାକୁ ଥିବା ଚତୁର୍ଥ ଜିଲ୍ଲା ସ୍ତରୀୟ ଡାକ ଟିକଟ ପ୍ରଦର୍ଶନୀ ' ସମ୍ବଲପେକ୍ସ - ୨୦୨୬ ପ୍ରଦର୍ଶନୀ ସମ୍ବଲପୁର ବୁଢାରଜା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହେବ । ଏହାକୁ ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ ସମ୍ବଲପୁର ସ୍ଥିତ ଡାକ ବିଭାଗର ଆଂଚଳିକ କାର୍ଯ୍ୟାଳୟ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଫିଲାଟେଲି ଦାୟିତ୍ୱରେ ଥିବା ଅଭିଷେକ ପୂଜାରୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ ସେବା ନିର୍ଦ୍ଦେଶକ ଏସ.କେ. ଠାକରେ, ଆଂଚଳିକ କାର୍ଯ୍ୟାଳୟର ସହକାରୀ ଡାକ ସେବା ନିର୍ଦ୍ଦେଶକ -୧ ସୁଜିତ କୁମାର ମହାରଣା, ସହକାରୀ ଡାକ ସେବା ନିର୍ଦ୍ଦେଶକ -୨ ସମରଜିତ୍ ନାୟକ, ସମ୍ବଲପୁର ଡାକ ମଣ୍ଡଳର ଡାକ ଅଧିକ୍ଷକ ସୁଶାନ୍ତ କୁମାର ପାଣିଗ୍ରାହୀ, ସହକାରୀ ଡାକ ଅଧିକ୍ଷକ ମୁଖ୍ୟାଳୟ ୟେରା ପୋଲାୟା ଓ ସହକାରୀ ଡାକ ଅଧିକ୍ଷକ ସରୋଜ ବସ୍ତି (ଓଡି ) ଏବଂ ବିଶିଷ୍ଟ ସଂଗ୍ରାହକ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସମ୍ବଲପୁର ଡାକ ମଣ୍ଡଳର ଅଧିକ୍ଷକ ଶ୍ରୀ ପାଣିଗ୍ରାହୀ ଏକ ସମ୍ବଲପେକ୍ସ - ୨୦୨୬ ପ୍ରଦର୍ଶନୀ ବିଷୟରେ ସୂଚନା ପ୍ରଦାନ କରିଥିବା ବେଳେ ବିଶିଷ୍ଟ ଡାକଟିକଟ ସଂଗ୍ରାହକ ଶ୍ରୀ ପାଣିଗ୍ରାହୀ ଡାକଟିକଟ ସଂଗ୍ରହର ଅଭିଜ୍ଞତା ସମ୍ପର୍କରେ ବଖାଣିଥିଲେ । ଏଥିସହ ଡାକଟିକଟ ସଂଗ୍ରହ ର ଇତିହାସ ର ବିବରଣୀ ବ୍ୟକ୍ତ କରିଥିଲେ । ଏହି ଅବସରରେ 'ସମ୍ବଲପେକ୍ସ -୨୦୨୬' ର ଲୋଗୋ ଓ ପ୍ରସପେକ୍ଟସ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଡାକ ଟିକେଟ ମାଧ୍ୟମରେ ଦେଶର ଇତିହାସ, ସଂସ୍କୃତି ଓ ଐତିହ୍ୟ ବିଷୟରେ ଜନସାଧାରଣ, ବିଶେଷ କରି ଯୁବପିଢି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ପ୍ରଦର୍ଶନୀର ମୁଖ୍ୟ ଲକ୍ଷ୍ୟ ବୋଲି ଡାକ ବିଭାଗୀୟ ଅଧିକାରୀ ମାନେ ମତବ୍ୟକ୍ତ କରିଥିଲେ । ଡାକସେବା ନିର୍ଦେଶକ ଶ୍ରୀ ଠାକରେ କହିଲେ ଯେ, ଏହି ଡାକଟିକଟ ସଂଗ୍ରାହକ, ଫିଲାଟେଲିଷ୍ଟ ଏବଂ ଡାକଟିକଟ ପ୍ରତି ଆଗ୍ରହୀ ବ୍ୟକ୍ତିମାନଙ୍କୁ ନିଜ ନିଜର ସଂଗୃହିତ ଡାକଟିକଟ ପ୍ରଦର୍ଶନ ଓ ନିଜ ଅଭିଜ୍ଞତା ପାଇଁ ଏକ ସୁଯୋଗ ପ୍ରଦାନ କରିବ । ଏହି ପ୍ରଦର୍ଶନୀ ରେ ଭାଗ ନେବାକୁ ହେଲେ ୧୮ ବର୍ଷ କମ ବୟସ୍କ ଙ୍କ ପାଇଁ ନିଃଶୁଳ୍କ ଓ ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ପଞ୍ଜିକରଣ ଫି ଶହେ ଟଙ୍କା ରଖାଯାଇଛି । ବିଶେଷ କରି ଯୁବ ପିଢ଼ି ଓ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ଓ ଦେଶ ର ସଂସ୍କୃତି ତଥା ପରମ୍ପରା ବିଷୟରେ ସଚେତନ କରେଇବା ହିଁ ଏହି ' ସମ୍ବଲପେକ୍ସ -୨୦୨୬' ପ୍ରଦର୍ଶନୀର ଆୟୋଜନ ବୋଲି ସହକାରୀ ଡାକ ଅଧିକ୍ଷକ (ମୁଖ୍ୟାଳୟ) ଶ୍ରୀ ପୋଲାୟା କହିଥିଲେ । ଆଗାମୀ ଦିନରେ ଫିଲାଟେଲିକୁ ଆହୁରି ଲୋକାଭିମୁଖୀ କରାଯିବା ପାଇଁ ସଚେତନତା ଧର୍ମୀ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଠାକରେ ପ୍ରକାଶ କରିଥିଲେ । ଶେଷରେ ସହକାରୀ ଡାକ ଅଧିକ୍ଷକ ଶ୍ରୀ ବସ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡାକ ବିଭାଗର ଅରୁଣ କୁମାର ଲାଟା, ସତ୍ୟ ଦାସ, ସପ୍ତର୍ଶୀ ପୁରୋହିତ, ଆଶିଷ କୁମାର, ତାପସ ଭୋଇ, ଅଜୟ ପ୍ରଧାନ, ପ୍ରଳୟ ପ୍ରତାପ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## ଜୟପୁର ରାଜା ନହରରେ ଦଶହରା ଭେଟଘାଟ ସହିତ ଶସ୍ତ୍ର ପୂଜନ: ଶୋଭାଯାତ୍ରା

ଜୟପୁର,୧୩/୧୦ (ନି.ପ୍ର): କୋରାପୁଟ ଜିଲ୍ଲା କ୍ଷେତ୍ରୀୟ ଖଣ୍ଡାୟତ ପାଇକ ସମାଜ ର ପାରମ୍ପରିକ ବାର୍ଷିକ ଖଣ୍ଡା ପୂଜା ଆଜି ଅନୁଷ୍ଠିତ ହୋଇଛି । ଜୟପୁର ମହାରାଜା ଙ୍କ ରାଜନଗର ସ୍ଥିତ ମତି ମହଲ ଠାରେ ଆଜି ଅନୁଷ୍ଠିତ ହୋଇଛି । ଉକ୍ତ ଖଣ୍ଡା ପୂଜା ଉତ୍ସବ ରେ ଜୟପୁର ଯୁବରାଜ ବିଶ୍ୱେଶ୍ୱର ଚନ୍ଦ୍ର ଚୂଡ଼ ଦେବ ଉପସ୍ଥିତି ରେ ପୂଜା ସମାପନ ହୋଇଛି । ଜୟପୁର ଦଶହରା, କେବଳ ଏକ ପର୍ବ ନୁହେଁ, ବରଂ ଏହା ହେଉଛି ରାଜପରମ୍ପରା, ଆଦିବାସୀ ସଂସ୍କୃତି ଓ ଐତିହାସିକ ଗୌରବର ଏକ ଅନନ୍ୟ ପରିଚୟ। ଦୀର୍ଘ ବର୍ଷର ପରମ୍ପରାକୁ ଆଜି ବି ବଂଚାଇ ରଖିଛି ଜୟପୁରର ଦଶହରା ଉତ୍ସବ। ରାଜନହରରେ ଦଶହରା ଭେଟଘାଟ ଓ ଶସ୍ତ୍ର ପୂଜନକୁ ନେଇ ଦେଖିବାକୁ ମିଳେ ପରମ୍ପରା ଓ ଆସ୍ଥାର ଅପୂର୍ବ ସମନ୍ୱୟ। ବିଜୟା ଦଶମୀର ମହତ୍ତ୍ୱକୁ ମନେ ପକାଇ ଶସ୍ତ୍ର ପୂଜନ ମାଧ୍ୟମରେ ଶକ୍ତି, ସାହସ ଓ ବିଜୟର ବାର୍ତ୍ତା ଦିଆଯାଏ। ଜୟପୁରର ଦଶହରା ପରମ୍ପରା ସହ ଜଡ଼ିତ ରହିଛି ପୂର୍ବତନ ରାଜପରିବାରର ଇତିହାସ। ଦିନେ ଏହି ଉତ୍ସବରେ ରାଜାଙ୍କ ଉପସ୍ଥିତି, ଆଦିବାସୀ ମୁଖିଆଙ୍କ ଆଗମନ ଓ ପାରମ୍ପରିକ ଶୋଭାଯାତ୍ରା ଏକ ସ୍ୱତନ୍ତ୍ର ଆକର୍ଷଣ ଥିଲା।ବିଶେଷକରି ପବିତ୍ର ବାଉଁଶ ଲାଠି ବା ଲାଠି ପୂଜନ ଜୟପୁର ଦଶହରାର ଏକ ଅନନ୍ୟ ପରିଚୟ। ବିଭିନ୍ନ ଗ୍ରାମର ଆଦିବାସୀ ସମ୍ପ୍ରଦାୟ ନିଜ ଗ୍ରାମଦେବତୀଙ୍କ ପ୍ରତୀକ ଭାବେ ପୂଜା କରୁଥିବା ପବିତ୍ର ଲାଠିକୁ ନେଇ ଜୟପୁରରେ ପହଂଚିଥାନ୍ତି। ଏହି ପରମ୍ପରା ଜୟପୁରର ଐତିହାସିକ ଓ ସାଂସ୍କୃତିକ ପରିଚୟକୁ ଆଜି ବି ଜୀବନ୍ତ ରଖିଛି।ରାଜତନ୍ତ୍ରର ଅବସାନ ପରେ ମଧ୍ୟ ଏହି ପରମ୍ପରାର ମହତ୍ତ୍ୱ କମିନାହିଁ। ବରଂ ପିଢ଼ି ପରେ ପିଢ଼ି ଏହାକୁ ଆଗକୁ ବଢ଼ାଇ ନେଉଛନ୍ତି ଅଂଚଳବାସୀ। ଅନ୍ୟପଟେ, ଦଶହରା ଭେଟଘାଟ ସାମାଜିକ ଏକତା ଓ ଭାଇଚାରାର ଏକ ପ୍ରତୀକ। ପରସ୍ପର ମଧ୍ୟରେ ଶୁଭେଚ୍ଛା ବିନିମୟ, ପରମ୍ପରା ପ୍ରତି ସମ୍ମାନ ଓ ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଏହି ଉତ୍ସବର ମୁଖ୍ୟ ବାର୍ତ୍ତା। ତେଣୁ ଜୟପୁରର ଦଶହରା କେବଳ ଦେବୀଙ୍କ ଆରାଧନାରେ ସୀମିତ ନୁହେଁ। ଏହା ହେଉଛି ଅତୀତର ଗୌରବକୁ ମନେ ପକାଇ ବର୍ତ୍ତମାନ ପିଢ଼ି ପାଇଁ ପରମ୍ପରା ଓ ସଂସ୍କୃତିର ଏକ ଅମୂଲ୍ୟ ବାର୍ତ୍ତା। ମୋତିମହଲ ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଦଶହରା ପଡିଆରେ ପହଁଚି ଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ୨ ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ ।

## ବନଖଣ୍ଡ ସ୍ତରୀୟ ଗଜସାଥୀ ପ୍ରଶିକ୍ଷଣ ଶିବିର

### ଗୋପନୀୟ ସୂଚନାଦାତାଙ୍କୁ ମିଳିବ ପ୍ରୋତ୍ସାହନ ରାଶି: ଡିଏଫ୍‌ଓ

ସମ୍ବଲପୁର,୧୩/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଜମନକିରା ରେଞ୍ଜର ଭୋଜପୁର ସେକ୍ସନ ଠାରେ ବନ ବିଭାଗ ପକ୍ଷରୁ ଏକ ଦିବସୀୟ ବନଖଣ୍ଡ ସ୍ତରୀୟ ଗଜସାଥୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ ବିଭାଗର ଅଧିକାରୀ ଓ କର୍ମଚାରୀ, ଗଜସାଥୀ, ସରପଂଚ, ସାମ୍ବାଦିକ ଏବଂ ସ୍ଥାନୀୟ ଅଂଚଳବାସୀ ଯୋଗ ଦେଇଥିଲେ।

ଜମନକିରା ରେଞ୍ଜର ଲେଖାରାଣୀ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ବାମରା ବନ୍ୟପ୍ରାଣୀ ବନଖଣ୍ଡର ଡିଏଫ୍‌ଓ ବିକ୍ରମ ଦେବ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣିଷ ଓ ହାତୀଙ୍କ ମଧ୍ୟରେ ସଂଘର୍ଷ ହ୍ରାସ କରିବା ସହ ଜନଜୀବନ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ।

ସେ କହିଥିଲେ ଯେ, ଅଂଚଳରେ ହାତୀଙ୍କ ଚଳପ୍ରଚଳ ରହୁଥିବାରୁ ଲୋକମାନେ ବିଶେଷ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ଭୋର ସକାଳ ଓ ସନ୍ଧ୍ୟା ସମୟରେ ଅଯଥା ଜଙ୍ଗଲ କିମ୍ବା ହାତୀ ଚଳପ୍ରଚଳ କରୁଥିବା ଅଂଚଳକୁ ଯିବାରୁ ନିବୃତ ରହିବା ସହ ହାତୀଙ୍କୁ ଦେଖିଲେ ସେମାନଙ୍କଠାରୁ ସୁରକ୍ଷିତ ଦୂରତା ବଜାୟ ରଖି ବନ ବିଭାଗକୁ ସୂଚନା ଦେବା ଉଚିତ। ଏହାଦ୍ୱାରା ହାତୀ ଆକ୍ରମଣଜନିତ ମୃତ୍ୟୁ ଓ ଅନ୍ୟାନ୍ୟ ଅଘଟଣକୁ ରୋକାଯାଇପାରିବ। ଏଥିସହ ଶିକାରୀଙ୍କ ଗତିବିଧି, ବେଆଇନ ବିଦ୍ୟୁତ୍ ତାର ବିଛାଯିବା ଏବଂ ଖୋଲା କୂଅ ଭଳି ବିପଦ ସମ୍ପର୍କରେ ବନ ବିଭାଗକୁ ତୁରନ୍ତ ଖବର ଦେବାକୁ ସେ ଆହ୍ୱାନ ଦେଇଥିଲେ। ଏପରି ସୂଚନା ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ପରିଚୟ ଗୋପନ ରଖାଯିବା ସହ ଯୋଗ୍ୟ କ୍ଷେତ୍ରରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ଡିଏଫ୍‌ଓ କହିଥିଲେ। ସମ୍ମାନିତ ଅତିଥି ଏସିଏଫ୍ ଆଲୋକ ଷଡ଼ଙ୍ଗୀ ତାଙ୍କ ବ୍ୟକ୍ତବରେ ହାତୀ ଓ ମଣିଷର ସହାବସ୍ଥାନ ଉପରେ ଗୁରୁତ୍ୱ ଦେଇଥିଲେ। ହାତୀଙ୍କ ସ୍ୱଭାବ, ପାରିବାରିକ ଜୀବନ, ଗତିବିଧି ଏବଂ ବିଭିନ୍ନ ପରିସ୍ଥିତିରେ ସେମାନଙ୍କ ଆଚରଣ ସମ୍ପର୍କରେ ସେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଏସିଏଫ୍ ରେଶମା ଲାକ୍ରା ମଣିଷ ଓ ହାତୀ ଉଭୟଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ଅଂଚଳରେ ଚଳପ୍ରଚଳ କରୁଥିବା 'ରାଜୁ' ହାତୀର ଉଦାହରଣ ଦେଇଥିଲେ। ବିକାଶ ନାମରେ ଜଙ୍ଗଲ ନଷ୍ଟ ନକରିବାକୁ ସେ ଆହ୍ୱାନ ଦେଇଥିଲେ। ଜଙ୍ଗଲ ଧ୍ୱଂସ ହେଲେ ହାତୀଙ୍କ ବାସସ୍ଥାନ ନଷ୍ଟ ହେବା ସହ ଅଂଚଳର ପରିବେଶ ଓ ଜୈବବିବିଧତା ଉପରେ ଏହାର ପ୍ରଭାବ ପଡ଼ିବ ବୋଲି ସେ କହିଥିଲେ।

ଅନ୍ୟତମ ଅତିଥି ଦୀପକ ମହାନନ୍ଦ ହାତୀଙ୍କ ପରିବେଶୀୟ ଗୁରୁତ୍ୱ ଏବଂ ସେମାନଙ୍କ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ଗୋଟିଏ ହାତୀ ଦୈନିକ ପ୍ରାୟ ଏକରୁ ଦେଢ଼ କ୍ୱିଂଟାଲ ଖାଦ୍ୟ ଖାଉଥିବା ସହ ବହୁ ପରିମାଣର ଜଳ ଆବଶ୍ୟକ କରୁଥିବା ସେ କହିଥିଲେ। ବାମରା ବନଖଣ୍ଡ ଅଧୀନରେ ପାଂଚଟି ରେଞ୍ଜ ରହିଥିବା ବେଳେ ହାତୀ ଓ ଜଙ୍ଗଲ ସୁରକ୍ଷା ପାଇଁ ୧୨୫ଟି ଗଜସାଥୀ ବନ ସୁରକ୍ଷା ସମିତି ଗଠନ କରାଯାଇଥିବା ସେ ସୂଚନା ଦେଇଥିଲେ। ହାତୀଙ୍କୁ ଜଙ୍ଗଲର ପରିବେଶ ସନ୍ତୁଳନ ରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଜୀବ ଭାବେ ବର୍ଣ୍ଣନା କରିଥିଲେ। ବଡ଼ରମା ରେଞ୍ଜର ଗିରିଧାରୀ ପ୍ରଧାନ ଗଜସାଥୀ, ଗ୍ରାମବାସୀ ଓ ବନ ବିଭାଗର ମିଳିତ ସହଯୋଗରେ ହାତୀଙ୍କ ସୁରକ୍ଷା ଓ ମଣିଷ-ହାତୀ ସଂଘର୍ଷ ହ୍ରାସ କରାଯାଇପାରିବ ବୋଲି କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଫରେଷ୍ଟର ହେମନ୍ତ କୁମାର ମିଶ୍ର, ଶିଶିର ସାମଲଙ୍କ ସମେତ ବିଭିନ୍ନ ରେଞ୍ଜର ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ୱାଚରମାନେ ସହଯୋଗ କରିଥିଲେ। ଶେଷରେ ରେଞ୍ଜର ଲେଖାରାଣୀ ମହାନନ୍ଦ ଧନ୍ୟବାଦ ଅର୍ପଣ କରିବା ସହ ସଭା ସମାପନ କରିଥିଲେ।

## କର୍ଣ୍ଣେଲ ସି.କେ. ନାଇଡୁ ଟ୍ରଫି ଓଡ଼ିଶା ଓ ବିହାର ମଧ୍ୟରେ ଉଦ୍‌ଘାଟିତ

ବଲାଙ୍ଗୀର,୧୩/୧୦ (ନି.ପ୍ର): ବଲାଙ୍ଗୀର ସ୍ଥାନୀୟ ଗାନ୍ଧିଷ୍ଟାଡିୟମ ବଲାଙ୍ଗୀର ଠାରେ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ସଂସଦ ବଲାଙ୍ଗୀର ଓ ଓଡ଼ିଶା କ୍ରିକେଟ ଆସୋସିଏସନ ମିଳିତ ଆୟୋଜନରେ ଓଡ଼ିଶା ଓ ବିହାର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଛି। ପ୍ରଥମ ଇନିଂସରେ ବିହାର ଦଳ ପ୍ରଥମେ ବ୍ୟାଟିଙ୍ଗ କରି ୭୪. ୪ ଓଭରରେ ସମସ୍ତ ୱିକେଟ ହରାଇ ୨୦୭ ରନ ସଂଗ୍ରହ କରିଥିଲେ। ବିହାର ପକ୍ଷରୁ ଆଦିତ୍ୟ ରାଜ ୭୪ ରନ୍ ବାସୁଦେବ ପ୍ରସାଦ ସିଂ ୨୯ ରନ୍ ଆୟୁସ ଆନନ୍ଦ ୨୫ ରନ କରିଥିବାବେଳେ ଓଡ଼ିଶା ପକ୍ଷରୁ ଓମକାର ମହନ୍ତି ୪ ୱିକେଟ ସହିଦ ଟ୍ରଫେଲ ଅହମଦ ୩ ୱିକେଟ ଆଶୁତୋଷ ମାରାଣ୍ଡି ୧, ସ୍ୱରୂପ ଏସ୍ ଭୁୟାଁ ୧ ୱିକେଟ ଅକ୍ତିଆର କରିଥିଲେ। ଓଡ଼ିଶା ବ୍ୟାଟିଙ୍ଗ ଆରମ୍ଭ କରି ୧ ୱିକେଟ ବିନିମୟରେ ୬୬ ରନ୍ କରିଥିବାବେଳେ ଓଡ଼ିଶା ପକ୍ଷରୁ ପଙ୍କଜ ସଶାଙ୍କ ପ୍ରଥମ ଦିନ ଶେଷ ସୁଦ୍ଧା ଅପରାଜିତ ୩୨ ରନ ସଂଗ୍ରହ କରିଛନ୍ତି। ଆଜିର ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହ୍ଲାଦ ଶତପଥି ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ସହସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତୃଘ୍ନ ସିଂ, କୋଷାଧକ୍ଷ ହେମନ୍ତ କୁମାର ବେହେରା କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ କ୍ରିଡ଼ା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, ଭଲିବଲ ସମ୍ପାଦକ ସଂଗ୍ରାମ କେଶରୀ ବହିଦାର, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର, ସୁଧାଂଶୁ ସେଠ, ଜୟରାମ ମିଶ୍ର, ସୁଧିର ଚନ୍ଦ୍ର ପଣ୍ଡା, ଗୌର ପ୍ରଧାନ, ରବିନ୍ଦ୍ର ମିଶ୍ର, ଡଃ ସିଦ୍ଧେଶ୍ୱର ମିଶ୍ର, ସଚ୍ଚିଦାନନ୍ଦ ପାଣିଗ୍ରାହୀ, କ୍ରିକେଟ କୋଚ ଅରୁଣ କୁମାର ନାଏକ, ପୂର୍ବତନ ରଣଜୀ ଖେଳାଳି ସୂର୍ଯ୍ୟ ନାରାୟଣ ମିଶ୍ର, ବିକ୍ରମ ପାତ୍ର, ଶ୍ରୀକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ।

## ଜିଲ୍ଲାପାଳ, ଏସପିଙ୍କ ଜନଶୁଣାଣି

ଭୁବନ,୧୩/୧୦ (ନି.ପ୍ର): ଭୁବନ ପଂଚାୟତ ସମିତି ସଭାଗୃହରେ ଜିଲ୍ଲାପାଳ ଏବଂ ଏସ ପି ଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମୁଦାୟ ୧୦୦ ଟି ଅଭିଯୋଗ ଦାଖଲ ହୋଇଥିଲା । ଘଟଣା ସ୍ଥଳରେ ୬ ଟି ଅଭିଯୋଗର ସମାଧାନ ହୋଇଥିଲା । ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣ ଓ ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ସମୁଦାୟ ୫୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଆଜିଙ୍କ୍ୟ ବାବୁରାଓ ମାନେ, ଆଡିସିନାଲ ପି ଡି ସୌଦାମିନୀ ଦାସ,କାମାକ୍ଷା ନଗର ଉପ ଜିଲ୍ଲାପାଳ ବିକାଶ ଚନ୍ଦ୍ର ମହାନ୍ତି ,ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ସପନ କୁମାର ମହାନ୍ତି ।

## ସାହିତ୍ୟିକ ପ୍ରଦୀପ ମିଶ୍ରଙ୍କ ସହ ଭାବ ବିନିମୟ

ବଲାଙ୍ଗୀର,୧୩/୧୦ (ନି.ପ୍ର): ସାହିତ୍ୟ ସର୍ବଦା ସମାଜର ଦର୍ପଣ।ଏହା ମଣିଷର ଅନୁଭୂତି, ସାମାଜିକ ବାସ୍ତବତା ଓ ଜୀବନର ବିଭିନ୍ନ ଦିଗକୁ ଶବ୍ଦରେ ରୂପ ଦେଇଥାଏ।ଲେଖକଙ୍କ ଜୀବନ, ସାହିତ୍ୟ ସାଧନା ଓ ସୃଜନଶୀଳ ଚିନ୍ତାଧାରାକୁ ନିକଟରୁ ଜାଣିବା ଉଦ୍ଦେଶ୍ୟରେ 'ଲେଖକଙ୍କ ସହ ଭାବ ବିନିମୟ' କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ପ୍ରଦୀପ ମିଶ୍ରଙ୍କ ସହ ଏକ ଆକର୍ଷଣୀୟ ଆଲୋଚନା ଓ ଭାବବିନିମୟ ଗାଳ୍ପିକଙ୍କ ବାସଭବନ 'ସପ୍ତପର୍ଣ୍ଣ' ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସାକ୍ଷାତକାରରେ ପାଠକ ରଞ୍ଜିତ ମିଶ୍ରଙ୍କ ସମେତ ଶିକ୍ଷକ ଚୂଡ଼ାମଣି ସେଠ, ମହେଶ ମିଶ୍ର, ଦଧିବାବନ ବାଘ,ସବ୍ୟସାଚୀ ସାହୁ,ସୁବ୍ରତ ସାହୁ,ହରି ଖେତୀ ଓ ଉପଦେଷ୍ଟା ଲକ୍ଷ୍ମୀ ଖେତୀ ଲେଖକଙ୍କ ସହ ଆଲୋଚନା କରିଥିଲେ। ଲେଖକଙ୍କ ସାହିତ୍ୟିକ ଯାତ୍ରା,ଲେଖନୀର ପ୍ରେରଣା, ଗଳ୍ପ ରଚନାର ପୃଷ୍ଠଭୂମି ଓ ସାହିତ୍ୟ ସୃଷ୍ଟି ପଛରେ ରହିଥିବା ଅନୁଭୂତି ସମ୍ପର୍କରେ ଉପସ୍ଥିତ ସଦସ୍ୟମାନେ ଜାଣିବାର ସୁଯୋଗ ପାଇଥିଲେ।ଏହି ଅବସରରେ ଲେଖକ ପ୍ରଦୀପ ମିଶ୍ର ନିଜର ପ୍ରଥମ ଗଳ୍ପ 'ଯାହା ଯେମିତି ଘଟୁଥାଏ' ସମେତ ତାଙ୍କର ଅନ୍ୟାନ୍ୟ ଗଳ୍ପ 'ଟ୍ରାପ୍','ନାଭିନାଡ଼','ଅପାରମ୍ପରିକ' ଓ 'ମୋ ବାପାଙ୍କ ଛାମୁଦାନ୍ତ' ଆଦି ସମ୍ପର୍କରେ ଆଲୋଚନା କରିଥିଲେ।ଗଳ୍ପଗୁଡ଼ିକର ରଚନା ପଛରେ ଥିବା ଭାବନା, ଜୀବନର ଅନୁଭବ ଓ ସୃଜନଶୀଳ ଦୃଷ୍ଟିକୋଣ ସମ୍ପର୍କରେ ଲେଖକଙ୍କଠାରୁ ଶୁଣି ସଦସ୍ୟମାନେ ସାହିତ୍ୟର ଅନ୍ତରଙ୍ଗ ଦିଗକୁ ବୁଝିବାର ସୁଯୋଗ ପାଇଥିଲେ। ସାହିତ୍ୟ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ;ଏହା ସମାଜର ବାସ୍ତବ ଚିତ୍ରକୁ ପ୍ରତିଫଳିତ କରିବା ସହ ମାନବୀୟ ମୂଲ୍ୟବୋଧ, ନୈତିକତା ଓ ସାମାଜିକ ଚେତନାର ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ଲେଖକଙ୍କ ଅନୁଭୂତି ଓ ସୃଜନ ପ୍ରକ୍ରିୟାକୁ ନିକଟରୁ ଜାଣିବା ଦ୍ୱାରା ପାଠକମାନେ ଗୋଟିଏ ସାହିତ୍ୟକୃତିର ଗଭୀରତା ଓ ତାହା ପଛରେ ଥିବା ଚିନ୍ତାଧାରାକୁ ଅଧିକ ଭଲଭାବେ ଅନୁଭବ କରିପାରନ୍ତି। ଏଭଳି ସାକ୍ଷାତକାର କାର୍ଯ୍ୟକ୍ରମ ଲେଖକ ଓ ପାଠକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହ ସାହିତ୍ୟ ଚର୍ଚ୍ଚାକୁ ଅଧିକ ଜୀବନ୍ତ କରିଥାଏ ବୋଲି ଲେଖକ ପ୍ରଦୀପ ମିଶ୍ର ଙ୍କ ଧର୍ମପତ୍ନୀ ତଥା ଲୋଇସିଂହା ଡ଼ିଗ୍ରୀ କଲେଜ ର ଶିକ୍ଷା ବିଭାଗର ଅଧ୍ୟାପିକା ଶାନ୍ତିପ୍ରିୟା ହୋତା ମତବ୍ୟକ୍ତ କରିଥିଲେ। ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ପୁସ୍ତକ ପଠନ, ଗଳ୍ପ ଲେଖନ ଓ ସୃଜନଶୀଳ ଚିନ୍ତାଧାରା ପ୍ରତି ଆଗ୍ରହ ବୃଦ୍ଧି କରିବାରେ ଏପରି ପ୍ରୟାସ ନିଶ୍ଚିତ ଭାବେ ପ୍ରେରଣାଦାୟକ ହେବ ବୋଲି ଗାଳ୍ପିକ ପ୍ରଦୀପ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ।

## କିନ୍ନରମାନଙ୍କ ଅଧିକାର ସମ୍ପର୍କିତ ଦିନିକିଆ ଜିଲ୍ଲାସ୍ତରୀୟ କର୍ମଶାଳା

କନ୍ଧମାଳ,୧୩/୧୦ (ନି.ପ୍ର): ସରକାରଙ୍କ ସ୍ତରରେ କିନ୍ନରମାନଙ୍କୁ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବା ନିମନ୍ତେ ୨୦୧୯ ମସିହାରେ ଟ୍ରାନ୍ସଜେଣ୍ଡର ବ୍ୟକ୍ତି ଅଧିକାର ସୁରକ୍ଷା ଆଇନ୍ ଆଣିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହାର ସଚେତନତା ତଳ ସ୍ତରରେ ପହଂଚି ପାରିନଥିବାରୁ କିନ୍ନରମାନେ ଏହାର ଲାଭ ପାଉନାହାନ୍ତି। ଏହାକୁ ଆଖି ଆଗରେ ରଖି ସ୍ୱେଚ୍ଛାସେବି ଅନୁଷ୍ଠାନ ସ୍ୱାତୀ ଆଇ.ଇ.ସି. କ୍ୟାମ୍ପେନ ୩.୦ ସମାପନ ଦିବଶରେ କିନ୍ନରମାନଙ୍କ ଅଧିକାର ସମ୍ପର୍କିତ ଏକ ଦିନିକିଆ କର୍ମଶାଳା ଫୁଲବାଣୀ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରର ବୈଠକ ଗୃହରେ ଆୟୋଜିତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ଅନୁଷ୍ଠାନ ତରଫରୁ ଜିଲ୍ଲାରେ ଚାଲିଥିବା ଏଡ଼ସ୍ ସମ୍ପର୍କିତ କାର୍ଯ୍ୟକ୍ରମକୁ ସମ୍ୟକ ରୂପେ ଉପସ୍ଥାପନା କରିବା ସହିତ ନିକଟରେ ଅଗଷ୍ଟ ୧୨ ତାରିଖ ଠାରୁ ଅକ୍ଟୋବର ୧୨ ତାରିଖ ପର୍ଯ୍ୟନ୍ତ ଚାଲିଆସିଥିବା ଆଇ.ଇ.ସି. କ୍ୟାମ୍ପେନର ତଥ୍ୟ ଉପସ୍ଥାପନା କରିଥିଲେ। ତତ୍ପରେ ଆନୁଷ୍ଠାନର କର୍ମୀ ବିଶ୍ୱରଞ୍ଜନ କର ଟ୍ରାନ୍ସଜେଣ୍ଡରମାନଙ୍କ ଅଧିକାର ଓ ବ୍ୟବସ୍ଥା ବିଷୟରେ ଏକ ଉପସ୍ଥାପନା ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରବିନ୍ଦ ଦାସ ଉପସ୍ଥିତ ରହି ଏହି ଆଇନରେ କିନ୍ନରମାନଙ୍କର ଜୀବନ ଜୀବିକା ନିମନ୍ତେ ଥିବା ବ୍ୟବସ୍ଥାକୁ ନେଇ ଆଲୋଚନା କରିଥିବା ବେଳେ ଏହାର ଲାଭ ନେବା ପାଇଁ ଉପସ୍ଥିତ ସମସ୍ତ କିନ୍ନରମାନଙ୍କୁ ଅନୁରୋଧ କରିଥିଲେ। ଏଥିସହିତ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ନିବେଦିତା ଜାନି ଯୋଗଦେଇ କିନ୍ନରମାନଙ୍କର ପଞ୍ଜିକରଣ ଠାରୁ ଆରମ୍ଭ କରି ପେନସନ୍ ଯୋଜନା ପର୍ଯ୍ୟନ୍ତ ଯାହା ସୁବିଧା ସବୁ ଅଛି ତାହା ଜଣାଇଥିଲେ। ଆହୁରି ମଧ୍ୟ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ପ୍ରୋଗ୍ରାମ ଅଫିସର ଇନ୍ଦିରା ମହାପାତ୍ର ଏହି ଆଇନ୍‌ରେ ଥିବା ଟ୍ରାନ୍ସଜେଣ୍ଡରଙ୍କ ମଙ୍ଗଳ ନିମନ୍ତେ ସରକାରଙ୍କ ବିଭିନ୍ନ ସ୍କିମ୍ ବିଷୟରେ ସୂଚନା ଦେଇଥିଲେ। ତତ୍‌ସହିତ ଜିଲ୍ଲା ପୋଲିସ ବିଭାଗରୁ ଡି.ଏସ୍.ପି. ବିପିନ ବିହାରି ମେହେର ଉପସ୍ଥିତ ରହି କିନ୍ନରମାନଙ୍କ ସୁରକ୍ଷା ନିମନ୍ତେ ଆଇନ୍‌ରେ ଥିବା ପ୍ରାଧାନ୍ୟତା ଅନୁସାରେ ବିଭାଗ ସହଯୋଗ କରିବ ବୋଲି କହିଥିଲେ। ଡି.ଆଇ.ଏସ୍. ସୁପରଭାଇଜର ଦେବାଶିସ ମିଶ୍ର ଓ ପରାମର୍ଶଦାତା ଗୋବିନ୍ଦ ଚନ୍ଦ୍ର ଜେନା ଟ୍ରାନ୍ସଜେଣ୍ଡରମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିବା ସହିତ କିପରି ସମସ୍ତ କିନ୍ନର ସେମାନଙ୍କର ନିଜର ରକ୍ତ ପରୀକ୍ଷା କରି ନିଜକୁ ଏଚ୍.ଆଇ.ଭି. ସଂକ୍ରମଣରୁ ରକ୍ଷା କରିବେ ସେ ବିଷୟରେ ବୁଝାଇଥିଲେ। ସାମୁହିକ ଆଲୋଚନା ସମୟରେ କିନ୍ନରମାନଙ୍କର ଥିବା ବିଭିନ୍ନ ସମସ୍ୟାଗୁଡ଼ିକୁ(ଯେପରି ଜିଲ୍ଲା ସ୍ତରରେ ଏକ ଗାରିମା ଗୃହ ସ୍ଥାପନା) ଉପସ୍ଥାପନା କରି ତାହାର ସମାଧାନ ପାଇଁ ଅପିଲ କରିଥିଲେ। ବାରମ୍ବାର ସରକାରଙ୍କ ଠାରେ ଦାବି ଉପସ୍ଥାପନା କରିବା ସତ୍ତ୍ୱେ କାର୍ଯ୍ୟକାରୀ ହୋଇପାରି ନଥିବାରୁ ଉପସ୍ଥିତ ସମସ୍ତ କିନ୍ନର ଉଦ୍‌ବେଗ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସ୍ନେହଲତା ନାୟକ ଧନ୍ୟବାଦ ଅର୍ପଣ କରିଥିବାବେଳେ ଜଳିତା ମଲ୍ଲିକ, ସୁବାସିନି ବେହେରା, ଶୁଭଲକ୍ଷ୍ମୀ ପ୍ରଧାନ, ଅଞ୍ଜନା ବେହେରା ଓ ଅଶ୍ୱୀନି ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ଗାପୂଜା ପାଇଁ ଝାରସୁଗୁଡ଼ା ପୁଲିସର ବ୍ୟାପକ ସୁରକ୍ଷା ବ୍ୟବସ୍ଥା: ମୁତୟନ ହେବେ ପର୍ଯ୍ୟାପ୍ତ ପୁଲିସ କର୍ମଚାରୀ

ଝାରସୁଗୁଡ଼ା,୧୩/୧୦ (ନି.ପ୍ର): ଆସନ୍ତା ଦୁର୍ଗାପୂଜାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଚଳିତ ବର୍ଷ ଜିଲ୍ଲାରେ ମୋଟ ୮୨ଟି ଦୁର୍ଗାପୂଜା ମଣ୍ଡପ ସ୍ଥାପନ କରାଯିବ। ଏହି ଅବସରରେ ପ୍ରମୁଖ ପୂଜାମଣ୍ଡପ, ଜନଗହଳିପୂର୍ଣ୍ଣ ସ୍ଥାନ, ସମ୍ବେଦନଶୀଳ ଅଂଚଳ ଓ ଗୁରୁତ୍ୱପୂର୍ଣ୍ଣ ଛକଗୁଡ଼ିକରେ ପର୍ଯ୍ୟାପ୍ତ ପୁଲିସ କର୍ମଚାରୀ ମୁତୟନ କରାଯିବ।

ପୂଜା ସମୟରେ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ଭିଡ଼ ପରିଚାଳନା ଓ ମହିଳାଙ୍କ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏଥିସହ ପ୍ରତିମା ବିସର୍ଜନ ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ପୂଜା ସମୟରେ ପୁଲିସ ପକ୍ଷରୁ ପାଦଚଲା ପାଟ୍ରୋଲିଂ, ମୋବାଇଲ୍ ପାଟ୍ରୋଲିଂ ଓ ନିରୀକ୍ଷଣକୁ ଜୋରଦାର କରାଯିବ। ପ୍ରମୁଖ ରାବଣପୋଡ଼ି ସ୍ଥଳ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅଧିକ ଜନସମାଗମ ହେଉଥିବା ସ୍ଥାନଗୁଡ଼ିକ ଉପରେ ପୁଲିସର ସ୍ୱତନ୍ତ୍ର ନଜର ରହିବ। ମଦ୍ୟପାନ କରି ଗାଡ଼ି ଚଳାଇବା, ବେପରୁଆ ଗାଡ଼ି ଚାଳନା, ମହିଳାଙ୍କୁ ଅସଦାଚରଣ, ଅସାମାଜିକ କାର୍ଯ୍ୟକଳାପ ଓ ସାମ୍ପ୍ରଦାୟିକ ସଦ୍ଭାବ ନଷ୍ଟ କରିବାକୁ ଉଦ୍ୟମ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ପୂଜାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ପୂଜା କମିଟି, ସ୍ଥାନୀୟ ପ୍ରଶାସନ ଓ ଅନ୍ୟ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ସହ ପୁଲିସ ସମନ୍ୱୟ ରକ୍ଷା କରୁଛି। ପୂଜା କମିଟିଗୁଡ଼ିକୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ଓ ପୁଲିସକୁ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଝାରସୁଗୁଡ଼ା ଏସପି ଜିଲ୍ଲାବାସୀଙ୍କୁ ଭକ୍ତି, ଶାନ୍ତି, ସଦ୍ଭାବ ଓ ଦାୟିତ୍ୱବୋଧ ସହ ଦୁର୍ଗାପୂଜା ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। ଟ୍ରାଫିକ୍ ନିୟମ ଓ ପୁଲିସର ପରାମର୍ଶ ମାନିବା ସହ ଗୁଜବ ପ୍ରଚାରରୁ ଦୂରେଇ ରହିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ନଜରକୁ ଆସିଲେ ନିକଟସ୍ଥ ଥାନା କିମ୍ବା ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ୧୧୨ରେ ତୁରନ୍ତ ସୂଚନା ଦେବାକୁ କୁହାଯାଇଛି। ଜିଲ୍ଲାବାସୀଙ୍କ ପାଇଁ ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ଆନନ୍ଦମୟ ଦୁର୍ଗାପୂଜା ସୁନିଶ୍ଚିତ କରିବାକୁ ଝାରସୁଗୁଡ଼ା ଜିଲ୍ଲା ପୁଲିସ ପ୍ରତିବଦ୍ଧ ବୋଲି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

**e-Procurement Notice for Building Works Identification No. 08/ SERW/JLS/2026-27**

| | | |
|---|---|---|
| 1. Procurement Officer | :- | Superintending Engineer Rural Works Division, Jaleswar |
| 2. Name of the Work | :- | Buildings |
| 3. Total No. of Works | :- | 07 Nos |
| 4. Estimated Cost | :- | Approx. Estimated Cost ₹.43.73 Lakh to ₹. 67.25 Lakh |
| 5. Class of Contractor | :- | B Class |
| 6. Time of Completion | :- | Nine Calender months ( As per annexure ) |
| 7. Avaliability of tender On-line for bidding | :- | From 15.10.2026 at 10.00 A.M. to 28.10.2026 upto 05.00 P.M |
| 8. Last date & time of seeking tender clarification | :- | 27.10.2026 upto 05.00 P.M |
| 9. Date & Time of Opening of tender in the office of the Superintending Engineer, R.W.Division, Jaleswar | :- | Date & Time Opening of Techinical & Financial bid -29.10.2026 at 11.00 A.M. |

Further details can be seen from the web site- *www.tendersodisha.gov.in*

OIPR: 25001/25051/1/26-27/0008

Executive Engineer
R.W. Division, Jaleswar

# ଶିକ୍ଷୟତ୍ରୀ ବଦଳି ପ୍ରତିବାଦରେ ବଣଦାମୋଦରପୁର ୟୁପି ସ୍କୁଲରେ ତାଲା



ବୈଶିଙ୍ଗା, ୧୩/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ପଞ୍ଚାୟତର ଆଦିବାସୀ ବହୁଳ ଅଞ୍ଚଳରେ ବଣଦାମୋଦରପୁର ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣୈକା ଶିକ୍ଷୟତ୍ରୀ ଙ୍କ ବଦଳି ପ୍ରତିବାଦରେ ଆଜି ମଙ୍ଗଳବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଗ୍ରାମବାସୀ ମାନେ ଧାରଣା ରେ ବସିଥିବା ଜଣାଯାଇଛି । ସୂଚନା ମୁତାବକ ଏହି ବିଦ୍ୟାଳୟରେ ଛଅ ଟି ଶ୍ରେଣୀରେ ପଢୁଛନ୍ତି ୫୬ ଛାତ୍ରୀଛାତ୍ର। ତିନି ଜଣ ଶିକ୍ଷୟିତ୍ରୀ ଥିବା ବେଳେ ସେମାନଙ୍କ ମଧ୍ୟରୁ ବସୁମତୀ ଜେନାଙ୍କ ବଦଳି ନିର୍ଦ୍ଦେଶ ପହଞ୍ଚିଛି । ତେବେ ଗ୍ରାମବାସୀଙ୍କ କହିବା କଥା ବିଦ୍ୟାଳୟ ଛାଡ଼ିଥିବା କିଛି ପିଲା ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଆଦର ଯତ୍ନ ପାଇ ବିଦ୍ୟାଳୟକୁ ନିୟମିତ ଆସୁଥିବା ସହ ପାଠ ପଢ଼ାରେ ଆଗ୍ରହ ପ୍ରକାଶ କରିଛନ୍ତି । ଗତ ଶୁକ୍ରବାର ଦିନ ଅଭିଭାବକ ମାନେ ଯାଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ବଦଳି ବାତିଲ କରିବାକୁ ଅନୁରୋଧ କରିଥିଲେ । ତେବେ ବଦଳି ବାତିଲ ହେବା ପରିବର୍ତ୍ତେ ଶିକ୍ଷୟିତ୍ରୀଙ୍କୁ ଅନ୍ୟ ଏକ ବିଦ୍ୟାଳୟରେ ଯୋଗଦାନ ପାଇଁ ନିର୍ଦ୍ଦେଶ ଆସିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା । ମଙ୍ଗଳବାର ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ ଲୋକେ। ବାହାରେ ଖରାରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥିଲା କୋମଳମତି ପିଲାମାନଙ୍କୁ । ଗୋଷ୍ଠୀ ଶିକ୍ଷାଧିକାରୀ ଛୁଟିରେ ଥିବା ବେଳେ ଖବରପାଇ ଅତିରିକ୍ତ ଶିକ୍ଷା ଅଧିକାରୀ ଅପର୍ଣ୍ଣା ସାହୁ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକ ମାନଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ପରିଚାଳନା କମିଟିର ସଦସ୍ୟ ସୋମନାଥ ମହାନ୍ତ କହିଛନ୍ତି ବଦଳି ବାତିଲ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ । ଅଭିଯୋଗକାରୀ ଙ୍କ ମଧ୍ୟରେ କାଞ୍ଚନ ମହାନ୍ତ, ତାପସ ମହାନ୍ତ, ଭୀମ ସିଂ, ପୁଷ୍ପଲତା ମହାନ୍ତ , ସୋମନାଥ ମହାନ୍ତି,ଧ୍ରୁବ ମହାକୁଡ଼ ,ଖଗନ ଦଳେଇ , ସଞ୍ଜିବ ପଢିଆରୀ , ସ୍ନେହଲତା ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଆଗ୍ରିଆ- ନଡପୁର ରାସ୍ତା ପାର୍ଶ୍ୱ ମହିଳାଙ୍କ ଘରୁ କଳା କନା ବୁଲାଇଲେ ଚୋର

ବୈଶିଙ୍ଗା , ୧୩/୧୦ (ନି.ପ୍ର): ଚଳଚିତ୍ର ଢଙ୍ଗରେ ଏକ ଦାମୀ କାରରେ ଆସି ଚୋର ଦଳ ଆଗ୍ରିଆ-ନଡପୁର ରାସ୍ତାର ହରିପୁର ଛକଠାରେ ଏକ ନିଛାଟିଆ ସ୍ଥାନରେ ଥିବା ଘରୁ ସବୁ ଦାମୀ ଜିନିଷ ଚୋରୀ କରି କଳାକନା ବୁଲାଇ ଚାଲିଗଲେ । ସୂଚନା ରୁ ପ୍ରକାଶ ବୈଶିଙ୍ଗା ଥାନା ଅନ୍ତର୍ଗତ ହରିପୁର ଗ୍ରାମରେ ସ୍ୱାମୀ ଚାଲି ଯିବା ପରେ ଅସହାୟା ବିଧବା ମହିଳା ଗୁରୁବାରୀ ନାଏକ (୫୭) ନିଜ ନାତୁଣି କୁ ନେଇ ରହୁଥିଲେ । ଝିଅ ଜ୍ୱାଇଁ ଓ ପୁଅ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିବା ବେଳେ ଏକାକୀ ରହୁଥିବା ଗୁରୁବାରୀ ଛେଳି ଚ଼ରାଇବାକୁ ପାଖ ଜଙ୍ଗଲ କୁ ଯାଇଥିଲେ । ନାତୁଣୀ ପାଠ ପଢିବାକୁ ସ୍କୁଲ ଚାଲି ଯାଇଥିଲା । ପୂର୍ବରୁ ସୁଯୋଗ କୁ ଅପେକ୍ଷାରେ ଥିବା ଚୋରମାନେ ଏକ ଦାମୀ କାରରେ ଆସି ଘରୁ ନଗଦ ଟଙ୍କା , ନାତୁଣୀର ସୁନା ଲକେଟ ,କାନୁରେ ଲାଗିଥିବା ଏଲସିଡି ସବୁ ନେଇ ନଡପୁର ରାସ୍ତା ଦେଇ ପଳାଇ ଯାଇଥିବା ଖବର ଦେଖଣାହାରୀ ଖବର ଦେଇଥିଲେ । ଖବର ପାଇ ଗୁରୁବାରୀ ଘରେ ପହଞ୍ଚି ଦେଖେତ ସବୁ ସରିଯାଇଛି । ଅଳ୍ପ ଅଳ୍ପ ସଞ୍ଚୟ କରିଥିଲା ଧନ ସମ୍ପତ୍ତି ହରାଇ ଦୁଃଖରେ ଭାଙ୍ଗି ପଡିଛନ୍ତି ଗୁରୁବାରୀ । ଖବର ପାଇ ବୈଶିଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

# ଭଣ୍ଡାରିପୋଖରୀ ଓ ଧାମନଗରରେ ଡୋର-ଟୁ-ଡୋର୍ ସର୍ଭେ ତାଲିମ କାର୍ଯ୍ୟକ୍ରମ

ଭଦ୍ରକ, ୧୩/୧୦ (ନି.ପ୍ର): ଆଗାମୀ ୨୦୨୭ ମସିହାରେ ହେବାକୁ ଥିବା ପଞ୍ଚାୟତିରାଜ ଅନୁଷ୍ଠାନ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଡୋର୍-ଟୁ-ଡୋର୍ ସର୍ଭେ (ଉ୨ଉ ଝଙ୍କୱଝରଚ) ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ମଧୁସୂଦନ ପାଢ଼ୀ ଏବଂ ଭଦ୍ରକ ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ ଉପସ୍ଥିତ ଥିଲେ । ଭଣ୍ଡାରିପୋଖରୀ ସହ ଧାମନଗର ଅଞ୍ଚଳରେ ମଧ୍ୟ ଏହି ସର୍ଭେ ଓ ତାଲିମ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି । କାର୍ଯ୍ୟକ୍ରମରେ ସୁପରଭାଇଜର, ବୁଥ୍ ?ସ୍ତରୀୟ ଅଧିକାରୀ ଏବଂ ସହାୟକ ଟିମ୍ ସଦସ୍ୟମାନଙ୍କୁ ଘରକୁ ଘର ଯାଇ ସର୍ଭେ କରିବା, ଭୋଟରଙ୍କ ତଥ୍ୟ ଯାଞ୍ଚ କରିବା ଓ ଭୋଟର ତାଲିକାକୁ ଅଦ୍ୟତନ ରଖିବା ସମ୍ପର୍କରେ ତାଲିମ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ସର୍ଭେ ମାଧ୍ୟମରେ ଯୋଗ୍ୟ ନୂତନ ଭୋଟରଙ୍କ ନାମ ତାଲିକାରେ ସାମିଲ କରିବା, ଭୋଟରଙ୍କ ବିବରଣୀରେ ଥିବା ତ୍ରୁଟି ସଂଶୋଧନ କରିବା ଏବଂ ନିୟମାନୁସାରେ ଅଯୋଗ୍ୟ ନାମଗୁଡ଼ିକୁ ବାଦ୍ ଦେବା ଉପରେ ଗୁରୁତ୍ୱ ଦିଆଯିବ । ଏକ ନିର୍ଭୁଲ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ଦ୍ୱାରା ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସୁସଂଗଠିତ ଓ ସୁଦୃଢ଼ କରିବା ଲକ୍ଷ୍ୟ ରଖାଯାଇଛି । ଆଗାମୀ ପଞ୍ଚାୟତିରାଜ ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ଶୁଦ୍ଧୀକରଣ ଓ ଅଦ୍ୟତନ କାର୍ଯ୍ୟକୁ ଗୁରୁତ୍ୱ ଦେଇ ଏହି ପଦକ୍ଷେପ ନିଆଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ହର୍ମୁଜ୍‌ରେ ବେଆଇନ...

ଏହି ପ୍ରସ୍ତାବ ଆନ୍ତର୍ଜାତୀୟ ସାମୁଦ୍ରିକ ବାଣିଜ୍ୟ ଏବଂ ଜାହାଜ ଚଳାଚଳ ବିଷୟରେ ଚିନ୍ତା ସୃଷ୍ଟି କରିଛି । ସମୁଦ୍ର ପଥରେ ପ୍ରତିବନ୍ଧକ କିମ୍ବା ଅତିରିକ୍ତ ଶୁଳ୍କ ମାଲ ପରିବହନ ଖର୍ଚ୍ଚ ବୃଦ୍ଧି କରିବାର ଆଶଙ୍କା ରହିଛି । ଏହା ଯୋଗୁଁ ତେଲ ଏବଂ ଗ୍ୟାସ୍ ଯୋଗାଣ, ବାଣିଜ୍ୟ ଏବଂ ସାମଗ୍ରୀ ମୂଲ୍ୟ ପ୍ରଭାବିତ ହୋଇପାରେ । ଏହି କାରଣରୁ ୬୦ ଦେଶ ସମୁଦ୍ର ପଥକୁ ଖୋଲା ରଖିବା ଏବଂ ଅନ୍ତର୍ଜାତୀୟ ନିୟମ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

## ରାଜ୍ୟ କ୍ୟାବିନେଟ୍‌ର ବଡ଼ ...

ପ୍ରସ୍ତାବ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି । ସରକାର ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ୧୬ଟି ଯାକ ପ୍ରସ୍ତାବକୁ ତୁରନ୍ତ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଉ, ଯେପରି ସାଧାରଣ ହିତାଧିକାରୀମାନେ ଏହାର ସିଧାସଳଖ ସୁଫଳ ପାଇପାରିବେ । ଲୋକାଭିମୁଖୀ ଶାସନ ଏବଂ ପ୍ରଶାସନିକ ସ୍ୱଚ୍ଛତାକୁ ଆଧାର କରି ନିଆଯାଇଥିବା ଏହି ସମସ୍ତ ନିଷ୍ପତ୍ତି ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବାରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି ।

## ସରିଲା ଛାତ୍ର ସଂସଦ ନିର୍ବାଚନ...

ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରୁ ଦେଖିବାକୁ ମିଳିଛି ଛାତ୍ର ଉତେଜନା । ଏବିଭିପିର ସଭାପତି ପ୍ରାର୍ଥୀଙ୍କୁ ଆକ୍ରମଣ କରିବା ସହ ତାଙ୍କ ସମର୍ଥକଙ୍କୁ ବିରୋଧୀ ଛାତ୍ର ସଂଗଠନର କର୍ମକର୍ତ୍ତା ଧମକ ଦେଉଥିବା ଅଭିଯୋଗ କରିଛନ୍ତି । ବାଲେଶ୍ୱର ମିତ୍ରପୁର ଓ ବସ୍ତା କଲେଜରେ ଛାତ୍ର ହିଂସାକୁ ନେଇ ନିର୍ବାଚନ ବାତିଲ । ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ମୋଟ ୬ହଜାର ୮ଶହ ୯୧ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ବିଭିନ୍ନ ବିଶ୍ୱବିଦ୍ୟାଳୟରେ ୩୫୮ ପ୍ରାର୍ଥୀ ନିର୍ବାଚନ ଲଢୁଥିବା ବେଳେ ୪୨ଜଣ ବିନା ପ୍ରତିଦ୍ୱନ୍ଦ୍ୱିରେ ବିଜୟୀ ହୋଇ ସାରିଛନ୍ତି । ଏଥିସହ ୭ରୁ ଅଧିକ କଲେଜରେ ସାଇନ୍-ଏ-ଡାଏ ଓ ୧୨ରୁ ଅଧିକ କଲେଜରେ ନିର୍ବାଚନ ବାତିଲ ହୋଇଛି ।

## ମମତା ବାନାର୍ଜୀଙ୍କୁ ...

କରିଥିବା ଟିଏମସି ଅଭିଯୋଗ କରିଛି । ଏହି ଘଟଣା ପରେ ମମତାଙ୍କ ସୁରକ୍ଷାକୁ ନେଇ ନାନା ପ୍ରଶ୍ନ ଉଠିଛି । ଟିଏମସିର ଅଭିଯୋଗ ଅନୁଯାୟୀ, ମମତା ବାନାର୍ଜୀ ଦୁର୍ଗାପୂଜା ପେଣ୍ଡାଲ ଉଦ୍ ?ଘାଟନ କରିବାକୁ ଯାଉଥିବା ବେଳେ ଜଣେ ଯୁବତୀ ହଠାତ୍ ତାଙ୍କ ନିକଟକୁ ଆସିଥିଲେ । ଏହାପରେ ଯୁବତୀ ଜଣକ ମମତାଙ୍କ ଶାଢ଼ି ଟାଣି ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ଘଟଣା ପରେ ଯୁବତୀଙ୍କ ନିକଟରୁ ଏକ ଛୁରୀ ମଧ୍ୟ ମିଳିଥିବା ଦଳ ପକ୍ଷରୁ ଦାବି କରାଯାଇଛି । ଏହି ଅଭିଯୋଗ ସାମ୍ନାକୁ ଆସିବା ପରେ ଘଟଣାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି । ଜଣେ ପ୍ରମୁଖ ରାଜନୈତିକ ନେତ୍ରୀଙ୍କ ନିକଟରେ ଏଭଳି ଘଟଣା ଘଟିଥିବା ଅଭିଯୋଗ ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଲୋଚନା ବଢ଼ାଇଛି । ତେବେ ଏହି ଘଟଣା ପଛରେ ଯୁବତୀଙ୍କ ଉଦ୍ଦେଶ୍ୟ କ'ଣ ଥିଲା, ସେ କାହିଁକି ମମତାଙ୍କ ନିକଟକୁ ଆସିଥିଲେ ଏବଂ ଛୁରୀ ରଖିବା ପଛର କାରଣ କ'ଣ, ତାହା ସ୍ପଷ୍ଟ ହୋଇନାହିଁ । ଘଟଣାର ସମସ୍ତ ଦିଗ ଯାଞ୍ଚ ପରେ ହିଁ ପ୍ରକୃତ ସତ୍ୟ ସାମ୍ନାକୁ ଆସିପାରିବ । ଏହି ଘଟଣାକୁ ନେଇ ଏବେ ସବୁଠି ଚର୍ଚ୍ଚା । ମମତାଙ୍କ ସୁରକ୍ଷା ବ୍ୟବସ୍ଥାରେ କେଉଁଠି ତ୍ରୁଟି ରହିଲା, ତାହା ଆଗାମୀ ଦିନରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହୋଇପାରେ ।

## ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ...

ଗୁରୁବାର ଶୁଣାଣିର ଦିଲ୍ଲୀ ପୁଲିସର ବରିଷ୍ଠ ଅଧିକାରୀଙ୍କୁ ବ୍ୟକ୍ତିଗତ ହାଜର ପାଇଁ ସମନ କରିଛନ୍ତି କୋର୍ଟ । ଗୋଟିଏ ପଟେ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ ବିଭିନ୍ନ ରାଜନୈତିକ ଦଳ ଓ ଛାତ୍ର ସଂଗଠନ ପକ୍ଷରୁ ସିଇସିଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଜାରି ରହିଛି । ଅନ୍ୟପଟେ କଂଗ୍ରେସ ସମେତ ଇଣ୍ଡି ମେଣ୍ଟକୁ କଡ଼ା ଭାଷାରେ ସମାଲୋଚନା କରିଛି ବିଜେପି । ୨୦୧୯ରେ ମୋଦୀଙ୍କ ବିରୋଧରେ ଏକ ଟିପ୍ପଣୀକୁ ନେଇ ରାହୁଲଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି । ମହାରାଷ୍ଟ୍ର କୋର୍ଟରେ ଚାଲିଥିବା ମାନହାନି ମାମଲା ଶୁଣାଣି ଉପରେ ସ୍ଥଗିତାଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ । ତେବେ ଏପଟେ କାଲିର ପଦଯାତ୍ରା ବେଳେ ଜଣେ ଗର୍ଭବତୀ ସାମ୍ବାଦିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗକୁ ନେଇ ନୂଆ ବିବାଦରେ ଛନ୍ଦି ହୋଇଛନ୍ତି ରାହୁଲ । ଆରମ୍ଭ ହୋଇଛି ତମ୍ବିତୋଫାନ ।

# ରାମନଗର ପାଟଣା ସେବାସମବାୟ ସମିତି ପ୍ରାଙ୍ଗଣରେ ସେବା ସଂକଳ୍ପ ଅଭିଯାନ ଓ ରଙ୍ଗୋଲି ରାଷ୍ଟ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ



ଜଳେଶ୍ୱର, ୧୩/୧୦ (ନି.ପ୍ର): ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଆହ୍ୱାନକୁ ଆଗେଇ ନେବା ସହ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିରବଚ୍ଛିନ୍ନ ୨୫ ବର୍ଷର ଜନସେବା ପୂର୍ତ୍ତି ଉପଲକ୍ଷେ ଜଳେଶ୍ୱର ବ୍ଲକର ୧୯ ଟି ସେବା ସମବାୟ ସମିତି ପକ୍ଷରୁ ଜଳେଶ୍ୱର ବ୍ଲକ ରାଜପୁର ପଞ୍ଚାୟତ ରାମନଗର ପାଟଣା ସେବାସମବାୟ ସମିତି ପ୍ରାଙ୍ଗଣରେ ସମବାୟ ବିଭାଗ ଏବଂ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ମିଳିତ ଆନୁକୂଲ୍ୟରେ ।ସେବା ସମବାୟ ସମିତିର ସଭାପତି ଦୁର୍ଗା ଶଙ୍କର ଭୂୟାଁଙ୍କ ଅଧକ୍ଷତାରେ ସେବା ସଂକଳ୍ପ ଅଭିଯାନ ଓ ରଙ୍ଗୋଲି ରାଷ୍ଟ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କେନ୍ଦ୍ର ସରକାରଙ୍କ ୧୨ ବର୍ଷର ଜନକଲ୍ୟାଣକାରୀ ପଦକ୍ଷେପ ଏବଂ ରାଜ୍ୟ ସରକାରଙ୍କ ୨ ବର୍ଷର ରୂପାନ୍ତରଣକାରୀ ଶାସନର ସଫଳତାକୁ ସାଧାରଣ ଜନତା,କୃଷକ,ବୁଣାକାର ଓ କାରିଗରମାନଙ୍କ ପାଖରେ ପହଞ୍ଚାଇବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ବ୍ଲକ ଅଧକ୍ଷ ମାନସ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ସରପଞ୍ଚ ମମତା ରାଣୀ ପରିଡ଼ା,ଡ଼ାଇରେକ୍ଟର ବିଜୟ କାମିଲା,ଶୁଶାନ୍ତ କୁମାର ସେଠୀ, ଗିରିଜା ସଙ୍କର ଭଞ୍ଜ, ବିଧାନ ଘୋଷ,ପ୍ରଦିପ କୁମାର ଓଝା,ଲିଙ୍ଗରାଜ ସାହୁ,ଉପ ସଭାପତି କୁନି ଗିରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଆୟୋଜିତ ଏହି ରଙ୍ଗୋଲି ରାଷ୍ଟ୍ର କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବୁଣାକାର, ହସ୍ତଶିଳ୍ପୀ, ସମବାୟ ସମିତିର ସଦସ୍ୟ, କୃଷକ ଓ ସ୍ଥାନୀୟ ଜନସାଧାରଣ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ସଭାରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହ 'ବିକଶିତ ଓଡ଼ିଶା' ଗଠନ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ସଂକଳ୍ପ ନିଆଯାଇଥିଲା । ସମସ୍ତ ଡ଼ାଇରେକ୍ଟର ମାନେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ,ଡାଇରେକ୍ଟର ତପନ କୁମାର ବିଶ୍ୱାଳ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥା ଦ୍ୱାରା ବାଲେଶ୍ୱରର ପୁରାତନ ଭିତ୍ତିଚିତ୍ର ପରିଦର୍ଶନ

## ନିଧୀପଣ୍ଡା ପାଖ ମହାଦେବ ମନ୍ଦିର ସଂରକ୍ଷଣ ପାଇଁ ପ୍ରାଥମିକ ସର୍ଭେ



ବାଲେଶ୍ୱର, ୧୩/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ବହୁ ପୁରାତନ ମନ୍ଦିର ରହିଛି । ବହୁ ମନ୍ଦିର ଅଧିକାଂଶ ମନ୍ଦିର ବଙ୍ଗୀୟ ଶୈଳୀରେ ନିର୍ମାଣ କରାଯାଇଥିବା ବେଳେ ଅନେକ ଉତ୍କଳୀୟ ଶୈଳୀରେ ନିର୍ମାଣ କରାଯାଇଛି । ପୁଣି କେତୋଟି ମନ୍ଦିର ଉତ୍କଳୀୟ ଓ ବଙ୍ଗୀୟ ଶୈଳୀର ମିଶ୍ରଣ ଦେଖିବାକୁ ମିଳେ । ଅନେକ ମନ୍ଦିର କାରୁକାର୍ଯ୍ୟ ପୂର୍ଣ୍ଣ ହୋଇଥିବା ବେଳେ ଅଳ୍ପ କେତୋଟି ମନ୍ଦିରରେ ଭିତ୍ତି ଚିତ୍ର ଅଙ୍କନ କରାଯାଇଥିବାର ଦେଖିବାକୁ ମିଳେ । ତେବେ ଗତ ୨୯ ତାରିଖରେ ଶିଳ୍ପୀ କେଶୁ ଦାସଙ୍କ ଦ୍ୱାରା ଠାବ କରିଥିଲେ ସଦର ବାଲେଶ୍ୱରର ଓଡ଼ଙ୍ଗୀ ପଞ୍ଚାୟତର କଉଡ଼ି ପୁର ଗ୍ରାମର ବିଶ୍ୱେଶ୍ୱର ମନ୍ଦିରର ପୁରାତନ ଭିତ୍ତିଚିତ୍ରକୁ । ଏହି ଖବରକୁ ଗଣମାଧ୍ୟମ ଓ ବିଭାଗୀୟ ମନ୍ତ୍ରୀ, ଅଧିକାରୀ ଓ ଜିଲ୍ଲା ପ୍ରଶାସକଙ୍କୁ ଅବଗତ କାଳରେ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ଅଧିକାରୀ ମାନେ ଆଜି ପୂର୍ବାହ୍ନରେ ପରିଦର୍ଶନ କରିବାକୁ ଆସିଥିଲେ । ରସାୟନବିତ୍ ପଞ୍ଚାନନ ମିଶ୍ର, ପ୍ରତ୍ନତତ୍ତ୍ୱବିତ୍ ଡ ରୁଦ୍ର ପ୍ରସାଦ ବେହେରା, ରସାୟନବିତ୍ ରଜତ ଯାଦବ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ପ୍ରତ୍ୟେକ ଚିତ୍ରକୁ ନିରୀକ୍ଷଣ କରି ଫୋଟ ଉତ୍ତୋଳନ କରିଥିଲେ । ଫିତରେ ବିଭିନ୍ନ ଜିନିଷ ମାପଚୁପ କରି ବିବରଣୀ ସବୁ ଲିପିବଦ୍ଧ କରିଥିଲେ । ଶିଳ୍ପୀ କେଶୁ ଦାସ, ଅରୁଣ ବାରିକ ଓ ଅଙ୍କିତ ଦାସ ସହ ସବିଶେଷ ଆଲୋଚନା କରିବା ସହ ସ୍ଥାନୀୟ ଗ୍ରାମବାସୀ ଓ ବୁଦ୍ଧିଜୀବୀ ସନାତନ ସେଠୀ, ରାଜକିଶୋର ଦାଶ, ରଞ୍ଜନ ସାମଲ , ଆକାଶ ଦାସ ପ୍ରମୁଖ ପାଖରୁ ବିଭିନ୍ନ ବିଷୟରେ ପଚାରି ବୁଝି ଥିଲେ । ରସାୟନବିତ୍ ପଞ୍ଚାନନ ମିଶ୍ର କହିଲେ କି ପ୍ରାଥମିକ ସର୍ଭେଖ୍ୟାରୁ ଜଣାପଡୁଛି ଯେ ଏହା ଏକ ଓଡ଼ିଶାର ଐତିହ୍ୟ ପୂର୍ଣ୍ଣ ପୁରାତନ ଭିତ୍ତି ଚିତ୍ର । ଏହା ସଂରକ୍ଷଣ କରାଯିବ ନିହାତି ଦରକାର । ପ୍ରତ୍ନତତ୍ତ୍ୱବିତ୍ ଡ ରୁଦ୍ର ପ୍ରସାଦ ବେହେରା କହିଲେ କି ଆମେ ଆମ ଅଫିସରେ ଯଥା ଶୀଘ୍ର ରିପୋର୍ଟ ଦାଖଲ କରିବୁ । ଉପରିସ୍ଥ ଅଧିକାରୀ ତଥା ସରକାରଙ୍କ ନିଷ୍ପତ୍ତି ଅନୁସାରେ ଏହାକୁ ଯଥାଶୀଘ୍ର ସଂରକ୍ଷଣ କରି ପାରିବା । ନିଶ୍ଚିତ ଏହା ପୁରାତନ, ପ୍ରକୃତ ସମୟ ଜାଣିବା ପାଇ ଅନ୍ୟ କେତେକ ବିଷୟରେ ପରୀକ୍ଷା କରିବାର ଆବଶ୍ୟକତା ଅଛି ବୋଲି ରସାୟନବିତ୍ ରଜତ ଯାଦବ କହିଥିଲେ । କଉଡ଼ି ପୁର ବିଶ୍ୱେଶ୍ୱର ମହାଦେବ ମନ୍ଦିର ପରିଦର୍ଶନ କରି ବାଲେଶ୍ୱର ସହରର ପ୍ରାଚୀନ ମନ୍ଦିର ଶ୍ୟାମସୁନ୍ଦର ଜୀଉ ମନ୍ଦିର ମଧ୍ୟ ପରିଦର୍ଶନ କରି ଭୁବନେଶ୍ୱର ଫେରିଯାଇଥିଲେ ।

# ଦ ଗ୍ଲୋବାଲ କ୍ରାଉନ୍ ୨୦୨୬ର ଦ୍ୱିତୀୟ ରନର୍ସ ଅପ୍ ବିଜୟିନୀ ମୁକୁଟ ପିନ୍ଧିଲେ କ୍ଷୀରାବ୍ଧୀ ପଟ୍ଟନାୟକ




ଭୁବନେଶ୍ୱର, ୧୩/୧୦ (ନି.ପ୍ର): ଆନୋନିମସ ଫିଲ୍ମସ ଏବଂ କେ.ଏଫ. ଟି. ଆଇ ଦ୍ୱାରା ଆୟୋଜିତ ଦ ଗ୍ଲୋବାଲ କ୍ରାଉନ୍ ୨୦୨୬ ର ଦ୍ୱିତୀୟ ରନର୍ସ ଅପ୍ ବିଜୟୀନୀ ମୁକୁଟ ପିନ୍ଧିଲେ କ୍ଷୀରାବ୍ଧୀ ପଟ୍ଟନାୟକ । ସେହି ଅବସରରେ ତାଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଓଡିଶା ସଂଗଠନ ଅଂଶୀଦାର ଭାବେ କାର୍ଯ୍ୟ କରୁଥିବା ଅନୀଶ ଏଣ୍ଟରଟେନମେଣ୍ଟର ମୁଖ୍ୟ ତପନ ଦାଶ, ମିଡ଼ିଆ ପ୍ଲାନରର ମ୍ୟାନେଜିଂ ଡାଇରେକ୍ଟର ପ୍ରଣୟ ଜେଠୀ, ଏହି ପ୍ରତିଯୋଗୀତାକୁ ସହଯୋଗ କରୁଥିବା ମୁନ୍ ଟିଭି ମୁଭିଜ୍ ର ପ୍ରଯୋଜକ ସଚ୍ଚିକାନ୍ତ ଜେନା ଏବଂ କ୍ଷୀରାବ୍ଧୀ ପଟ୍ଟନାୟକଙ୍କ ମାଆ ରିତୁ ମହାନ୍ତି ଥିଲେ । କ୍ଷୀରାବ୍ଧୀ ଙ୍କର ଏହି ସଫଳତା ପାଇଁ ଅନେକ ପ୍ରଶଂସା ଏବଂ ଶୁଭେଚ୍ଛାର ସୁଅ ଛୁଟୁଛି । କଲିକତା ସ୍ଥିତ ଆନୋନିମସ ଫିଲ୍ମସର ପ୍ରତିଷ୍ଠାତ୍ରୀ ପାୟଲ ମୁଖାର୍ଜୀ ଏବଂ କେ.ଏଫ. ଟି. ଆଇ ର ନିର୍ଦ୍ଦେଶିକା ରୁବିୟା ବାନାର୍ଜୀ ଏହି ଗ୍ଲୋବାଲ କ୍ରାଉନ ୨୦୨୬ ର ପ୍ରତିଯୋଗିତାର ମୁଖ୍ୟ ଆୟୋଜକ ଥିଲେ । ଗ୍ଲୋବାଲ କ୍ରାଉନ ମୁକୁଟ ପିନ୍ଧାଇବା ପାଇଁ ବିଶ୍ୱ ସ୍ତରୀୟ ଅଡିସନ ମାଧ୍ୟମରେ ୫୦ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୨୫ ଜଣ ମିସ୍ ଏବଂ ୨୫ ଜଣ ମିସ୍ସେସ୍ ବର୍ଗର ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା । ଚୟନ ହୋଇଥିବା ସେହି ୫୦ ଜଣ ପ୍ରତିଯୋଗୀଙ୍କୁ ନେଇ ଅକ୍ଟୋବର ୧ ରୁ ୬ ତାରିଖ କଲିକତାରେ ୬ ଦିନର ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ସେମାନଙ୍କ ମଧ୍ୟରୁ ୩୦ ଜଣ ପ୍ରତିଯୋଗୀ ସେମିଫାଇନାଲକୁ ଚୟନ ହୋଇଥିଲେ ଏବଂ ଗତ ଅକ୍ଟୋବର ୮ ତାରିଖରେ କଲିକତାର ଟାଲିଗଞ୍ଜ କ୍ଲବଠାରେ ଗ୍ରାଣ୍ଡ ଫିନାଲେ ହୋଇଥିଲା । ମୁଖ୍ୟ ସେଲିବ୍ରିଟି ଜୁରୀ ବିଚାରକ ଭାବେ ନୟନିକା ଚାଟାର୍ଜୀ, ମୁଖ୍ୟ ବିଚାରକ ଭାବେ ପ୍ରସିଦ୍ଧ ବଲିଉଡ ସେଲିବ୍ରିଟି, ପ୍ରତିଷ୍ଠିତ ବ୍ୟକ୍ତିତ୍ୱ, ଫେଶନ ଡିଜାଇନର, ଚଳଚ୍ଚିତ୍ର ନିର୍ମାତା, ପ୍ରଯୋଜକ କ୍ଷୀରାବ୍ଧୀ ପଟ୍ଟନାୟକଙ୍କୁ ଦ୍ୱିତୀୟ ରନର୍ସ ବିଜୟିନୀ ଘୋଷଣା କରିବା ସହିତ ବିଜୟିନୀ ମୁକୁଟ ପିନ୍ଧାଇଥିଲେ । ଓଡିଶା ସଂଗଠନର ଆୟୋଜକ ତପନ ଦାଶ, ପ୍ରଣୟ ଜେଠୀ, ସଚ୍ଚିକାନ୍ତ ଜେନା ଙ୍କ ଦ୍ୱାରା ଆୟୋଜିତ ଏହି ଇଭେଣ୍ଟ ମାଧ୍ୟମରେ ଓଡିଶାର ଅନେକ ପ୍ରତିଭା ସୁଯୋଗ ପାଇଥିଲେ ଏବଂ ସେମାନେ ଅନେକ ଶିକ୍ଷା ପାଇଥିଲେ । ଯାହା ଆଗାମୀ ଦିନମାନଙ୍କରେ ସେମାନଙ୍କୁ ଆଗକୁ ବଢ଼ିବାରେ ସହାୟ ହେବ ।

# ବିଦ୍ୟାଳୟରେ ଗୀତା ଦାନ ଯଜ୍ଞ ଅନୁଷ୍ଠିତ




ବାରିପଦା , ୧୩/୧୦ (ନି.ପ୍ର): ବାରିପଦା ବ୍ଲକ ଅନ୍ତର୍ଗତ ବଡବ୍ରାହ୍ମଣମରା ସ୍ଥିତ ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଶ୍ଚିମବଙ୍ଗ ସ୍ଥିତ ମାୟାପୁର ଇସ୍କନ ତରଫରୁ ପବିତ୍ର ଭଗବତ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି ଓ ଅନୁଷ୍ଠାନର ନିର୍ଦ୍ଦେଶକ ଅମୀୟ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୌର ଧାମ ଦାସ, ମନୋରମ ଗୌର ଦାସ, ପ୍ରସନ୍ୟ ସଚିପୁତ୍ର ଦାସ ଓ ରାଧାରମଣ ଶୁଭିଲାଷ ଦାସ ଓ ସମାଜସେବୀ ସୋମନାଥ ସିଂହ ପ୍ରମୁଖ ଯୋଗଦେଇ ପବିତ୍ର ଗ୍ରନ୍ଥ ଉପରେ ଆଲୋକପାତ କରିଥିଲେ ଓ ନିୟମିତ ଗୀତା ପାଠ ଦ୍ୱାରା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ, ମାନସିକ, ଆଧାତ୍ମିକ ଓ ଶାରୀରିକ ବିକାଶ ସହ ଜଣେ ସୁନାଗରିକ ରୂପେ ଗଢିତୋଳିବାରେ ସହାୟକ ହୋଇଥାଏ ବୋଲି ଅତିଥି ଗଣ ପ୍ରକାଶ କରିଥିଲେ ଓ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ୨୫୦ ଜଣ ଛାତ୍ରଛାତ୍ରୀଙ୍କୁ ଏହି ପୁସ୍ତକ ବଣ୍ଟନ କରିବାରେ ବାରିପଦାର ଗୋପାଳ ଜିୱେଲାରୀର ଉଦ୍ୟକ୍ତା ମନୋଜ କୁମାର ସାଓ, ସୁରୁ ଟୁଡୁ, ପଦ୍ମଲାଭ ଦାସ, ଅମୁଲ୍ୟ ଜେନା ପ୍ରମୁଖ ସହାୟତା ପ୍ରଦାନ କରିଥିଲେ ଓ ଅନ୍ୟ ମାନଙ୍କ ବିଦ୍ୟାଳୟର ଉପାଧକ୍ଷ, ପ୍ରଶାସନିକ ଅଧିକାରୀ ଜ୍ଞାନେନ୍ଦ୍ର ମହାକୁଡ଼, ବରିଷ୍ଠ ଅଧ୍ୟାପକ ଉପେନ୍ଦ୍ର କୁମାର ରାଉଳ, ଅଧ୍ୟାପକ ସତ୍ୟଜିତ ପଣ୍ଡା, ବିଶ୍ୱଜିତ ମହାନ୍ତ ଓ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଦଳ ଚମ୍ପିୟାନ



ବାରିପଦା, ୧୩/୧୦ (ନି.ପ୍ର): ଓଡିଶା ରାଜ୍ୟ ବିଦ୍ୟାଳୟସ୍ତରୀୟ ୧୭ବର୍ଷରୁ କମ ବାଳକ ବର୍ଗର ଫୁଟବଲ ପ୍ରତିଯୋଗିତା କୋରାପୁଟ ଜିଲ୍ଲା ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ,କୋରାପୁଟ ଠାରେ ଚଳିତ ଅକ୍ଟୋବର ମାସ ୮ ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟିମ କୋଚ ପିଇଟି ମହେନ୍ଦ୍ର ଟୁଡୁ ଓ ଟିମ ମ୍ୟାନେଜର ପିଇଟି ପରୀକ୍ଷିତ ହେମ୍ବ୍ରମ ଙ୍କ ନେତୃତ୍ୱ ରେ ମୟୂରଭଞ୍ଜ ଜିଲ୍ଲା ରୁ ୧୬ ଜଣ ବାଳକ କ୍ରୀଡ଼ାବିତ ଯୋଗ ଦେଇଥିଲେ । ସେମାନେ ହେଲେ ଲକ୍ଷ୍ମୀଧର ସୋରେନ, ଜ୍ୟୋତିରଞ୍ଜନ ମୁର୍ମୁ, ଆୟୁଷ ବେସନ, ମେଘଲାଲ ବାସ୍କେ, ସୌରଭ ଗୁରୁ, ବାପୁନ କିସ୍କୁ, ଇସ୍ମାଇଲ ସିଂ,ରାମ ମୁର୍ମୁ, ବୁଧୁରାମ ସିଂ, ହରିଶଙ୍କର ସିଂ ପୂର୍ତ୍ତି, କିସୁନ ମୁର୍ମୁ, ଲାଲମୋହନ ମୁର୍ମୁ, ଯୋଷେତ ସୋରେନ, ନରେନ୍ଦ୍ର ହେମ୍ବ୍ରମ, ରହିତ ରାଜ ଏକା, ସୁରଜ ମାରାଣ୍ଡି । ପ୍ରଥମ ମ୍ୟାଚ ରେ ମୟୂରଭଞ୍ଜ ଟିମ କେନ୍ଦ୍ରାପଡ଼ା କୁ ୧-୦ ଗୋଲରେ ରେ, ଦ୍ୱିତୀୟ ମ୍ୟାଚ ରେ ବୌଦ୍ଧ କୁ ୩-୦ ରେ,ତୃତୀୟ ମ୍ୟାଚରେ କୋରାପୁଟକୁ ପ୍ୟାନେଲଟି ଶୋର୍ଟ ଆଉଟରେ,କ୍ୱାଟର ଫାଇନାଲ ମ୍ୟାଚରେ କନ୍ଧମାଳ କୁ ପ୍ୟାନେଲଟି ଶୋର୍ଟ ଆଉଟରେ, ସେମିଫାଇନାଲ ରେ ନୂଆପଡା କୁ ୪-୦ ରେ,ଫାଇନାଲ ରେ ଯାଜପୁର କୁ ୧-୦ ରେ ପରାସ୍ତ କରି ଚମ୍ପିୟାନ ହୋଇ ଟ୍ରଫି ଓ ମାନପତ୍ର ଗ୍ରହଣ କରି ପୁରସ୍କୃତ ହୋଇ ମୟୂରଭଞ୍ଜ ଜିଲ୍ଲା କୁ ଗୌରାବାନ୍ୱିତ କରିଛନ୍ତି । ଏହି ଏଇତିହାସିକ ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଚମ୍ପିୟାନ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

# ମଧୁପୁରା ସେବା ସମବାୟ ସମିତିରେ ରଙ୍ଗୋଲି ରାଷ୍ଟ୍ର କାର୍ଯ୍ୟକ୍ରମ

ବାଲିଆପାଳ, ୧୩/୧୦ (ନି.ପ୍ର): ଆଜି ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ସେବା ସମବାୟ ସମିତି ପକ୍ଷରୁ ଖଗଡାପାଳ ମହାଦେବ ମନ୍ଦିର ପ୍ରାଙ୍ଗଣରେ ସେବା ସଙ୍କଳ୍ପ ଅଭିଯାନରେ ବିକଶିତ ଓଡିଶା ବିକଶିତ ଭାରତ କାର୍ଯ୍ୟକ୍ରମ ଜରିଆରେ ରଙ୍ଗୋଲି ରାଷ୍ଟ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପ ସହକାରୀ ନିର୍ବନ୍ଧକ ସମବାୟ ସମିତି ସମୂହର ଜିଲ୍ଲା ନୋଡାଲ ଅଫିସର କାହ୍ନୁଚରଣ ସାହୁ, ଜିଲ୍ଲା ହସ୍ତତନ୍ତ ବୟନ ତତ୍ତ୍ୱବଧାରକ ପ୍ରୀତମ କୁମାର ସାହୁ, ଜିଲ୍ଲା ହସ୍ତଶିଳ୍ପ ବିକାଶ ଅଧିକାରୀ ସୁଭମ ଶତପଥି, ଅଭିମନ୍ୟୁ ସିଂ,ମଧୁପୁରା ସେବା ସମବାୟ ସମିତିର ସଭାପତି ପୂର୍ବତନ ସରପଞ୍ଚ ମୂରଲୀ ମୋହନ ସାହୁ , ଅନ୍ୟ ମାନଙ୍କ ମଧ୍ୟରେ ବାଲିଆପାଳ ବ୍ଲକ ବିଭିନ୍ନ ସମବାୟ ସମିତିରୁ ଆସିଥିବା ସମ୍ପାଦକ ମନୋଜ କୁମାର ରାଉତ, ରାମଚନ୍ଦ୍ର କର,ଭରତ ପାତ୍ର, କୁଞ୍ଜବିହାରୀ ବେହେରା, ଦିଲ୍ଲିପ କୁମାର କର, ଦୀପକ ଦେ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ମଧୁପୁରା ସମିତିର ସଦସ୍ୟ ଅଶୋକ କୁମାର ବାଗ, ଗୋପିନାଥ ମାହାନା, ପଦ୍ମଲୋଚନ ରାଉତ,ପ୍ରମୋଥ ବାରିକ,ଅନନ୍ତ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବ୍ଲକର ବିଭିନ୍ନ ସେବା ସମବାୟ ସମିତିରୁ ଋଣ ନେଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୧୫ଟି ଗୋଷ୍ଠୀର ମହିଳା ମାନଙ୍କ ଦ୍ୱାରା ରଙ୍ଗୋଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ଗୋଷ୍ଠୀ ପ୍ରତିଯୋଗି ମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।ମଧୁପୁରା ସେବା ସମବାୟ ସମିତିର ସମ୍ପାଦକ ପ୍ରତାପ ଚନ୍ଦ୍ର ଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୋଲଗଡ ବ୍ଲକରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଖୋରଧା , ୧୩/୧୦ (ନି.ପ୍ର): ଖୋରଧା ଜିଲ୍ଲା ଅନ୍ତର୍ଗତ ବୋଲଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର ସ୍ମିଥ ପାରୁସୋତ୍ତମ୍ ଦାସଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରର ମାନ୍ୟବର ବିଧାୟକ, ବେଗୁନିଆ, ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ, ଖୋରଧା, ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ,ବି ଡି ଓ , ସୁଶ୍ରୀ ସୁମନ ସୁଦ୍ଧା କୁଣ୍ଡୁ, ଅତିରିକ୍ତ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀମତୀ ସ୍ୱିଟି ସୋରେନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋରଧା, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ,ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୬୮ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୫୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୬ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଅଭିଯୋଗ ଶିବିରରେ ୦୭ ଗୋଟି ଅଭିଯୋଗର ଜିଲ୍ଲାପାଳ ତତ୍କାଳ ସମାଧାନ କରିଥିଲେ । ଭେଷଜ ଚିକିତ୍ସା ନିମନ୍ତେ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଲକ୍ଷ୍ମୀ ଦେଇ, ଗ୍ରାମ ଗର୍ଭଣି ପଡ଼ା, ବୋଲଗଡଙ୍କୁ ୧୫ ହଜାର ଟଙ୍କା, ହିରାମଣୀ ବେହେରା, ଗ୍ରାମ: ମର୍ଧବାଡ଼ି, ବୋଲାଗଡଙ୍କୁ ୨୫ ହଜାର ଟଙ୍କା ଏବଂ ସେକ ଜାଫର , ଗ୍ରାମ :କୁସପଲ୍ଲୀ, ବୋଲଗଡଙ୍କୁ ୧୫ ହଜାର ଟଙ୍କା ଜିଲ୍ଲାପାଳ ସହାୟତା ରାଶି ପ୍ରଦାନ କରିଥିଲେ । ସେହିପରି ଜିଲ୍ଲା ରେଡ୍ କ୍ରସ ପାଣ୍ଠିରୁ ରମେଶ କୁମାର ସ୍ୱାଇଁ, ବୋଲଗଡଙ୍କୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ଶ୍ରୀୟା ଶାଶ୍ୱତୀଙ୍କ ସମେତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ସଦସ୍ୟା/ସଦସ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ତଥା ଅତ୍ୟାବଶ୍ୟକ ସେବା ବିଭାଗର ବରିଷ୍ଠ ଅଧିକାରୀ ବୃନ୍ଦ,ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ,ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

## ବିଦାୟୀ ରାଜ୍ୟପାଳଙ୍କୁ ଭେଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୧୦ (ନି.ପ୍ର): ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଙ୍ଗଳବାର ଦିନ ଲୋକ ଭବନ ଠାରେ ବିଦାୟୀ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ଓଡ଼ିଶାର ରାଜ୍ୟପାଳ ଭାବେ ଡ. ହରିବାବୁ କମ୍ଭମପାଟିଙ୍କ କାର୍ଯ୍ୟକାଳ ସର୍ବଦା ପ୍ରେରଣାଦାୟୀ ହୋଇ ରହିବ। ରାଜ୍ୟର ବିକାଶ ସହ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ତାଙ୍କର ମୂଲ୍ୟବାନ ସେବା ନିମନ୍ତେ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି। ଜନସାଧାରଣଙ୍କ ନିକଟରେ ପହଂଚିବା ଏବଂ ସାମ୍ବିଧାନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଆପଣଙ୍କ ଅବଦାନ ସର୍ବଦା ମାର୍ଗଦର୍ଶନ କରିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ସୁସ୍ଥ, ସମୃଦ୍ଧ ଓ ମଙ୍ଗଳମୟ ଜୀବନ କାମନା କରୁଛି।

# ଭଦ୍ରକରେ 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ 'ରଙ୍ଗୋଲି ରାଷ୍ଟ୍ର' କାର୍ଯ୍ୟକ୍ରମ ଅନୁଷ୍ଠିତ



ଭଦ୍ରକ, ୧୩/୧୦ (ନି.ପ୍ର): ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ଜନସେବାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା 'ସେବା ସଂକଳ୍ପ ଅଭିଯାନ'ର ଅଂଶବିଶେଷ ଭାବେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ରଙ୍ଗୋଲି ରାଷ୍ଟ୍ର' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ହସ୍ତତନ୍ତ ବୁଣାକାର, ହସ୍ତଶିଳ୍ପ କାରିଗର ଓ ଚାଷୀ ଯୋଗଦେଇଥିଲେ। ସମସ୍ତେ ମିଳିତ ଭାବେ ବିଭିନ୍ନ ରଙ୍ଗ, ଫୁଲ ଓ ପତ୍ରର ବ୍ୟବହାର କରି ଏକ ଆକର୍ଷଣୀୟ ରଙ୍ଗୋଲି ଅଙ୍କନ କରିଥିଲେ। ଏହି ସୃଜନଶୀଳ ପ୍ରୟାସ ମାଧ୍ୟମରେ ସାମୂହିକ ସହଭାଗିତା ଓ ଜନସେବାର ଭାବନାକୁ ପ୍ରତିଫଳିତ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ବିଶେଷ କରି ବୁଣାକାର ଓ ହସ୍ତଶିଳ୍ପ କାରିଗରଙ୍କ ଆର୍ଥିକ ଓ ବୃତ୍ତିଗତ ବିକାଶକୁ ଗୁରୁତ୍ୱ ଦେଇ 'ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ବିକାଶ ଯୋଜନା' ଏବଂ 'ମୁଖ୍ୟମନ୍ତ୍ରୀ ହସ୍ତଶିଳ୍ପୀ ଅଭିବୃଦ୍ଧି ଯୋଜନା' ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ଜଗବନ୍ଧୁ ସାହୁ, ଭଦ୍ରକ ଉପନିବନ୍ଧକ ସମବାୟ ସମିତି ଶ୍ରୀ ଦୁଃଖିଆ ଟୁଡୁ, ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରକାଶ କୁମାର ମିଶ୍ର, ବାଲେଶ୍ୱର କାର୍ଯ୍ୟାଳୟର ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ତଥା ଏସ୍.ଏ.ଆର.ସି.ଏସ୍. ଶ୍ରୀ ତାରିଣୀ ପ୍ରସାଦ ଛାଟୋଇ, ବୟନ ନିରୀକ୍ଷକ ଶ୍ରୀ ସିଦ୍ଧାର୍ଥ ମୋହନ ପଣ୍ଡା ଏବଂ ବୈଷୟିକ ସହାୟକ ଶ୍ରୀ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବୁଣାକାର, ହସ୍ତଶିଳ୍ପ କାରିଗର ଓ ଚାଷୀଙ୍କୁ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିବା ସହ ସେମାନଙ୍କ ଜୀବିକା ଓ ଦକ୍ଷତାର ବିକାଶ ଦିଗରେ ଏଭଳି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚିତ ହୋଇଛି।

# ସ୍ୱର୍ଣ୍ଣଚୁଡ଼ କଲେଜରେ ସାଇନ୍ ଡ଼ାଏ ଘୋଷଣା: ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କଲେଜ ବନ୍ଦ



ନୀଳଗିରି , ୧୩/୧୦ (ନି.ପ୍ର): କଲେଜରେ ଛାତ୍ରସଂସଦ ନିର୍ବାଚନ ପାଇଁ କ୍ୟାମ୍ପସ ସରଗରମ ହୋଇପଡ଼ିଥିବା ବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ମିତ୍ରପୁର ସ୍ଥିତ ସ୍ୱର୍ଣ୍ଣଚୁଡ଼ କଲେଜରେ ଛାତ୍ର ଅଶାନ୍ତିକୁ ନେଇ ସାଇନ୍ ଡାଏ ଘୋଷଣା କରିଛନ୍ତି କଲେଜ କର୍ତ୍ତୃପକ୍ଷ। ମଙ୍ଗଳବାର ୧୩ତାରିଖ କିଛି ବିସିଜେଡି ଛାତ୍ରଛାତ୍ରୀ କ୍ୟାମ୍ପସ ପରିସରରେ ଏଆଇ ଜେନେରେଟେଡ ପୁସିଂ କାର୍ଡ ବାଣ୍ଟିବାକୁ ନେଇ ଏବିଭିପି ଛାତ୍ରଛାତ୍ରୀ ବିରୋଧକରି ଅଧକ୍ଷାଙ୍କ ଠାରେ ଅଭିଯୋଗ କରିବାସହିତ କଲେଜ ଗେଟରେ ତାଲାପକାଇ ଦେଇଥିଲେ। ବିସିଜେଡି ଛାତ୍ରଛାତ୍ରୀମାନେ ଛାତ୍ରସଂସଦ ନିର୍ବାଚନୀ ନିୟମ ଉଲଂଘନ କରିଥିବା ଅଭିଯୋଗ ଆଣିବାସହିତ ସେମାନଙ୍କ ସଭ୍ୟପଦ ରଦ୍ଦକରିବା ଏବଂ ଲିଫଲେଟ ବାଣ୍ଟିବାର ସିସିଟିଭି ଫୁଟେଜ ଦେଖାଇବାକୁ ଅଡି ବସିଥିଲେ। ଅପରପକ୍ଷରେ ନିର୍ବାଚନରେ ପରାଜିତହେବା ଭୟରେ ଏବିଭିପି ଛାତ୍ରଛାତ୍ରୀମାନେ ଏଭଳି ଅଭିଯୋଗ ଆଣିଥିବା ସୂଚନା ଦେଇଛନ୍ତି।ଫଳରେ ମହାବିଦ୍ୟାଳୟରରେ ଦିନ ୧୧.୩୦ଠାରୁ ଅଶାନ୍ତି ଜାରିରହିଥିଲା। ଖବରପାଇ ନୀଳଗିରି ଥାନାର ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ଏକ ପୋଲିସଟିମ୍ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ପରେ ସଂଧ୍ୟାରେ ବାଲେଶ୍ୱର ଆଡିସନାଲ୍ ଏସପି ପ୍ରମୋଦ କୁମାର ମଲ୍ଲିକ କଲେଜରେ ପହଞ୍ଚି ଅଧକ୍ଷାଙ୍କ ସହିତ ଆଲୋଚନା କରିଥିବାବେଳେ ଉଭୟ ଛାତ୍ରସଂଗଠନର ଛାତ୍ରଛାତ୍ରୀଙ୍କ ସହ ଆଲୋଚନାକରି ଗେଟର ଚାବି ଖୋଲିଥିଲେ। ତେବେ କ୍ୟାମ୍ପସରେ ହିଂସାକାଣ୍ଡ ଗୁରୁତର ଥିବାର ଆଶଙ୍କାକରି ଛାତ୍ରଛାତ୍ରୀ, କର୍ମଚାରୀ, ଏବଂ ସଂସ୍ଥାର ସମ୍ପତ୍ତିର ସୁରକ୍ଷାକୁ ନଜରରଖି କଲେଜକୁ ଅନିର୍ଦ୍ଦିଷ୍ଟ କାଳପାଇଁ ବନ୍ଦ ଘୋଷଣା କରାଯାଇଛି। ସମସ୍ତ ଛାତ୍ରଛାତ୍ରୀମାନଙ୍କୁ କଲେଜ କ୍ୟାମ୍ପସ ଏବଂ ହଷ୍ଟେଲ ଖାଲିକରି ଘରକୁ ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ସମସ୍ତ ପାଠ୍ୟକ୍ରମ, ପରୀକ୍ଷା,ବୈଠକ, ସହ-ପାଠ୍ୟକ୍ରମ ଏବଂ ଅନ୍ୟାନ୍ୟ ଏକାଡେମିକ କାର୍ଯ୍ୟକଳାପ ସ୍ଥଗିତ ରଖାଯାଇଛି।

# ରୂପ୍ସା ନୀଳମଣି କଲେଜରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିର୍ବାଚନ ସ୍ଥଗିତ

ବସ୍ତା, ୧୩/୧୦ (ନି.ପ୍ର): ବାଲେଶ୍ୱର ଜିଲା ରୂପସା ନୀଳମଣି କଲେଜରେ ଗଣ୍ଡଗୋଳିଆ ପରିସ୍ଥିତି ଯୋଗୁଁ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିର୍ବାଚନକୁ କାର୍ଯ୍ୟକାରୀ ଅଧକ୍ଷ ତପନ କୁମାର ବେହେରା ବାତିଲ କରି ଦେଇଛନ୍ତି ।ରାଜ୍ୟ କଲେଜ ନିର୍ବାଚନ ଅଧିକାରୀ ମୌସୁମୀ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଓ ଉପଜିଲ୍ଲାପାଳ ଶିବ ମାଲବ୍ୟଙ୍କ ପରାମର୍ଶରେ କାର୍ଯ୍ୟକାରୀ ଅଧକ୍ଷ ଶ୍ରୀ ବେହେରା ଏହି ନିଷ୍ପତ୍ତି ଗ୍ରହଣ କରିଥିବା ଜଣାଯାଇଛି ।ପ୍ରାପ୍ତ ସମାଚାରରୁ ପ୍ରକାଶ ଯେ ଦୁଇ ଜଣ କଲେଜ କର୍ମଚାରୀ ଗୋଟିଏ ଗୋଷ୍ଠୀ ସପକ୍ଷରେ ନିର୍ବାଚନକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ବେଳେ ଅନ୍ୟ ଗୋଷ୍ଠୀ ତାହାର ପ୍ରବଳ ବିରୋଧ କରିଥିଲେ। ଏପରିକି ରୂପସା ଥାନ ।ରେ ଏବାବଦରେ ଏତାଲା ଦେଇ ସେ ଦୁହିଁଙ୍କୁ ଗିରଫ କରିବା ପାଇଁ ଅଡ଼ି ବସିଥିଲେ। ଏହାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାଛଡା ଗୋଟିଏ ଛାତ୍ର ଗୋଷ୍ଠୀ ମହିଳା ଛାତ୍ର ।ବାସରେ ଭୋଜି ଦେଇଥିବା ବେଳେ ଅନ୍ୟ ଗୋଷ୍ଠୀ ମଧ୍ୟ ସେହି ଛାତ୍ର। ବାସରେ ଭୋଜି ଦେବାକୁ ଜିଦ ଧରିଥିଲେ। ଏସବୁକୁ କେନ୍ଦ୍ର କରି ଉତ୍ତେଜନା ଚରମ ସୀମାରେ ପହଞ୍ଚିବାରୁ କଲେଜ ନିର୍ବାଚନ ବାତିଲ ତଥା କଲେଜ ସାଇନ ଡ଼ ।ଏ ଘୋଷଣା କରାଯାଇଛି ବୋଲି କାର୍ଯ୍ୟକାରୀ ଅଧକ୍ଷ ଶ୍ରୀ ବେହେରା କହିଛନ୍ତି। ଆଜି ଠାରୁ କଲେଜ ବନ୍ଦ ହୋଇଥିବା ବେଳେ କଲେଜ ଖୋଲିଲେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ଜଣା ଯାଇଛି।

# ଛାତ୍ର ସଂସଦ ନିର୍ବାଚନ ଲାଗି କଲେଜରେ ରାଜନୈତିକ ଉଷ୍ମତା: ଦୁଲୁକୁଛି କଲେଜ କ୍ୟାମ୍ପସ




ବସ୍ତା ୧୩.୧୦(ନିପ୍ର):ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ନାଟାକଟା ପଞ୍ଚାୟତ ସ୍ଥିତ ଅମର୍ଦାରୋଡ ସିଦ୍ଧେଶ୍ୱର ଡିଗ୍ରୀ କଲେଜରେ ଚଳିତ ବର୍ଷ ଛାତ୍ର ନିର୍ବାଚନକୁ ନେଇ କ୍ୟାମ୍ପସ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ବେଶ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ସିଦ୍ଧେଶ୍ୱର ଡିଗ୍ରୀ କଲେଜ ଦୁଇ ପ୍ରମୁଖ ଦଳ ଏବିଭିପି ଓ ବିସିଜେଡି ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଛି।୧୫ ତାରିଖରେ ହେବାକୁ ଥିବା ନିର୍ବାଚନରେ ବିଜୁ ଛାତ୍ର ଜନତା ଓ ଏଭିଭିପି ମଧ୍ୟରେ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ ହୋଇଛି। ଛାତ୍ର ସଂସଦ ନେତାମାନେ ଜୋର ସୋରରେ ସକାଳ ଠାରୁ ପ୍ରାୟ ରାତ୍ରୀ ପ୍ରଯ୍ୟନ୍ତ କଲେଜ ପରିସର ଓ କଲେଜ ବାହାରେ ମେସ, ହଷ୍ଟେଲ ଓ ଛାତ୍ର/ଛାତ୍ରୀଙ୍କ ଘରକୁ ଘର ବୁଲି ପ୍ରଚାର କରୁଥିବାର ଦେଖି ବାକୁ ମିଳୁଛି। କ୍ୟାଂପେନିଙ୍ଗ ପରେ କଲେଜ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ କିଏ ଆଇସକ୍ରିମ, ଗୁପଚୁପ, ଚକଲେଟ ଦେଇ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।ଦୁଇ ଦଳର ପୂର୍ବତନ ଛାତ୍ର ନେତା ଓ ଦଳୟ ନେତା କଲେଜ ବାହାରେ ରହି ନିଜର ଦଳୟ ସମର୍ଥିତପ୍ରାର୍ଥି ମାନଙ୍କ ସହ ରାଜନୈତିକ ଗୋଟି ଚାଳଣ କରୁଥିବାର ଦେଖିବାକୁ ମିଳିଛି। ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ କିପରି ନ ହେବ ସେଥିପାଇଁ ବସ୍ତା ଆଇ ଆଇ ସି ରଞ୍ଜିତ କୁମାର ସାହୁ ପୋଲିସ ମୁତୟନ କରିବା ସହିତ ଅମର୍ଦାରୋଡ ଫାଣ୍ଡି ଏସ ଆଇ ବିଜୟ କୁମାର ବାରିକ ଓ ସଦଳବଳେ ପେଟ୍ରୋଲିଙ୍ଗ ଜୋରଦାର କରିଥିବା ଦେଖିବାକୁ ମିଳିଛି।

# ଦେଶଭକ୍ତିର କଥା କହେ ଗୋପବନ୍ଧୁଙ୍କ ସାହିତ୍ୟ : ପ୍ରମିଳା ପଣ୍ଡା




ଉଦଳା , ୧୩/୧୦ (ନି.ପ୍ର): ଉତ୍କଳମଣି ଗୋପବନ୍ଧୁଦାସଙ୍କ ସାହିତ୍ୟକୃତିକୁ ନେଇ ଏକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବର ପର୍ବ ଚଳିତ ଅକ୍ଟୋବର ୯ତାରିଖ ଦିନ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଉତ୍କଳମଣିଙ୍କ ୧୪୯ତମ ଜୟନ୍ତି (ସେବା ଦିବସ) ପାଳନ ଅବସରରେ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ଓ ଅଟୋ ମାଲିକ ସଂଘ ଉଦଳାର ମିଳିତ ଆନୁକୁଲ୍ୟରେ ଏପରି ଏକ ପର୍ବ ଆୟୋଜିତ ହୋଇଥିବାର ଜଣାଯାଇଛି । ସେବା ଟ୍ରଷ୍ଟର ସଭାପତି ତଥା ନଗରପାଳ ପ୍ରମିଳା ପଣ୍ଡା ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ଗୋପବନ୍ଧୁଙ୍କ ସାହିତ୍ୟରେ କିପରି ଦେଶଭକ୍ତିର କଥା ପୁରି ରହିଛି ବିସ୍ତୃତ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଭୋଳାନାଥ ସାହୁ, 'ମଶାଲ' ପତ୍ରିକାର ସଂପାଦକ ରବିକାନ୍ତ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ଯୋଗଗୁରୁ ବ୍ରହ୍ମାନନ୍ଦ ନାୟକ, ଆଇନଜୀବି ସତ୍ୟବ୍ରତ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରି ଗୋପବନ୍ଧୁଙ୍କ କାବ୍ୟ କବିତା ଜନମାନସକୁ କିଭଳି ପ୍ରଭାବିତ କରିଥିଲା ଓ ସ୍ୱାଧିନତା ସଂଗ୍ରାମୀ ମାନଙ୍କୁ ଆନ୍ଦୋଳନରେ ଆଗେଇଯିବା ପାଇଁ ପ୍ରେରଣା ଯୋଗାଇଥିଲା ସେ ସମ୍ପର୍କରେ ଆଲୋକପାତ କରିଥିଲେ । ପରେ କବୟିତ୍ରି ନମିତା ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମନୋରଂଜନ ମଳିକ, ଆଶିଷ ମଳିକ, ଚନ୍ଦନେଶ୍ୱର ମହାନ୍ତି, ନିର୍ମଳା ରାୟ, ପ୍ରମିଳା ଜେନା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଅତିତରେ ଏହିମଂଚରେ ବହୁବାର କବିତା ସଂଯୋଜନା ଦାୟିତ୍ୱ ତୁଲାଇଥିବା କବି ଇନ୍ଦ୍ରମଣି ବିନ୍ଧାଣୀଙ୍କର ନିକଟରେ ଦେହାନ୍ତ ହୋଇଯାଇଥିବାରୁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସୁବ୍ରତ କୁମାର ମହାନ୍ତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାମ୍ୱାଦିକ ହିମାଦ୍ରି ଶେଖର ପାଲ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଲକ୍ଷ୍ମଣ ମହାପାତ୍ର, ଅଶୋକ କଳିଆ, ଗୌରଚନ୍ଦ୍ର ଜେନା, ରଶ୍ମିରଂଜନ ମହାନ୍ତ, ଜୟରାମ ବାଙ୍କିରା, ବେଣୁଧର କଂଟାବାଉଁଶିଆ, ମଧୁସ୍ମିତା ସ୍ୱାଇଁ, ସୁକୁମାରି ମୁର୍ମୁ, ରୋଜାଲିନ ପୁହାଣ ପ୍ରମୁଖ ସହଯୋଗ କରିଥିଲେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida